# ପରିବେଶ ସୁରକ୍ଷାରେ ସମ୍ମିଳିତ ଉଦ୍ୟମ ଲୋଡ଼ା








ପରିବେଶ ସଚେତନତା କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ରମାନେ। ବିଶ୍ୱ ପରିବେଶ ଦିବସରେ ବୃକ୍ଷଚାରା ରୋପଣ କରାଯାଉଛି। ବିଶ୍ୱ ପରିବେଶ ଦିବସ ପାଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ବରଗଡ଼,୬।୬(ପ୍ରେମାନନ୍ଦ ଖମାରୀ)

ବରଗଡ ଜିଲା ଭଟଲି ବ୍ଲକ ଅନ୍ତର୍ଗତ ଗୋପାଳପୁରସ୍ଥିତ ଆଶ୍ରମ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଭଟଲି ବ୍ଲକ ପରିବେଶ ସଚେତନତା ମଞ୍ଚ ଆନୁକୁଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପରିବେଶବିତ୍ ସଞ୍ଜୟ ଖମାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଉଚ୍ଛବ ଭୁଏ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଶୀଲ କୁମାର ସାହୁ, ମୁଖ୍ୟବକ୍ତା ଭାବେ ପ୍ରକୃତିବନ୍ଧୁ ଦୟାନିଧି ପଧାନ, ସମ୍ମାନିତ ଅତିଥି ଭାବେ ହାସ୍ୟକବି ଦେବେନ୍ଦ୍ର ସାହୁ, ବନପାଳ ରାଜେନ୍ଦ୍ର ସିଂ, ସିଆରସିସି ଲୋକନାଥ ମେହେର, ପରିବେଶବିତ୍ ସଞ୍ଜୟ ଖମାରୀ ଯୋଗଦେଇଥିଲେ। ଅତିଥିବୃନ୍ଦ ବିଶ୍ୱ ପରିବେଶ ଦିବସର ମହତ୍ତ୍ୱ ଓ ଜନ ସାଧାରଣଙ୍କ ଭୂମିକା ବିଷୟରେ ଆଲୋକପାତ କରିଥିଲେ।

## ବିଶ୍ୱ ପରିବେଶ ଦିବସରେ ମତ

ପରିବେଶ ସୁରକ୍ଷାରେ ସମ୍ମିଳିତ ଉଦ୍ୟମ ଲୋଡ଼ା ବୋଲି ସେମାନେ ମତପ୍ରକାଶ କରିଥିଲେ। ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ପରିବେଶ ସଚେତନତା ଏବଂ ସୁରକ୍ଷା ପାଇଁ ଚଳିତ ବର୍ଷର ବିଷୟ ବସ୍ତୁ 'ଜମି ପୁନରୁଦ୍ଧାର, ମରୁଭୂମି ଓ ମରୁଡ଼ିର ସ୍ଥିରତା' ଉପରେ ବୈଠକରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏକ ବ୍ଲକସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗୀତା କରାଯାଇଥିଲା। 'ମରୁଡ଼ିର ଏକ ଦୃଶ୍ୟ' ଶୀର୍ଷକ ଚିତ୍ରାଙ୍କନ ପ୍ରତିଯୋଗିତାରେ ବରିଷ୍ଠ ବିଭାଗରୁ ହିମାଦ୍ରି ସାହୁ, ଚିନ୍ମୟୀ ପାଣିଗ୍ରାହୀ ଏବଂ ଡୋନା ନାଏକ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ କନିଷ୍ଠ ବିଭାଗରୁ ସୌମ୍ୟାଶ୍ରୀ ନାଏକ, ସମ୍ରାଟ ସାହୁ ଏବଂ କୌଶକୀ ପଧାନ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପଞ୍ଚବଟି ବନ ସଂରକ୍ଷଣ ସମିତି, ବେଲବାହାଲିର ସଭାପତି ଖଡ୍ଡୁ ବିଶ୍ୱାଳ, ବନ ସଂରକ୍ଷଣ ସମିତି, ବିଶାଲପାଲିର ସଦସ୍ୟ ବଳରାମ ବନଛୋର୍ ଉପସ୍ଥିତ ଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ଅନନ୍ତ ସାହୁ, ସଭ୍ୟ କ୍ଷୀରୋଦ୍ର ନାଏକ, ଶିକ୍ଷକ ଦିଲ୍ଲୀପ ପଧାନଙ୍କ ସମେତ ଇକୋ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ପ୍ରଧାନ ଶିକ୍ଷକ ଉଚ୍ଛବ ଭୁଏ ସଭା ପରିଚାଳନା କରିଥିବା ବେଳେ ଶିକ୍ଷକ ଅଷ୍ଟମନ୍ୟୁ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। କ୍ରମବର୍ଦ୍ଧିଷ୍ଣୁ ତାପମାତ୍ରରୁ ଧରାପୃଷ୍ଠକୁ ରକ୍ଷା କରିବା ପାଇଁ ବୃକ୍ଷରୋପଣ ଏକାନ୍ତ ଅନିବାର୍ଯ୍ୟ। ଏହି କ୍ରମରେ ବରଗଡ଼ର ସ୍କୁଲ ଅଫ ଫାଇନ ଆର୍ଟ (ସୋଫା) ପକ୍ଷରୁ ବିଶ୍ୱ ପରିବେଶ ଦିବସରେ ସହରର ବିଭିନ୍ନ ସ୍ଥାନରେ ବୃକ୍ଷ ରୋପଣ କରାଯାଇଛି। ବରଗଡ ଜର୍ଜ ହାଇସ୍କୁଲ ଏବଂ ବର୍ଡୋଲ ପାଖରେ ଅନୁଷ୍ଠାନ ପକ୍ଷରୁ ପିପଲ ଏବଂ ବରଗଛ ରୋପଣ କରାଯାଇ ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଥିଲା। ଅନୁଷ୍ଠାନର ଛାତ୍ରମାନଙ୍କ ସହିତ ରାଜେନ୍ଦ୍ର ସିକନ୍ଦର, ସମ୍ପାଦକ, ତ୍ରିଲୋକ୍ୟ ମହାନନ୍ଦ, ବିପ୍ଳବ ସୁରୁଜାଲ, ଅନ୍ତର୍ଯ୍ୟାମୀ ସୁନା, ପ୍ରଶାନ୍ତ ଶର୍ମା ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ

ସେହିପରି ବରଗଡ଼ ଜିଲା ଆଇନ ସେବା ପ୍ରାଧିକରଣ ସଂସ୍ଥା ଏବଂ ଜିଲା ବନ ବିଭାଗ ସହଯୋଗରେ ସ୍ଥାନୀୟ ବରଗଡ଼ ଜର୍ଜ ଉଚ୍ଚ ବିଦ୍ୟାଳୟ ପରିସରରେ ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ଆଇନ ସେବା ପ୍ରାଧିକର ସଚିବ କମଳାକାନ୍ତ ରାଉତଙ୍କ ଅଧକ୍ଷ୍ୟତାରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଭାରେ ପରିବେଶ ସୁରକ୍ଷା ଉପରେ ଆଲୋକପାତ କରାଯାଇଥିଲା। କାର୍ଯ୍ୟକ୍ରମରେ ବରଗଡ ଅତିରିକ୍ତ ଜିଲା ବିଚାରପତି ସଂଘମିତ୍ରା ଶର୍ମା, ରେଜିଷ୍ଟ୍ରାର ବିଭୁ କଲ୍ୟାଣ ପାଢୀ, ବରିଷ୍ଠ ଦେବାନୀ ବିଚାରପତି ବର୍ଷା ଶର୍ମା, ପ୍ରଥମ ଶ୍ରେଣୀ ବିଭାଗୀୟ ବିଚାରପତି ମଧୁସ୍ମିତା ମହାପାତ୍ର, ବରଗଡ ବନଖଣ୍ଡ ଅଧିକାରୀ ବିକ୍ରମଦେବ ପଟ୍ଟନାୟକ, ଜଙ୍ଗଲ ବିଭାଗର ଉପ ସଂରକ୍ଷକ ରଜେନ୍ଦ୍ର କୁମାର ଭୋଇ, ରେଞ୍ଜର ଆରତୀ ନେଗି, ଜର୍ଜ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଶାଶ୍ୱତୀ ଦାଶ, ବରଗଡ ଜର୍ଜ ଉଚ୍ଚ ବିଦ୍ୟାଳୟ ପୂର୍ବତନ ଶିକ୍ଷକ ତଥା ପ୍ରକୃତିମିତ୍ର ପୁରସ୍କାରପ୍ରାପ୍ତ ଡ. ଡୋଲାମଣି ଶତପଥୀ ଏବଂ ଅନ୍ୟାନ୍ୟ ପ୍ରକୃତିପ୍ରେମୀ ଯୋଗଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ କିସମର ବୃକ୍ଷଚାରା ରୋପଣ କରାଯାଇଥିଲା। ବୃକ୍ଷରୋପଣ କାର୍ଯ୍ୟକ୍ରମ ପରେ ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟରେ ଏକ ପରିବେଶ ସୁରକ୍ଷା ସମ୍ବନ୍ଧୀୟ ସଚେତନତା ଶିବିର ଆୟୋଜନ କରାଯାଇଥିଲା। ସଚେତନତା ଶିବିରରେ କୃଷି ବିଭାଗ ଅଧିକାରୀ ଗୋବିନ୍ଦଚନ୍ଦ୍ର ପଣ୍ଡା, ରବିନାରାୟଣ ସେନାପତ, ପ୍ରସନ୍ନ କୁମାର ମିଶ୍ର ଯୋଗଦେଇ ପରିବେଶ ସୁରକ୍ଷା ଉପରେ ଆଲୋକପାତ କରିଥିଲେ।

## ଗଛ କାଟି ଦେଉଛି ଟାଟା ପାୱାର

ପଦ୍ମପୁର,୬।୬(ପ୍ରଦୀପ୍ତ ଦାଶ): ବର୍ତ୍ତମାନ ପ୍ରଚଣ୍ଡ ରୌଦ୍ର ତାପକୁ ବନିକରଣ ଉପରେ ଗୁରୁତ୍ୱ ଦିଆଯାଉଛି। ଏହା ସହିତ ବିଭିନ୍ନ ସ୍ଥାନରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇ ଜନସାଧାରଣଙ୍କୁ ଗଛ ଲଗାଇବା ପାଇଁ ସଚେତନତା ସୃଷ୍ଟି କରାଯାଉଛି। ହେଲେ ଏଭଳି ସ୍ଥଳେ ବିଦ୍ୟୁତ୍ ଯୋଗାଣ ସଂସ୍ଥା ଟ୍ରମିଂ ନାମରେ ଗଛ କାଟି ଦେଉଥିବା ଦେଖିବାକୁ ମିଳିଛି। ବିଶେଷ କରି ରାସ୍ତା କଡରେ ଲଗାଯାଇଥିବା ଗଛଗଡିକୁ କାଟି ନଷ୍ଟ କରୁଛନ୍ତି। ଯାହାକି ପଥିକମାନେ ଛାଇ ପାଇବାରୁ ବଞ୍ଚିତ ହେଉଛନ୍ତି। ଏ ସମ୍ପର୍କରେ ପଦ୍ମପୁର ବନ ବିଭାଗ ରେଞ୍ଜର ସୁଦାମ ଜଗଦଲାମ୍‌ଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ ସେ କହିଥିଲେ ଯେ ତିନି ମାସ ପୂର୍ବରୁ ଗାଇସିଲେଟ ରାସ୍ତାରେ ଟାଟା ପାୱାର ଦ୍ୱାରା ଗଛ କାଟୁଥିବା ଅଭିଯୋଗ ପାଇ ଆମେ ତାଗିଦ କରିଥିଲୁ। ଯଦି ପୁଣି ଗଛ କାଟୁଛନ୍ତି ତାହେଲେ ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଛନ୍ତି।



## ବଜ୍ରପାତରେ ଜଣେ ମୃତ, ୩ ଆହତ

ବରପାଲି,୬।୬(ଚିତ୍ତରଞ୍ଜନ ସାହୁ)

ବରଗଡ଼ ଜିଲା ବରପାଲି ବ୍ଲକ ଅନ୍ତର୍ଗତ ରେଟାମୁଣ୍ଡା ନିକଟରେ ଗତ ମଙ୍ଗଳବାର ରାତ୍ରିରେ ବଜ୍ରପାତରେ ଜଣକଙ୍କ ମୃତ୍ୟୁ ହୋଇଥିବା ବେଳେ ୩ ଜଣ ଆହତ ହୋଇଥିବା ଜଣାପଡିଛି। ମୃତକ ହେଲେ ରେଟାମୁଣ୍ଡା ଗ୍ରାମର ସୁରେଶ ଧରୁଆ (୪୫)। ଆହତମାନେ ହେଲେ ଗୁଣନିଧି ଚାଉଁର, ଭଟିଗାଁର କଇରୁ ଭୋଇ, ଗୁଲିହାପଦର ଗ୍ରାମର ଗଣେଶ ବାରିକ। ସୂଚନାରୁ ପ୍ରାପ୍ତ ଯେ, ବରପାଲି ବ୍ଲକ ଅନ୍ତର୍ଗତ ରେଟାମୁଣ୍ଡା ନିକଟ ଅବସ୍ଥିତ ବାହାଲ ପୋଲ ପାଖରେ ଚାଷୀ ଧାନ କାଟିବା ସମୟରେ ପବନ ସହ ବର୍ଷା, ଘଡଘଡି ସହ ବଜ୍ରପାତ ହେବାରୁ ୪ଜଣ ଗୁରୁତର ଆହତ ହୋଇଥିଲେ। ଲୋକେ ଘଟଣାସ୍ଥଳରେ ପହଞ୍ଚି ପ୍ରାରମ୍ଭିକ ଚିକିତ୍ସା ପାଇଁ ଡୁଙ୍ଗୁରିପାଲି ଡାକ୍ତରଖାନାକୁ ନେଇଥିଲେ। ଏମାନେ ହେଲେ ରେଟାମୁଣ୍ଡା ଗ୍ରାମର ସୁରେଶ, ଗୁଣନିଧି, ଭଟିଗାଁର କଇରୁ, ଗୁଲିହାପଦର ଗ୍ରାମର ଗଣେଶଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରଯାଇଥିଲା। ଡାକ୍ତର ସୁରେଶଙ୍କୁ ମୃତ ଘୋଷଣା କରିଥିଲେ। ବରପାଲି ତହସିଲଦାର ରୁକ୍ମଣ ମେହେରଙ୍କ ଆଦେଶକ୍ରମେ ସୁଜିଆ ରେଭିନ୍ୟୁ ଇନ୍ସପେକ୍ଟର ଓ ବରପାଲି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ପୋଲିସ ଶବ ଜବତ ବ୍ୟବଚ୍ଛେଦ କରିବା ପାଇଁ ବରଗଡ ପଠାଇଥିଲା। ବରପାଲି ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ମୃତକଙ୍କ ଗୋଟିଏ ପୁଅ ଓ ଗୋଟିଏ ଝିଅ ଅଛନ୍ତି। ପ୍ରଶାସନ ତୁରନ୍ତ ମୃତ ଓ ଆହତଙ୍କ ଆବଶ୍ୟକ ସହାୟତା ପ୍ରଦାନ କରିବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।

# ନବନିର୍ବାଚିତ ଏମ୍‌ପି ପ୍ରଦୀପ ପୁରୋହିତଙ୍କୁ ସମ୍ବର୍ଦ୍ଧନା

ପାଇକମାଳ,୬।୬(ବଡ ଶତପଥୀ)

ବରଗଡ଼ର ନବନିର୍ବାଚିତ ଏମ୍‌ପି ପ୍ରଦୀପ ପୁରୋହିତ ନୃସିଂହନାଥ ନିକଟସ୍ଥ କସ୍ତୁରବା ଗାନ୍ଧୀ ମାତୃ ନିକେତନ ଯାଇ ସ୍ୱାଧୀନତା ସଂଗ୍ରାମୀ ପାର୍ବତୀ ଗିରୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ତାଙ୍କ ସଙ୍ଗେ ସ୍ତ୍ରୀ ପ୍ରତିମା ପୁରୋହିତ ଯାଇ ଆଶ୍ରମ ଅନ୍ତେବାସୀଙ୍କୁ ଆଇସକ୍ରିମ ତଥା ସରବତ ପ୍ରଦାନ କରିବା ସହ ଆଶ୍ରମର ଉନ୍ନତି ପାଇଁ ସବୁବେଳେ ସକ୍ରିୟ ଯୋଗଦାନ କରିବି ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଗୁରୁବାର ନୃସିଂହନାଥ ଲାୟନ୍ସ କ୍ଲବ ପାଇକମାଳ ପକ୍ଷରୁ ନବନିର୍ବାଚିତ ଏମ୍‌ପି ପୁରୋହିତ ସମ୍ବର୍ଦ୍ଧିତ କରାଯାଇଥିଲା। ଅଞ୍ଚଳର ବିକାଶ ଦିଗରେ ସବୁପ୍ରକାର ଚେଷ୍ଟା କରିବାକୁ କ୍ଲବ ସଦସ୍ୟମାନେ ଅନୁରୋଧ କରିଥିଲେ। ଲାୟନ୍ସ କ୍ଲବର ନନ୍ଦଲାଲ ନୟକ ଜନାର୍ଦ୍ଦନ ପଣ୍ଡା, ଡା. ଲମ୍ବୋଦର ପଣ୍ଡା, ଡା. ରାଜୀବ ପଟ୍ଟନାୟକ, ଶ୍ୟାମଲାଲ ପ୍ରଧାନ, ମୀନକେତନ ବେହେରା, ରାଧେଶ୍ୟାମ ମେହେର, କୀର୍ତ୍ତନ ସୋନି, ଆନନ୍ଦ ଅଗ୍ରୱାଲ, କିଶୋର ବାରିକ, ଅଶୋକ ତାୟଲ, ମୁକେଶ ଅଗ୍ରୱାଲ, ମହମ୍ମଦ ଇଜାଜ, ଡେଭିଡ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତଙ୍କ ସହଯୋଗରେ ବିକାଶଧାରା ଆଗକୁ ବଢ଼ି ଚାଲିବ ବୋଲି ଆଲୋଚନା ହୋଇଥିଲା। ସେଥିରେ ଅଞ୍ଚଳବାସୀଙ୍କ ପ୍ରମୁଖ ଭୂମିକା ରହିବ ବୋଲି ପୁରୋହିତ କହିଥିଲେ।



ଏମ୍‌ପି ପ୍ରଦୀପ ପୁରୋହିତଙ୍କୁ ଲାୟନ୍ସ କ୍ଲବ ପାଇକମାଳ ପକ୍ଷରୁ ସମ୍ବର୍ଦ୍ଧନା ।

# ରାଜବୋଡାସମ୍ବର କୃଷକ ସଙ୍ଗଠନର ବୈଠକ



ପଦ୍ମପୁରଠାରେ ରାଜବୋଡାସମ୍ବର କୃଷକ ସଙ୍ଗଠନର ବୈଠକରେ ଆଲୋଚନା କରାଯାଉଛି।

ପଦ୍ମପୁର,୬।୬(ପ୍ରଦୀପ୍ତ ଦାଶ)

ପଦ୍ମପୁର ଉପଜିଲାପାଳ ଅଫିସ ସମ୍ମୁଖରେ ରାଜବୋଡାସମ୍ବର କୃଷକ ସଙ୍ଗଠନର ପାଇକମାଲ, ଝାରବନ୍ଧ, ଗାଇସେଲିଲେଟ ଏବଂ ପଦ୍ମପୁର ବ୍ଲକର ପ୍ରତିନିଧିମାନଙ୍କ ଏକ ଜରୁରୀ ବୈଠକ ବସିଛି। ବୈଠକରେ ମିଗ ଜୋମ ବୀମା ଜନିତ କ୍ଷତିପୂରଣ, ଧାନ ବିକ୍ରି, ଇନପୁଟ ସବସିଟି, ଜଳସେଚନ ଆଦି ପ୍ରସଙ୍ଗରେ ଆଲୋଚନା ହେଲା। ଆଲୋଚନାରେ ମିଗ ଜୋମରେ ମାତ୍ର ୨୦ କୋଟି ଟଙ୍କା ଚାଷୀ ପାଇଛନ୍ତି ଏବଂ ୩ କୋଟି ଟଙ୍କା ଆଧାର ଲିଙ୍କ ସମ୍ପର୍କ ନ ଥିବାରୁ ସେମାନଙ୍କ ଆକାଉଣ୍ଟରେ କ୍ଷତିପୂରଣ ଟଙ୍କା ପାଇ ନାହାନ୍ତି। ଯେଉଁମାନେ କ୍ଷତିପୂରଣ ପାଇନହାନ୍ତି, ସେମାନଙ୍କ ତାଲିକା ସଙ୍ଗଠନ ପାଖରେ ଅଛି ତାହା ଗ୍ରାମ ଗ୍ରାମରେ ବଞ୍ଚିତ ଚାଷୀମାନଙ୍କୁ ସଂଶୋଧନ କରାଇବା ପାଇ ନିଷ୍ପତ୍ତି ନିଆହୋଇଥିଲା। ଯେଉଁମାନେ କ୍ଷତିଗ୍ରସ୍ତ ହୋଇ କ୍ଷତିପୂରଣ ପାଇ ନାହାନ୍ତି, ସେମାନେ ରିଲାଏନ୍ସ କମ୍ପାନୀକୁ ଲିଖିତ ଅଭିଯୋଗ କରିବାକୁ ସଙ୍ଗଠନ ଅନୁରୋଧ କରିଛି। ରିଲାଏନ୍ସ କମ୍ପାନୀ ବାରମ୍ବାର କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ନ ଦେବା ପାଇଁ ଅନେକ ହଇରାଣ ହରକତ କରୁଥିବାରୁ ଏବଂ ଚାଷୀମାନେ ଏହି କମ୍ପାନୀ ବିଶ୍ୱାସ କରୁ ନ ଥିବାରୁ ତାହାକୁ ବରଗଡ଼ ଜିଲଶରୁ ବାହାର କରିବା ପାଇଁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ନିଷ୍ପତ୍ତି ହୋଇଛି। ପଦ୍ମପୁର ଅଞ୍ଚଳରେ ବିଫଳ ମକା ଚାଷ ଏବଂ ଚଳିତ ଚାଷକୁ ନେଇ ବିହନ, ସାର ଏବଂ ବିଦ୍ୟୁତ୍ ବିଲ ପ୍ରସଙ୍ଗ ନେଇ ପ୍ରଶାସନ ସହିତ ପ୍ରତିନିଧି ମଣ୍ଡଳୀ ଆଲୋଚନା କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଆଲୋଚନାରେ ରମେଶ ମହାପାତ୍ର, ଅଜିତ ଶତପଥୀ, ଲିଙ୍ଗରାଜ ପଧାନ, କୈଳାସ ବାରିକ, ସୁବାସ ସାମନ୍ତରାୟ, ରୋହିତ ପଧାନ, ଅରବିନ୍ଦ ପଣ୍ଡା, ଆନନ୍ଦ ପଧାନ, ବୀରେନ୍ଦ୍ର ପଧାନ, ମୀନକେତନ ବିଶ୍ୱାଳ, ସରୋଜ ସାହୁ ଅଂଶ ଗ୍ରହଣ କରିଥିଲେ।

# ନବନିର୍ବାଚିତ ବିଧାୟିକା ବର୍ଷାଙ୍କୁ ଭବ୍ୟ ସ୍ୱାଗତ

ପଦ୍ମପୁର/ପାଇକମାଳ ,୬।୬
(ପ୍ରଦୀପ୍ତ ଦାଶ/ବଡ଼ ଶତପଥୀ)

ପଦ୍ମପୁର ନିର୍ବାଚନମଣ୍ଡଳୀରୁ ବିଜୁ ଜନତା ଦଳର ପ୍ରାର୍ଥିନୀ ବର୍ଷା ସିଂ ବରିହା ବିଜୟୀ ହୋଇଥିଲେ। ପବିତ୍ର ତୀର୍ଥକ୍ଷେତ୍ର ଶ୍ରୀ ନୃସିଂହନାଥଠାରେ ବିଜେ ମା' ବିନ୍ଧ୍ୟବାସିନୀଙ୍କର ଦର୍ଶନ କରିଥିଲେ। ତାଙ୍କ ସହ ତାଙ୍କ ଶ୍ୱଶୁର ତଥା ପୂର୍ବତନ ବିଧାୟକ ରମା ରଞ୍ଜନ ବଳିୟାର ସିଂ ମା'ଙ୍କ ଦର୍ଶନ କରିଥିଲେ। ମନ୍ଦିର ପ୍ରାଙ୍ଗଣରେ ବିଧାୟିକାଙ୍କୁ ବିଂଝାଲ ସମାଜ ସଭାପତି ଓ ଅନେକ କର୍ମକର୍ତ୍ତା ସମାଜ ରୀତିନୀତି ଅନୁସାରେ ସ୍ୱାଗତ କରିବା ସହିତ ମନ୍ଦିରକୁ ପାଛୋଟି ନେଇଥିଲେ। ମା'ଙ୍କ ପୀଠରେ ସମାଜ ପକ୍ଷରୁ ଏକ ସ୍ୱତନ୍ତ୍ର ପୂଜା ଆୟୋଜନ କରାଯାଇଥିଲା। ପୂଜା ପରେ ବିଧାୟିକା ସମାଜର ସମସ୍ତ ଗୁରୁଜନ ଓ ଉପସ୍ଥିତ ମା'ଭଉଣୀମାନଙ୍କୁ ପ୍ରଣାମ କରିବା ସହିତ ସେମାନଙ୍କୁ ଏହି ବିଜୟ ପାଇଁ କୃତଜ୍ଞତା ଜଣାଇଥିଲେ। ସନ୍ଧ୍ୟାରେ ପାଇକମାଳ ବିଜୁ ଜନତା ଦଳ ପକ୍ଷରୁ ପାଇକମାଳ ପୂର୍ତ୍ତ ବିଭାଗ ଡାକବଙ୍ଗଳା ନିକଟରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ସ୍ଥାନୀୟ ଲୋକମାନେ ପୁଷ୍ପଗୁଚ୍ଛ ପ୍ରଦାନ କରି ଶୁଭେଚ୍ଛା ଜଣାଇଥିଲେସ୍। ଏକ ଶୋଭାଯାତ୍ରାରେ ପାଇକମାଳର ବିଭିନ୍ନ ପଡ଼ା ଯାଇ ବିଧାୟିକା ଧନ୍ୟବାଦ ଜଣାଇଥିଲେ। କାର୍ଯ୍ୟକ୍ରମରେ ପାଇକମାଳ ବିଜେଡି ବ୍ଲକ ସଭାପତି ରାଜେନ୍ଦ୍ର ରାଉତ, ଯୁବ ସଭାପତି ଗୌତମ ସିଂ, ବରିଷ୍ଠ ସଦସ୍ୟ ହୃଦାନନ୍ଦ ବାରିକ ଓ ବହୁ ସଂଖ୍ୟାରେ ଦଳୀୟ କାର୍ଯ୍ୟକର୍ତ୍ତା ସାମିଲ ଥିଲେ।



ବିଧାୟିକା ବର୍ଷା ସିଂ ବରିହାଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

# ପାଇକମାଳ ଅଞ୍ଚଳରେ ସାବିତ୍ରୀ ବ୍ରତ ପାଳନ

ପାଇକମାଳ,୬।୬(ବଡ ଶତପଥୀ)

ବରଗଡ ଜିଲା ପାଇକମାଳ ଅଞ୍ଚଳର ବିଭିନ୍ନ ଗାଁ ଗାଁରେ ସାବିତ୍ରୀ ବ୍ରତ ପାଳନ ହୋଇଯାଇଛି। ପୁରାଣ ପ୍ରସିଦ୍ଧ ଗନ୍ଧମାର୍ଦନ ପର୍ବତର ପାଦଦେଶରେ ଥିବା ନୃସିଂହନାଥ ମନ୍ଦିର ନିକଟସ୍ଥ ଜର୍ଜଗଡ଼ଗ୍ରାମରେ ଏହି ପର୍ବ ପାଳନ ହୁଏ ନିଆରା ଢଙ୍ଗରେ। ଏହିପର୍ବ ପାଳନ ପାଇଁ ଗାଁର ମହିଳାମାନେ ବୁଧବାର ରାତିରେ ଏକ ସଭା କରି କିପରି ପାଳନ ହେବ ସେ ନେଇ ଯୋଜନା ପ୍ରସ୍ତୁତ କରି ଗୁରୁବାର ଏହି ପର୍ବ ମହାଆନନ୍ଦରେ ପାଳନ କରିଛନ୍ତ। ଗ୍ରାମର ମଝିରେ ଥିବା ଏକ ବିରାଟ ବରଗଛ ତଳରେ ସମସ୍ତ ମହିଳା ପୂଜା ସାମଗ୍ରୀ ନେଇ ସୁନ୍ଦର ପୋଷାକ ପିନ୍ଧି ବୋହୂବେଶରେ ସଜାଇ ହୋଇ ପୂଜା କରିଛନ୍ତି। ପୂଜକ ପଣ୍ଡିତ କୁଳମଣି ମିଶ୍ର ଦାୟିତ୍ୱ ତୁଲାଇ ପୂଜାପାଠ କରି ସାବିତ୍ରୀ ବ୍ରତ ପୁରାଣ ପଢି ପୂଜାରେ ବସି ଥିବା ମହିଳାଙ୍କୁ ଶୁଣାଇଥିଲେ। ସମସ୍ତେ ନିଜର ସ୍ୱାମୀ ମାନଙ୍କ ଦୀର୍ଘାୟୁ କାମନା କରି ୭ ଗୋଟିବୁ ଗୁଆ, ଦୁବପାତ୍ର ହଳଦିଗଣ୍ଠି ବ୍ରତ ଫୁଲ ଫଳ ଧରି ବରଗଛକୁ ସାତ ଥର ପ୍ରଦକ୍ଷୀଣ କରି, ଧୂପ ଆଳତି ଦେଇ ମୁଣ୍ଡିଆ ମାରି ପୂଜା ଶେଷ କରିଥିଲେ। ନିଜ ଘରକୁ ଫେରି ଆସି ସ୍ୱାମୀ ଦେବତାମାନଙ୍କୁ ପୂଜା ଘର ପାଖରେ ୧୦୮ଗୋଟି ଦୁବରେ, ଆରତୀ ଉତାରି, ଗୋଡ ଧୋଇ, ଗୋଡ ଧୁଆ ପାଣି ପିଇଥିଲେ। ପୂଜା ସାରିବା ପରେ କେବଳ ଫଳ ମୂଳ ଖାଇବା ପାଇଁ କହିବା ସହ ନିର୍ଜଳା ଉପବାସ କରିବା ସାବିତ୍ରୀ ବ୍ରତର ନିୟମ ଅଛି ବୋଲି ପଣ୍ଡିତ ମିଶ୍ର କହିଥିଲେ।



ମହିଳାମାନେ ପୂଜାର୍ଚ୍ଚନା କରୁଛନ୍ତି।

## ବିଶ୍ୱ ପରିବେଶ ଦିବସରେ ସଚେତନତା ଶୋଭାଯାତ୍ରା

ପଦ୍ମପୁର,୬।୬(ପ୍ରଦୀପ୍ତ ଦାଶ): ବିଶ୍ୱ ପରିବେଶ ଦିବସ ଅବସରରେ ସିରି ସମଲେଇ ପଣ୍ଡରା ଯୁବକ ସଂଘ ବୁବୁ ଯୁବ ଗୋଷ୍ଠୀ ଏକ ନିଆରା ପ୍ରୟାସ କରିଥିଲେ। କିଛି ସଚେତନ ବାର୍ତ୍ତା ଦେବା ସକାଶେ ଗାଁ ସାରା ପରିବେଶ ସୁରକ୍ଷା ଆଧାରିତ ସୋଗ୍ଲାନ ଦେଇ ଏକ ଶୋଭାଯାତ୍ରା କରିଥିଲେ। ଏକ ସଚେତନ ସଭାରେ ମୁଖ୍ୟଅତିଥି ପ୍ରକୃତି ବନ୍ଧୁ ମୀନକେତନ ସାହୁଙ୍କ ସମେତ ଗାଁର ପରମେଶ୍ୱର ଦାଶ, ଦୁଲ୍ଲଭ ବୁଡେକ, ସଂଘ ସଭାପତି ଜଗନ୍ନାଥ ବୁଡେକ ଓ ସମ୍ପାଦକ ରାଜେଶ ସାହା ମଞ୍ଚାସୀନ ରହିଥିଲେ। ସେଠାରେ ଉପସ୍ଥିତ ଥିବା ଭଦ୍ରବ୍ୟକ୍ତି ଓ ଛୋଟ ଶିଶୁମାନଙ୍କ ହାତରେ ବୃକ୍ଷ ଚାରା ପ୍ରଦାନ କରାଯାଇଥିଲା। ଆବାହକ ଭଗବାନ ମଲ୍ଲିକ ମଞ୍ଚ ପରିଚାଳନା କରିଥିବା ବେଳେ ହେମନ୍ତ ଗଜାନନବୁ ଲିଙ୍ଗରାଜ ବୁଡେକ, ଅରବିନ୍ଦ ଭଜମନ ବୁଡେକ, ନବୀନ ବୁଡେକ, ସୁରେନ ଖମାରୀ, ଯତୀନ ଖମାରୀ, ସେବକ ବ ରୂପେଶ ବୁଡେକ, ବସନ୍ତ ଖମାରୀ ତଥା ପଣ୍ଡରା ଯୁବକ ସଂଘ ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ।

# ୮ଦିନ ପାଳନ ହେବ ରାମେଶ୍ୱର ବାବାଙ୍କ ଶୀତଳଷଷ୍ଠୀ

ପଦ୍ମପୁର,୬।୬(ପ୍ରଦୀପ୍ତ ଦାଶ)




ଖବରଦାତା ସମ୍ମିଳନୀରେ ଶୀତଳଷଷ୍ଠୀ କାର୍ଯ୍ୟକର୍ତ୍ତା ସୂଚନା ଦେଉଛନ୍ତି।

୮ଦିନ ଧରି ରାମେଶ୍ୱର ବାବାଙ୍କ ଶୀତଳଷଷ୍ଠୀ ମହୋତ୍ସବ ପାଳନ ହେବ। ଏଥିପାଇଁ ପଦ୍ମପୁର ରାମେଶ୍ୱର ବାବା ପକ୍ଷରୁ ୩ୟ ଶୀତଳଷଷ୍ଠୀ ମହୋତ୍ସବ ପାଳିତ ନେଇ ଗୁରବାର ମାରୱାଡି ଧର୍ମଶାଳାରେ ଏକ ଖବରଦାତା ସମ୍ମିଳନୀ କାର୍ଯ୍ୟାକାରୀ ସଭାପତି ହରିଶଙ୍କର ଅଗ୍ରୱାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନ ସମ୍ପାଦକ ଅଚ୍ୟୁତାନନ୍ଦ ସେଠ ମହୋତ୍ସବ ସମ୍ପର୍କରେ ସୂଚନା ଦେଇଥିଲେ। ମହୋତ୍ସବ ପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ହୋଇଛି। ଗୁରବାରଠାରୁ ୧୦ ତାରିଖ ପର୍ଯ୍ୟନ୍ତ ତାରକାଶୁର ଦରବାର ଆୟୋଜିତ ହେବା ସହିତ ନଗର ପରିକ୍ରମା ଓ ସନ୍ଧ୍ୟା ୮ଟାରେ ତାରକାଶୁର ଦରବାର ଅନୁଷ୍ଠିତ ହେବ। ଏଥର ତାରକାଶୁର ଭାବେ ବିଶିଷ୍ଟ କଳାକାର ହୃଷିକେଶ ଭୋଇ ଅଭିନୟ କରିବେ। ଏହା ସହିତ ମୀନାବଜାର ମଧ୍ୟ ଉଦ୍‌ଘାଟନ ହେବ। ସେହିପରି ମନୋରଞ୍ଜନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରସିଦ୍ଧ ଯାଦୁକର ଏସ ଶ୍ରୀକାନ୍ତଙ୍କ ଯାଦୁ ପ୍ରଦର୍ଶନ ୮ ତାରିଖରେ ଆର୍ସିଏମଏସ ପଡିଆରେ କିର୍ତ୍ତନ ଧାରା, ୧୦ ତାରିଖ ରାତି ୮ଟାରେ ହାଇସ୍କୁଲ ପଡିଆରେ ରୁକୁ ସୁନାଙ୍କ ମେଲୋଡି କାର୍ଯ୍ୟକ୍ରମ, ୧୨ ତାରିଖରେ ମାତା ପାର୍ବତୀ ଓ ମହାଦେବଙ୍କ ନଗର ପରିକ୍ରମା ଓ ୧୩ ତାରିଖରେ ଯୁଗଳ ମୂର୍ତ୍ତି ନେଇ ସ୍ଥାନୀୟ ବଡବନ୍ଧରେ ନୌକା ବିହାର ହେବ ବୋଲି ସୂଚନା ଦେଇଥିଲେ। ଗ୍ରୀଷ୍ମପ୍ରବାହ ପାଇଁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ଛକରେ ଥଣ୍ଡା ପାନୀୟ ଜଳ ବ୍ୟବସ୍ଥା କରାଯାଇଛି। ସେହିପରି ୭ ତାରିଖରେ ପତରଫେଣ୍ଡି, ୮ତାରିଖରେ ଗୁଆ ନିମନ୍ତ୍ରଣ, ୯ ତାରିଖରେ ପିନ୍ଧାଣୀ, ୧୧ ତାରିଖରେ ରୁଦ୍ରାଭିଷେକ ସହିତ ସନ୍ଧ୍ୟା ୬ଟାରେ ବରାନୁଗମନ ଓ ରାତ୍ରି ୧୨ଟାରେ ବିବାହ ପାଣିଗ୍ରହଣ ହେବ। ସେହିପରି ୧୨ ତାରିଖ ସନ୍ଧ୍ୟା ୬ଟାରୁ ଦେବଦମ୍ପତିଙ୍କ ନଗର ପରିକ୍ରମା ହେବ। ଏଥିରେ ବହୁ ସାଂସ୍କୃତିକ ଦଳ ଭାଗ ନେବେ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଅନ୍ନଭୋଗର ବ୍ୟବସ୍ଥା ସହିତ ପ୍ରତ୍ୟେକ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି। ଏବର୍ଷ କନ୍ୟା ପିତାମାତା ଭାବେ ପ୍ରଶାନ୍ତ କୁମାର ପଟ୍ଟନାୟକ ଓ ଶାନ୍ତି ପ୍ରିୟା ପଟ୍ଟନାୟକ ଓ ବର ପିତାମାତା ଭାବେ ସେବକ ମେହେର ଓ ମାଧବୀ ମେହେର ଦାୟିତ୍ୱ ତୁଲାଇବେ। ଖବରଦାତା ସମ୍ମିଳନୀରେ କୋଷାଧ୍ୟକ୍ଷ ଆଶିଷ ବଂଶଲ, ପୂଜା କମିଟି ମୁଖ୍ୟ ତୋଷବନ୍ତ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।



ବଲାଙ୍ଗୀର ଜିଲା କରାଟେ ଅର୍ଗାନାଇଜେସନ ଓ ନେହେରୁ ଯୁବ କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ଆୟୋଜିତ ସଭାରେ ଉପସ୍ଥିତ ସଦସ୍ୟ, ଅତିଥି।

# ପୋଖରୀ ପାଣି ଚୋରି ମାମଲା,ପାଣି ପମ୍ପ୍ ଜବତ

ଲୋଇସିଂହା,୬।୬(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁଢୀପଦର ପଞ୍ଚାୟତ ପିପିଲିପାଲି ଗ୍ରାମର ପୋଖରୀର ପାଣିକୁ ମାଛଚାଷ ପାଇଁ ଗୋଟିଏ ପରିବାର ଚୋରି କରୁଥିବା ଅଭିଯୋଗ ହୋଇଛି। ଗ୍ରାମବାସୀ ପ୍ରତିବାଦ କରିବାରୁ ଅଙ୍ଗନବାଡି କର୍ମୀ ଅନୁରେଖା ସୁନା ନାନା ଧମକଚମକ ଦେଇଥିଲେ। ଏନେଇ ଗ୍ରାମବାସୀ ଲୋଇସିଂହା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହି ମାମଲାରେ ପାଣି ଚୋରିରେ ବ୍ୟବହୃତ ପମ୍ପକୁ ପୋଲିସ ଜବତ କରିଛି। ଅପରପକ୍ଷେ ଅଙ୍ଗନବାଡି କର୍ମୀ ଏବଂ ତାଙ୍କ ମା' ଓ ଆଇ ମା'ଙ୍କୁ ଛାଡିଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ପିପିଲିପାଲି ଗ୍ରାମରେ ଏକମାତ୍ର ଡୁମେର କଟାଁ(ପୋଖରୀ) ରହିଛି। ଏହି ପୋଖରୀ ଉପରେ ଗ୍ରାମର ଲୋକେ ନିର୍ଭର କରିଥାନ୍ତି। ପୋଖରୀ ତଳମୁଣ୍ଡରେ ଗ୍ରାମର ଅଙ୍ଗନବାଡି କର୍ମୀ ଅନୁରେଖା ସୁନାଙ୍କ ପରିବାର ଜମି ରହିଛି। ସେଠାରେ ଅନୁରେଖା ଫାର୍ମପଣ୍ଡ ଖୋଳି ମାଛଚାଷ କରିଛନ୍ତି। ମାଛକୁ ବଞ୍ଚାଇବା ପାଇଁ ପୋଖରୀରେ ପାଣି ପମ୍ପ ବସାଇ ତାଙ୍କ ଫାର୍ମପଣ୍ଡକୁ ପାଣି ନେଇଯାଉଥିଲେ। ଏବେ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ଏବଂ ଗ୍ରାମରେ ବିକଳ୍ପ ନ ଥିବାରୁ ଲୋକେ ଚିନ୍ତାରେ ପଡିଯାଇଥିଲେ। ଗ୍ରାମର ଶତାଧିକ ଲୋକେ କେଉଁଠି ଗାଧୋଇବେ ସେନେଇ ଚିନ୍ତାରେ ପଡ଼ିଯାଇଥିଲେ। ଏପରି ନ କରିବାକୁ ଗ୍ରାମବାସୀ ଅନୁରୋଧ କରିଥିଲେ ସୁଦ୍ଧା ସେ ଶୁଣି ନ ଥିଲେ। ଶେଷରେ ସ୍ଥାନୀୟ ସରପଞ୍ଚଙ୍କୁ ଡାକି ଗ୍ରାମରେ ସଭା କରିଥିଲେ। ଏଥିରେ ମଧ୍ୟ ସୁଫଳ ମିଳି ନ ଥିଲା। ଏହା ପରେ ଅଙ୍ଗନବାଡି କର୍ମୀ ସୁନା ଉକ୍ତ ପୋଖରୀ ତାଙ୍କ ସମ୍ପର୍କୀୟଙ୍କ ନାମରେ ୩ ବର୍ଷୀୟା ଲିଜରେ ରହିଛି କହି କୁଆଡେ ଗ୍ରାମବାସୀଙ୍କୁ ଧମକଚମକ ଦେଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ଅପରପକ୍ଷେ ଏହି ମାମଲା ଭିନ୍ନ ମୋଡ ନେବାରେ ଲାଗିଛି। ଅଙ୍ଗନୱାଡି କର୍ମୀଙ୍କ ବିରୋଧରେ କେନ୍ଦ୍ରରେ ବିଭିନ୍ନ ଅନିୟମିତତା ନେଇ ଫେରାଦ ହୋଇଛନ୍ତି। ଅଭିଯୋଗ ପାଇ ସିଡିପିଓ ଏବଂ ସୁପରଭାଇଜର ଗ୍ରାମକୁ ଯାଇ ତଦନ୍ତ କରିଥିଲେ। ତଦନ୍ତବେଳେ କେତେକ ଅନିୟମିତତାକୁ କର୍ମୀ ଜଣକ ସ୍ୱୀକାର କରିଥିବା ଗ୍ରାମବାସୀ କହିଛନ୍ତି।

# ଦ୍ରୁତ ସହରୀକରଣ ପରିବେଶ ନଷ୍ଟର କାରଣ

ବଲାଙ୍ଗୀର,୬।୬(ବୀରେନ୍ଦ୍ର କୁମାର ଝାଙ୍କର)

**ବଲାଙ୍ଗୀରରେ ବିଶ୍ୱ ପରିବେଶ ଦିବସ ପାଳିତ**

ବଲାଙ୍ଗୀର ଜିଲା କରାଟେ ଅର୍ଗାନାଇଜେସନ ଓ ନେହେରୁ ଯୁବ କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ପିପି ଏକାଡେମୀ ହାଇସ୍କୁଲ କନଫରେନ୍ସ ହଲ ଠାରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଛି। ଜିଲା ଫରେଷ୍ଟ ଡିଭିଜିନାଲ ଅଫିସର ସୁଦର୍ଶନ ବେହେରା ମୁଖ୍ୟଅତିଥି ଭାବେ ବଲାଙ୍ଗୀର ରେଞ୍ଜ ଅଫିସର ନବୀନ ପଣ୍ଡା ଓ ବଲାଙ୍ଗୀର ଜିଲା କରାଟେ ଅର୍ଗାନାଇଜେସନ ସାଧାରଣ ସମ୍ପାଦକ ତଥା ରାଜ୍ୟ ସରକାର ପ୍ରକୃତିମିତ୍ର ପୁରସ୍କାରପ୍ରାପ୍ତ ଅସୀମ କୁମାର ଭୋଇ ମଞ୍ଚାସୀନ ଥିଲେ। ଜନସଂଖ୍ୟା ବୃଦ୍ଧି, ଦ୍ରୁତ ସହରୀକରଣ ପାଇଁ ପରିବେଶ ନଷ୍ଟ ହେଉଥିବା ମୁଖ୍ୟ ଅତିଥି ପଣ୍ଡା ବକ୍ତବ୍ୟରେ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶଙ୍କର ସାହୁ, ମାନଭଞ୍ଜନ ପ୍ରଧାନ, ଅସୀତ ରଞ୍ଜନ ସାହୁ, ଫରେଷ୍ଟର ଆନନ୍ଦ ବିହାର ସ୍ୱାଇଁ, ଫରେଷ୍ଟଗାର୍ଡ ଚିନ୍ମୟ ପ୍ରଧାନ ସହଯୋଗ କରିଥିଲେ। ଏହି ଅବସରରେ କରାଟେ ଅନୁଷ୍ଠାନରେ ତାଲିମ ଗ୍ରହଣ କରୁଥିବା ଛାତ୍ରୀଛାତ୍ରଙ୍କୁ ଚାରା ବଣ୍ଟନ କରାଯାଇଥିଲା।

# ସର୍ବଭାରତୀୟ ଜୁନିୟର କିକ୍ ବକ୍ସିଂରେ ଭାଗ ନେବେ ୫ ପ୍ରତିଯୋଗୀ



ଜାତୀୟ ଜୁନିୟର ଚାମ୍ପିୟନଶିପ ପାଇଁ ମନୋନୀତ ବଲାଙ୍ଗୀରର ୫ ଜଣ ଖେଳାଳି।

ବଲାଙ୍ଗୀର,୬।୬(ବୀରେନ୍ଦ୍ର କୁମାର ଝାଙ୍କର)

ଶେଖର କିକ୍ ବକ୍ସିଂ ଏକାଡେମୀ ବଲାଙ୍ଗୀରରୁ ୫ ଜଣ ଖେଳାଳୀଙ୍କୁ ଜାତୀୟ ଯୁନିୟର ଚମ୍ପିୟନଶିପରେ ମନୋନୀତ କରାଯାଇଛି। ଶେଖର କିକ୍ ବକ୍ସିଂ ଏକାଡେମୀ ସଭାପତି ହୃଦୟ ଶବର, ସମ୍ପାଦକ ପ୍ରଶିକ୍ଷକ ଚନ୍ଦ୍ର ଶେଖର ସେଠ ଓ ପ୍ରଶିକ୍ଷକ କାଳିଆ ନାହାକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଚନ୍ଦନ ପୁଟେଲ, ଚନ୍ଦ୍ରକାନ୍ତି କୁମ୍ଭାର, ନୁରା ନାଗ, ସୀତା ବରିହା ଓ କ୍ରିଷ୍ଣା ସେଠ୍ ଜାତୀୟ ଜୁନିୟର କିକ୍ ବକ୍ସିଂ ଚାମ୍ପିୟନଶିପ୍‌ରେ ଯୋଗ ଦେବେ। ଏହା ପଶ୍ଚିମବଙ୍ଗର ସିଲିଗୁଡି ଠାରେ ଆସନ୍ତା ୧୦ରୁ ୧୪ ଜୁନ ମଧ୍ୟରେ ଅନୁଷ୍ଠିତ ହେବ। ଶୁକ୍ରବାର ପ୍ରତିଯୋଗୀମାନେ ବଲାଙ୍ଗୀର ଠାରୁ ସିଲିଗୁଡି ଅଭିମୁଖେ ଯାତ୍ରା ଆରମ୍ଭ କରିବେ। ଏଥିପାଇଁ ବଲାଙ୍ଗୀର ଜିଲା କ୍ରୀଡା ଅଧିକାରୀ ପରାଶର ବାଗ, ଓଡିଶା କିକ୍ ବକ୍ସିଂ ସଂଘ ସଭାପତି କାର୍ତ୍ତିକ ଡାକୁଆ, ଜିଲା କିକ୍ ବକ୍ସିଂ ସଂଘ ସଭାପତି ଅଯୋଧ୍ୟା ପ୍ରସାଦ ମିଶ୍ର, ସମ୍ପାଦକ ଭଗବାନ କୁମ୍ଭାର, ସୁରେନ୍ଦ୍ର କୁମାର ସାହୁ ଓ ବଦ୍ରୀନାଥ ହୋତା, ମୁରଲୀ ମହାକୁର ପ୍ରତିଯୋଗୀମାନଙ୍କୁ ଶୁଭେଚ୍ଛା ପ୍ରଦାନ କରିଛନ୍ତି।

# ସଙ୍ଗୀତ ଅନୁଷ୍ଠାନ ସୁରମନ୍ଦିରର ବାର୍ଷିକ ଉତ୍ସବ



ସୁରମନ୍ଦିର ବାର୍ଷିକ ଉତ୍ସବରେ ସମ୍ବର୍ଦ୍ଧିତ ପ୍ରତିଷ୍ଠାତା ସଦସ୍ୟ ତଥା କଳାକାରଙ୍କ ସହ ଅତିଥି ଓ ଆୟୋଜକ।

ବଲାଙ୍ଗୀର,୬।୬(ବୀରେନ୍ଦ୍ର କୁମାର ଝାଙ୍କର)

ଅଗ୍ରଣୀ ନୃତ୍ୟ ଓ ସଙ୍ଗୀତ ଅନୁଷ୍ଠାନ ସୁରମନ୍ଦିରର ବାର୍ଷିକ ଉତ୍ସବ ବୁଧବାର ସ୍ଥାନୀୟ ଟାଉନ୍ ବାଳିକା ହାଇସ୍କୁଲ ମଞ୍ଚରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ଯୋଗଦାନ କରି ସଙ୍ଗୀତ ଏବଂ ନୃତ୍ୟ ସାଧନା କ୍ଷେତ୍ରରେ ସୁରମନ୍ଦିର ଅନୁଷ୍ଠାନର ଭୂମିକାକୁ ପ୍ରଶଂସା କରିଥିଲେ। ଉତ୍ସବରେ ସମ୍ମାନିତ ଅତିଥି ଭାବେ ଟାଉନ୍ ବାଳିକା ହାଇସ୍କୁଲ ପ୍ରଧାନ ଶିକ୍ଷକ ନରେନ୍ଦ୍ରନାଥ ମିଶ୍ର, ଅନୁଷ୍ଠାନର ଅପରୂପା ମହାନ୍ତି, ଅନୁରାଧା ମହାନ୍ତି, ପ୍ରଭଞ୍ଜନ ରାୟଗୁରୁ ମଞ୍ଚାସୀନ ଥିଲେ। ଏହି ଅବସରରେ ସୁରମନ୍ଦିରର ପ୍ରତିଷ୍ଠାତା ସଦସ୍ୟ ଏବଂ କଳାକାର ଜୟପ୍ରକାଶ ପୂଜାରୀ, ରାମ ଦାଶ, ଗୋପାଳ ପ୍ରଧାନ, ବ୍ରହ୍ମାନନ୍ଦ ବନ୍‌ଛୋର, ଶିବଶଙ୍କର ସାହୁ, ଶମ୍ଭୁ ପ୍ରସାଦ ନାଏକ, ମନୋଜ ମହାନ୍ତି, ସ୍ୱାଗତିକା ରଥ ଓ ଅନ୍ୟମାନଙ୍କୁ ଅନୁଷ୍ଠାନ ପକ୍ଷରୁ ମୁଖ୍ୟଅତିଥି ଛୁରିଆ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଆୟୋଜିତ ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସଭା ପରେ ଅନୁଷ୍ଠାନର କଳାକାରମାନେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଅଧିରାଜ ପାଣିଗ୍ରାହୀଙ୍କ ବିଜୟ ଉତ୍ସବ

ଖଡ଼ିଆଳ,୬।୬(ସୁଜିତ କୁମାର ପ୍ରଧାନ)

ଖଡ଼ିଆଳ ନିର୍ବାଚନ ମଣ୍ଡଳୀର ନବ ନିର୍ବାଚିତ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଗୁରୁବାର ଖଡ଼ିଆଳଠାରେ ବିଜୟ ଉତ୍ସବ ପାଳନ କରିଛନ୍ତି। ମା' ଠାକୁରାଣୀ ମନ୍ଦିରଠାରେ ପୂଜାର୍ଚ୍ଚନା କରି ସମର୍ଥକଙ୍କ ସହ ଖଡ଼ିଆଳ ସହର ପରିକ୍ରମା କରିଥିଲେ। ଜିଲା ବିଜୁ ଜନତା ଦଳର କର୍ମୀମାନେ ବାଣ ଫୁଟାଇ, ଅବିର ଖେଳି ଉତ୍ସବ ମନାଇଥିଲେ। ବିଭିନ୍ନ ଛକରେ ଲୋକେ ତାଙ୍କୁ ବନ୍ଦାପନା କରିବା ସହ ସ୍ୱାଗତ କରିଥିଲେ। ନିଜ ବକ୍ତବ୍ୟରେ ବିଧାୟକ ପାଣିଗ୍ରାହୀ କ୍ରମାଗତ ତାଙ୍କ ଉପରେ ବିଶ୍ୱାସ କରିଥିବାରୁ ସେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିବା ସହ ଲୋକଙ୍କ ଆଶା ଆକାଂକ୍ଷା ପୂରଣ ପାଇଁ ସବୁ ପ୍ରକାର ଚେଷ୍ଟା କରିବେ ବୋଲି କହିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଗତଥର କଂଗ୍ରେସ ଦଳର ବିଧାୟକ ଥିବା ଅଧିରାଜ ଏଥର ବିଜୁ ଜନତା ଦଳରେ ଯୋଗଦେଇ ପ୍ରାର୍ଥୀ ହୋଇଥିଲେ। ଏଥର ଓଡ଼ିଶାରେ ଭାଜପା ସଂଖ୍ୟାଗରିଷ୍ଠତା ହାସଲ କରିଥିବା ବେଳେ ସେ କିନ୍ତୁ ନିଜ ଗଡ ରକ୍ଷା କରିବାରେ ସକ୍ଷମ ହୋଇଛନ୍ତି। ଚଳିତ ନିର୍ବାଚନରେ ସେ ୯୩ ହଜାର ୨୪୬ ଖଣ୍ଡ ଭୋଟ ପାଇ ଭାଜପାର ହିତେଶ କୁମାର ବଗର୍ତ୍ତିଙ୍କୁ ୯୬୧୮ ଖଣ୍ଡ ଭୋଟରେ ପରାସ୍ତ କରି ଦ୍ୱିତୀୟ ଥର ପାଇଁ ବିଧାୟକ ଭାବରେ ନିର୍ବାଚିତ ହୋଇଛନ୍ତି।

# ପାକ୍ସ କର୍ମଚାରୀଙ୍କୁ ହତ୍ୟା ଘଟଣା, ୩ ଗିରଫ

ଟିଟିଲାଗଡ଼,୬।୬(ଶରତ ମିଶ୍ର)

ଟିଟିଲାଗଡ଼ ଥାନା ଅନ୍ତର୍ଗତ ବିଜେପୁର ପାକ୍ସ କର୍ମଚାରୀ ସୂର୍ଯ୍ୟମଣୀ ମାଝିଙ୍କୁ ହତ୍ୟା ଘଟଣାରେ ଗୁରୁବାର ଟିଟିଲାଗଡ଼ ପୋଲିସ ତିନି ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନେ ହେଲେ ମୃତ ସୂର୍ଯ୍ୟମଣିଙ୍କ ସ୍ତ୍ରୀ ପ୍ରମୋଦିନୀ ମାଝି, ଯୁଧିଷ୍ଠିର ପଟେଲ ଓ ଅଶୋକ ହରପାଲ। ପ୍ରେମ ସମ୍ପର୍କକୁ ନେଇ ହତ୍ୟା କରାଯାଇଥିବା ପୋଲିସ କହିଛି। ଯୁଧିଷ୍ଠିର ପଟେଲ ସହିତ ସୂର୍ଯ୍ୟଙ୍କ ସ୍ତ୍ରୀର ପ୍ରେମ ସମ୍ପର୍କ ଥିଲା। ତାକୁ ହତ୍ୟା କରିବା ପାଇଁ ସୁଚିନ୍ତିତ କରି ହତ୍ୟା କରିଥିଲେ। ପ୍ରକାଶ ଥାଉକି ସୂର୍ଯ୍ୟ ମଧ୍ୟାହ୍ନ ଭୋଜନ ପାଇଁ ନିକଟସ୍ଥ ନିଜ ଥୁବ୍ରୁଡିଙ୍ଗ ଗ୍ରାମକୁ ଏକ ବାଇକ ଯୋଗେ ଯିବା ବେଳେ ରାସ୍ତାରେ ତାଙ୍କ ଉପରେ ଲୁହା ଛଡ଼ ଏବଂ ଧାରୁଆ ଅସ୍ତ୍ରରେ ତାଙ୍କ ମୁଣ୍ଡରେ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଫଳରେ ସୂର୍ଯ୍ୟ ସେଠାରେ ଟଳି ପଡ଼ିଥିଲେ। ପରେ ପରିବାର ଲୋକେ ଖବରପାଇ ତାଙ୍କ ପରିବାର ଲୋକେ ଟିଟିଲାଗଡ଼ ଡାକ୍ତରଖାନାକୁ ଆଣି ଭର୍ତ୍ତି କରିଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଟିଟିଲାଗଡ଼ ଥାନାରେ ଏକ ମାମଲା ରୁଜୁ ସହ ପୋଲିସ ଅଧିକ ତଦନ୍ତ ଜାରି ରଖିଛି। ଅନ୍ୟପକ୍ଷରେ ମୃତ୍ୟୁ ପୂର୍ବରୁ ସୂର୍ଯ୍ୟ ପରିବାର ଲୋକଙ୍କୁ ଆକ୍ରମଣକାରୀଙ୍କ ନାମ କହିଥିବାବେଳେ ପୋଲିସ ତତ୍ପରତା ପ୍ରକାଶ କରିଛି। ଘଟଣାର ୨୪ ଘଣ୍ଟା ନ ପୂରୁଣୁ ଦେଓଗାଁ ଥାନା ଅନ୍ତର୍ଗତ ଜଳିଆ ଗ୍ରାମର ଅଭିଯୁକ୍ତ ଅଶୋକ ହରପାଲ ଏବଂ ଯୁଧିଷ୍ଠିର ପଟେଲଙ୍କୁ ପୋଲିସ ବଲାଙ୍ଗିର ସହରରେ ଧରିଛି। ଏହା ସହ ବଲାଙ୍ଗିର ସାଇଣ୍ଟିଫିକ ଟିମ ଏବଂ ସନ୍ଧାନୀ କୁକୁର ଘଟଣାସ୍ଥଳରେ ପହଞ୍ଚିଛନ୍ତି। ଟିଟିଲାଗଡ଼ ଏସଡ଼ିପିଓ ଅଙ୍କିତା କୁମ୍ଭାର, ଥାନା ଆଇଆଇସି ଅବନୀ ସାହୁ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଏ ସଂକ୍ରାନ୍ତରେ ଟିଟିଲାଗଡ ପୋଲିସ ଏକ ମାମଲା ରୁଜୁ କରିଛି।

# ନୂଆପଡ଼ା, ଖଡ଼ିଆଳରେ ସାବିତ୍ରୀ ବ୍ରତ


ନୂଆପଡ଼ାରେ ବ୍ରତଧାରୀ ମହିଳାମାନେ।

ନୂଆପଡା/ଖଡ଼ିଆଳ,୬।୬
(ମକାରୁ ବେମାଲ/ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲାର ସଦର ଓ ଗ୍ରାମାଞ୍ଚଳ ସମେତ ଖଡ଼ିଆଳର ବିଭିନ୍ନ ସ୍ଥାନରେ ଗୁରୁବାର ସାବିତ୍ରୀ ବ୍ରତ ପାଳିତ ହୋଇଯାଇଛି। ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ମହିଳାମାନେ ବ୍ରତ ପାଳନ କରିଛନ୍ତି। ବ୍ରତଧାରୀ ନୂତନ ବସ୍ତ୍ର ପରିଧାନ କରି ପୂଜା ସାମଗ୍ରୀ ସହ ବ୍ରାହ୍ମଣ ଡକାଇ ଗାଁଦାଣ୍ଡ, ଯଜ୍ଞବେଦୀ, ଦେବଦେବୀ ମନ୍ଦିର, ବଟବୃକ୍ଷ ମୂଳରେ ପୂଜାର୍ଚ୍ଚନା କରିଛନ୍ତି। ପୂଜା ଶେଷରେ ଜୁହାର ଭେଟ ହୋଇ ବୟୋଜ୍ୟେଷ୍ଠଙ୍କୁ ମୁଣ୍ଡିଆ ମାରି ଆଶୀର୍ବାଦ ନେଇଥିଲେ। ପରେ ଘରକୁ ଯାଇ ନିଜ ସ୍ୱାମୀଙ୍କୁ ସିନ୍ଦୂର ଚନ୍ଦନ ଲଗାଇ ମୁଣ୍ଡିଆ ମାରି ଦୀର୍ଘାୟୁ କାମନା କରିଥିଲେ।

# ୬ଥର ଜିତି ରେକର୍ଡ କଲେ କନକବର୍ଦ୍ଧନ

ଖପ୍ରାଖୋଲ,୬।୬(ଅଭୟ ତ୍ରିପାଠୀ)


ସମର୍ଥକଙ୍କ ସହ କନକବର୍ଦ୍ଧନ।

- **ପାଞ୍ଚ ବର୍ଷ ପରେ ପୁଣି ଜିତିଲେ ପାଟଣାଗଡ଼ ଆସନ**
- **ଗାଁଗାଁରେ ଖୁସି ମନାଉଛନ୍ତି କର୍ମୀ**

ସରିଛି ବିଧାନସଭା ନିର୍ବାଚନ ଭୋଟ ଗଣତି। ସବୁଠି ନେତାଙ୍କ ଜୟ ପରାଜୟକୁ ନେଇ ଚର୍ଚ୍ଚା। ବଲାଙ୍ଗିର ଜିଲାର ପାଟଣାଗଡ ବିଧାନସଭା ନିର୍ବାଚନମଣ୍ଡଳୀ ଏକ ଚର୍ଚ୍ଚିତ ଆସନ। ଏହି ନିର୍ବାଚନମଣ୍ଡଳୀରେ ୧୯୯୫ ରୁ ପାଟଣା ମହାରାଜ କନକ ବର୍ଦ୍ଧନ ସିଂଦେଓ ପ୍ରଥମ ଥର ଭାଜପାରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିବାବେଳେ ଲଗାତର୍ ୫ଥର ବିଧାୟକ ରୂପେ ନିର୍ବାଚିତ ହୋଇ ରେକର୍ଡ କରିଥିବାବେଳେ ଗତ ୨୦୧୯ ନିର୍ବାଚନରେ ବିଜୁ ଜନତା ଦଳ ନବାଗତ ପ୍ରାର୍ଥୀ ସରୋଜ ମେହେର ଏହି ବିଜୟ ଧାରାକୁ ରୋକି ୧୧ ହଜାରରୁ ଅଧିକ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ। ଯାହା ଫଳରେ ଦଳ ସରୋଜ ମେହେରକୁ ବିଧାନସଭାରେ ଶାସକ ଦଳ ଉପମୁଖ୍ୟ ସଚେତକ, ଜିଲା ଯୋଜନ ବୋର୍ଡ ସଭାପତି ଭଳି ଦାୟିତ୍ୱ ଦେଇଥିଲା। ହେଲେ ୨୦୨୪ ନିର୍ବାଚନରେ କନକବର୍ଦ୍ଧନ ପୁଣି ଥରେ ସରୋଜଙ୍କୁ ପରାସ୍ତ କରି ପାଟଣାଗଡର ବିଧାୟକ ହୋଇଛନ୍ତି। ଯାହାକି ସେ ୬ ଥର ବିଧାୟକ ହେବାରର ରେକର୍ଡ ସୃଷ୍ଟି କରିଛନ୍ତି। ପାଟଣାଗଡ ନିର୍ବାଚନମଣ୍ଡଳୀ ଖପ୍ରାଖୋଲ, ବେଲପଡ଼ା ଓ ପାଟଣାଗଡ ବ୍ଲକ ସହ ପାଟଣାଗଡ ଏନଏସିକୁ ନେଇ ଗଠିତ ହୋଇଛି। ଚଳିତଥର କନକ ବର୍ଦ୍ଧନ ସିଂହଦେଓ ୯୩ ହଜାର ୮ ଶହ ୨୩ ଖଣ୍ଡ ଭୋଟ ପାଇଥିବା ବେଳେ ସରୋଜ ମେହେର ୯୨ ହଜାର ୪ ଶହ ୬୬ ଖଣ୍ଡ ଭୋଟ ପାଇଛନ୍ତି। ୧୩୫୭ ଖଣ୍ଡ ଭୋଟରେ କନକ ବର୍ଦ୍ଧନ ବିଜୟୀ ହୋଇଛନ୍ତି। ଫଳରେ ଲୋକେ କନକ ପାଟଣାଗଡକୁ ପୁଣି ଫେରି ପାଇଲେ ବୋଲି ଚର୍ଚ୍ଚା କରୁଛନ୍ତି। ଏହାକୁ ନେଇ ଭାଜପା କର୍ମୀମାନଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ସେହିପରି କନକ ବର୍ଦ୍ଧନଙ୍କ ସ୍ତ୍ରୀ ମହାରାଣୀ ସଙ୍ଗୀତା କୁମାରୀ ସିଂଦେଓ ପୁଣି ଥରେ ବଲାଙ୍ଗିର ଲୋକସଭା ସାଂସଦ ଭାବେ ୧ ଲକ୍ଷ ୩୨ ହଜାର ୬୬୪ ଖଣ୍ଡ ଭୋଟ ବ୍ୟବଧାନରେ ବିଜୁଜନତା ଦଳ ପ୍ରାର୍ଥୀ ସୁରେନ୍ଦ୍ର ସିଂ ଭୋଇଙ୍କ ଠାରୁ ବିଜୟୀ ହୋଇଛନ୍ତି। ସବୁଠୁ ବଡ଼ କଥା ବଲାଙ୍ଗିର ଜିଲା କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଭାଜପା ପ୍ରାର୍ଥୀ ଲକ୍ଷ୍ମଣ ବାଗ ପାଞ୍ଚ ଥରର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପରାସ୍ତ କରିଛନ୍ତି। ପାଟଣାଗଡ ନିର୍ବାଚନ ମଣ୍ଡଳୀର ସର୍ବାଙ୍ଗିନ ବିକାଶ ପାଇଁ ପୁଣିଥରେ ଜନସାଧାରଣ ଆଶୀର୍ବାଦ ଦେଇ ବିଜୟୀ କରିଥିବାରୁ କନକବର୍ଦ୍ଧନ ସିଂଦେଓ ସମସ୍ତ ଜନସାଧାରଣଙ୍କୁ କୃତଜ୍ଞତା ଜଣାଇଛନ୍ତି। ଜିଲାରେ ଦଳୀୟ କର୍ମୀଙ୍କ ଉତ୍ସାହ ଯୋଗୁଁ ପାଟଣାଗଡ, ଲୋଇସିଂହା, ଟିଟିଲାଗଡ ଓ କଣ୍ଟାବାଞ୍ଜି ମୁଖ୍ୟମନ୍ତ୍ରୀଙ୍କୁ ହରାଇ ଭାଜପା ପ୍ରାର୍ଥୀଙ୍କ ବିଜୟୀ କରିଥିବା ବେଳେ ଲୋକସଭା ସାଂସଦ ରୂପେ ବିପୁଳ ଆର୍ଶିବାଦ ଦେଇଥିବାରୁ କୃତଜ୍ଞତା ଜଣାଇଛନ୍ତି।


**ଓଃ କି ଶୋଷ:** ଗୁରୁବାର ସମ୍ବଲପୁର ମୁଦିପଡା ଛକ ନିକଟସ୍ଥ ନଳକୂଅରୁ ପିଲାମାନେ ପାଣି ପିଉଛନ୍ତି।

# ଲକ୍ଷ୍ମୀ ବସ୍‌ରୁ ହଟିଲା ଷ୍ଟିକର


ସୋନପୁର ବ୍ଲକ ପରିସରରେ ଥିବା ଲକ୍ଷ୍ମୀ ବସ୍ ଗୁଡିକରୁ ଷ୍ଟିକରକୁ ଖୋଲି ଦିଆଯାଇଛି।

## କିଏ ଷ୍ଟିକର ଖୋଲିଲା କାହା ପାଖରେ ସୂଚନା ନାହିଁ

ଅମରପାଲି,୬।୬(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକରେ ଲକ୍ଷ୍ମୀ ବସ୍ ଯୋଜନାରେ ଚଳାଚଳ କରୁଥିବା ବସରୁ ଗୁରୁବାର ଲକ୍ଷ୍ମୀ ଷ୍ଟିକର ଖୋଲି ଦିଆଯାଇଥିବା ଦେଖିବାକୁ ମିଳିଛି। ବୀରମହାରାଜପୁର ବ୍ଲକରେ ଅତ୍ୟାଧୁନିକ ନୂତନ ବସ୍‌ଷ୍ଟାଣ୍ଡ ସହିତ ବ୍ଲକର ବିଭିନ୍ନ ପଞ୍ଚାୟତକୁ ଯାତାୟତ କରିବାକୁ ତିନୋଟି ଲକ୍ଷ୍ମୀ ବସ୍ ଚଳାଚଳ କରୁଛି। ତେବେ ପୂର୍ବ ସରକାର ତରଫରୁ ଲାଗିଥିବା ଲକ୍ଷ୍ମୀ ଷ୍ଟିକରକୁ ଏବେ ହଟାଇ ଦିଆଯାଇଛି। ତେବେ କାହିଁକି ବସ୍‌ରୁ ଷ୍ଟିକର ହଟିଲା ଓ କିଏ ହଟାଇବାକୁ କହିଲା ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ସାଧାରଣ ଲୋକେ ଉକ୍ତ ବସ୍ ନୂତନ ସରକାର ଗଠନ ପରେ ଚାଲିବ ନା ନାହିଁ ବୋଲି ଆଶା ଆଶଙ୍କାରେ ଅଛନ୍ତି। ଉକ୍ତ ବସ୍‌ରୁ ଷ୍ଟିକର ହଟିବା ନେଇ ଓଏସ୍‌ଆରଟିସି ବସ୍‌ଷ୍ଟାଣ୍ଡ ଇନଚାର୍ଜ ଲିଲି ମହାନନ୍ଦଙ୍କୁ ପଚାରିବାରୁ ଆମ ଅଜାଣତରେ କିଏ ଖୋଲି ଦେଇଛି ବୋଲି ପ୍ରକାଶ କରିଛନ୍ତି। ଲକ୍ଷ୍ମୀ ବସ୍ ମେଣ୍ଟେନାନ୍ସ ଇନଚାର୍ଜ ମନରଞ୍ଜନ ବେହେରାଙ୍କୁ ପଚାରିବାରୁ ରାତିରେ କିଏ ଷ୍ଟିକର ଖୋଲି ଦେଇଛି। ଏନେଇ ଆମେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇ ଦେଇଛୁ ବୋଲି କହିଛନ୍ତି।

ସୋନପୁର,୬।୬(ମୃତ୍ୟୁଞ୍ଜୟ ଶତପଥୀ)

- ଛିଣ୍ଡି ଯାଇଥିଲା, ଖୋଲିଦେଲୁ
- ନୂଆ ବ୍ରାଣ୍ଡିଂ ହେବା ନେଇ ଚର୍ଚ୍ଚା

ଦୀର୍ଘ ୨୪ ବର୍ଷ ପରେ ରାଜ୍ୟରେ ସରକାର ପରିବର୍ତ୍ତନ ସ୍ପଷ୍ଟ ହୋଇଛି। ନୂଆ ସରକାର ଶପଥ ଗ୍ରହଣ କରିନି। ତେବେ ସୁବର୍ଣ୍ଣପୁର ଜିଲାରେ ଗୁରୁବାର ଲକ୍ଷ୍ମୀ ବସ୍ ଗୁଡିକରୁ ଷ୍ଟିକର ଖୋଲା ଯାଇଥିବା ଦେଖିବାକୁ ମିଳିଛି। ଲକ୍ଷ୍ମୀ ବସ୍ ଓ ଦୁଇ ମହିଳା ଶଙ୍ଖ ଫୁଙ୍କୁଥିବା ଭଳି ଚିତ୍ରଥିବା ଷ୍ଟିକର ବସ୍‌ର ଦୁଇପାର୍ଶ୍ୱରୁ ଖୋଲାଯାଇଛି। ସୂଚନା ଅନୁଯାୟୀ ନିର୍ବାଚନ ଆଚରଣ ବିଧି ଲାଗୁ ହେଲା ପରେ ଲକ୍ଷ୍ମୀ ବସ୍‌ରେ ଲାଗିଥିବା ଶଙ୍ଖ ସଦୃଶ ଷ୍ଟିକରକୁ ଢାଙ୍କି ଦିଆ ଯାଇଥିଲା। ତେବେ ସରକାର ପରିବର୍ତ୍ତନ ପରେ ଷ୍ଟିକରକୁ ଖୋଲି ଦିଆଯାଇଛି। ଏ ସମ୍ପର୍କରେ ବସ୍ କର୍ମଚାରୀଙ୍କୁ ପଚାରିବାରୁ ସେମାନେ କିଛି କହୁନାହାନ୍ତି। ଷ୍ଟିକର ଛିଣ୍ଡି ଯାଇଥିଲା, ଖୋଲିଦେଲୁ ବୋଲି କହୁଛନ୍ତି। ଫେବୃୟାରୀ ୧୯ ତାରିଖରୁ ଜିଲାରେ ଲକ୍ଷ୍ମୀ ବସ୍ ସେବା ଆରମ୍ଭ ହୋଇଥିଲା। ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମାଧ୍ୟମରେ ଲକ୍ଷ୍ମୀ ବସ୍ ଚଳାଚଳ ସେବାକୁ ଉଦ୍‌ଘାଟନ କରିଥିଲେ। ଲକ୍ଷ୍ୟଥିଲା ଗାଁ ଲୋକମାନେ ଲକ୍ଷ୍ମୀ ବସ୍ ଜରିଆରେ ସୁବିଧାରେ ଏବଂ କମ୍ ଖର୍ଚ୍ଚରେ ବ୍ଲକ ମୁଖ୍ୟାଳୟକୁ ଆସି ସେମାନଙ୍କ ଦୈନନ୍ଦିନ ଯାତାୟତ କାର୍ଯ୍ୟ କରିପାରିବେ। ପଞ୍ଚାୟତରୁ ବ୍ଲକକୁ ମହିଳାମାନେ ୫ଟଙ୍କା ଦେଇ ଯାତାୟତ କରୁଥିଲେ। ଜିଲାର ୬ଟି ବ୍ଲକକୁ ପ୍ରଥମ ପର୍ଯ୍ୟାୟରେ ୧୨ଟି ବସ୍ ଯୋଗାଇ ଦିଆ ଯାଇଥିଲା। ପରେ ଆଉ ୯ଟି ବସ୍ ଆସିଥିଲା। ୨୧ଟି ବସ୍ ଜିଲାରେ ଯାତାୟତ କରୁଥିଲା ବେଳେ ସବୁ ବସ୍‌ରୁ ଷ୍ଟିକରକୁ ଗୁରୁବାର ହଟାଇ ଦିଆଯାଇଛି। ଏ ସମ୍ପର୍କରେ ସୁବର୍ଣ୍ଣପୁର ଡିଏମ୍ ଓଏସ୍‌ଆରଟିସି ଜୟଶ୍ରୀ ମାନସି ଲକ୍ଷ୍ମୀ କୁହନ୍ତି, ନିର୍ବାଚନ ଆଚରଣ ବିଧି କାରଣରୁ ଷ୍ଟିକରକୁ ଘୋଡାଇ ଦିଆଯାଇଥିଲା। କିଛି ଷ୍ଟିକର ଛିଣ୍ଡି ଯାଇଥିଲା। ବସ୍ ଯିବା ଆସିବା ସମୟରେ କିଛି ଯାତ୍ରୀ ଷ୍ଟିକର ଖୋଲି ଦେଇଥିଲେ। ଲକ୍ଷ୍ମୀ ବସ୍ ଯୋଜନା ବନ୍ଦ ହେବନି। ନୂଆ ବ୍ରାଣ୍ଡିଂ ଅର୍ଥାତ ରୂପରେଖ ବଦଳା ଯାଇ ଚାଲିବ ବୋଲି କହିଥିଲେ।

## ଲରମ୍ଭାରେ ବ୍ରଜମୋହନଙ୍କ ଜୟନ୍ତୀ



ଲରମ୍ଭାରେ ବ୍ରଜମୋହନଙ୍କ ଜୟନ୍ତୀ ପାଳନରେ ବ୍ରଜ ଧାମରେ ଉପସ୍ଥିତ ଅତିଥି।

ସରଣ୍ଡା,୬।୬(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ଲରମ୍ଭା ଗ୍ରାମର ପ୍ରମୁଖ ଶିକ୍ଷାକେନ୍ଦ୍ର ଗୁଡିକରେ ପଲ୍ଲୀଶିକ୍ଷା ପ୍ରେମୀ ସ୍ୱର୍ଗତ ବ୍ରଜମୋହନ ପଣ୍ଡାଙ୍କ ଜୟନ୍ତୀ ଗୁରୁବାର ପାଳିତ ହୋଇଯାଇଛି। ପ୍ରଥମେ ତାଙ୍କର ଜନ୍ମସ୍ଥାନକୁ ଯାଇ ଏନ୍ଟୁଡିଶାଳରେ ପୂଜାର୍ଚ୍ଚନା କରାଯାଇଥିଲା। ପରେ ପ୍ରାଥମିକ ବିଦ୍ୟାଳୟ, ଉଚ୍ଚବିଦ୍ୟାଳୟ, ମହାବିଦ୍ୟାଳୟସ୍ଥିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ୧୮୯୦ ଜୁନ ୫ତାରିଖରେ ବୃନ୍ଦାବନ ପଣ୍ଡା ଓ ଚନ୍ଦ୍ରମା ଦେବୀଙ୍କ ଔରସରୁ ଲରମ୍ଭା ଗ୍ରାମରେ ଜନ୍ମହୋଇ ଅଞ୍ଚଳରେ ଶିକ୍ଷାର ବିକାଶ ସହ ଜଣେ ପରିବେଶବିତ, କୃଷିବିତ, ସାମାଜିକ କର୍ମୀ, କବି ଭାବେ ତାଙ୍କର ଗୁଣଗାରିମାକୁ ଆଲୋଚନା କରାଯାଇଥିଲ। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ପ୍ରମୋଦ କୁମାର ଭୋଇ, ଶିକ୍ଷକ ବିନୟ କୁମାର ନାୟକ, ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ରବିନାରାୟଣ ପଣ୍ଡା, ଶିକ୍ଷୟିତ୍ରୀ ପଦ୍ମିନୀ ନାୟକ, ସନ୍ତୋଷ କୁମାର ପଣ୍ଡା, ଗୁରୁଦେବ କୁଶଲ, ଡ. ଅଜିତ କୁମାର ନାଥ, ପବିତ୍ର କୁମାର ମାହାଣା, ମେଦିନୀକାନ୍ତ ସାହୁ, ଗୋପାଳ ଚନ୍ଦ୍ର ନାୟକ, ସୁଶୀଳ ମହାକୁର, ଲିଂଗରାଜ ପୋଢ, ବିଦେଶୀ ଛନ୍ଦ, ଗିରିଧାରୀ ପୁଟେଲ ସମେତ ଗ୍ରାମର ବହୁ ଶିକ୍ଷାପ୍ରେମୀ ଉପସ୍ଥିତ ଥିଲେ।

## ଗଞ୍ଜେଇ ସହ ୨ ବାଇକ୍ ଜବତ

ବାଉଁଶୁଣୀ, ୬।୬(ଦେବାଶିଷ ନେପାକ)

ବୌଦ୍ଧ ଜିଲା ବାଉଁଶୁଣୀ ଥାନା ଝାରକଟା ଗ୍ରାମ ନିକଟରୁ ଜବତ ହୋଇଥିବା ୪୪ କେଜି ଗଞ୍ଜେଇକୁ ବୌଦ୍ଧ ଅତିରିକ୍ତ ଜିଲା ଜଜଙ୍କ କୋର୍ଟରେ ଦାଖଲ କରି ନମୁନା ସଂଗ୍ରହ କରିଛି ବାଉଁଶୁଣୀ ପୋଲିସ। ମିଳିଥିବା ସୂଚନା ଅନୁଯାୟୀ ବୁଧବାର ଖବର ପାଇ ଝାରକଟା ଗ୍ରାମ ନିକଟରେ ଛକି ବସିଥିଲା ବାଉଁଶୁଣୀ ପୋଲିସ। ସେହି ସମୟରେ ଝାରକଟା ଗ୍ରାମ ଦିଗରୁ ବସ୍ତା ବୋଝେଇ ଦୁଇଟି ବାଇକ ଆସିଥିଲା । ଘଟଣାସ୍ଥଳରୁ ବାଉଁଶୁଣୀ ପୋଲିସ ଚାଲାଣ ହେଉଥିବା ବେଳେ ଦୁଇଟି ବାଇକ ସହ ୪୪ କେଜି ଗଞ୍ଜେଇ ଜବତ କରିଥିଲା। ପୋଲିସକୁ ଦେଖି ଚାଲାଣକାରୀମାନେ ଗଞ୍ଜେଇ ଓ ବାଇକ ଛାଡି ଫେରାର ମାରିଥିଲେ। ପୋଲିସ ବାଇକ୍ ଓ ଗଞ୍ଜେଇକୁ ଜବତ କରି ଥାନାକୁ ଆଣିଥିଲା। ଥାନାକୁ ଆଣି ଓଜନ କଲାପରେ ୪୪ କେଜି ହୋଇଥିଲା। ବାଉଁଶୁଣୀ ଥାନାରେ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ଥାନା ଅଧିକାରୀ ଅଞ୍ଜଳି ବିଶ୍ୱାଳ କହିଛନ୍ତି । ଜବତ ୪୪ କେଜି ଗଞ୍ଜେଇକୁ ଗୁରୁବାର କୋର୍ଟକୁ ନେଇ ଅଦାଲତରେ ଦାଖଲ କରିବା ସହିତ ପରୀକ୍ଷା ପାଇଁ ନମୂନା ସଂଗ୍ରହ କରିଥିବା ଦେଖିବାକୁ ମିଳିଛି।

## ଧର୍ମପରାୟଣ ମହିଳାଙ୍କ ପରଲୋକ

ଅମରପାଲି,୬।୬(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଆନନ୍ଦପୁର ଗ୍ରାମର ଧର୍ମପରାୟଣ ମହିଳା କ୍ଷୀରାବ୍ଧି ତନୟା


 କ୍ଷୀରାବ୍ଧି ତନୟା ପାଣିଗ୍ରାହୀ।

ପାଣିଗ୍ରାହୀ (୮୪)ଙ୍କ ଗୁରୁବାର ପରଲୋକ ହୋଇଯାଇଛି। ସେ ବିଭିନ୍ନ ଧାର୍ମିକ ଓ ସାମାଜିକ କାର୍ଯ୍ୟରେ ସମ୍ପୃକ୍ତ ଥିଲେ। ଶିକ୍ଷାବିତ୍ ପଙ୍କଜ ପାଣିଗ୍ରାହୀଙ୍କ ପତ୍ନୀ କ୍ଷୀରାବ୍ଧି ଗରିବ ଲୋକଙ୍କୁ ଦାନଧର୍ମ କରୁଥିଲେ। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିଲେ। ସ୍ୱର୍ଗତ ପାଣିଗ୍ରାହୀଙ୍କ ୪ ପୁଅ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୂର୍ଯ୍ୟନାରାୟଣ ପାଣିଗ୍ରାହୀ, ବରିଷ୍ଠ ଅଧ୍ୟାପକ ରବିନାରାୟଣ ପାଣିଗ୍ରାହୀ, ଅଜିତ ପାଣିଗ୍ରାହୀ, ଆଇନଜୀବୀ ଯତୀନ ଆଇନଜୀବୀ, ଜ୍ୱାଇଁ ସୋନପୁର ଜିଲାର ସହକାରୀ ସୂଚନା ଅଧିକାରୀ ବିଦ୍ୟାପତୀ ପଣ୍ଡାଙ୍କ ସହିତ ବହୁ ବିଶିଷ୍ଟ ବ୍ୟକ୍ତି ଶବ ଧାରାରେ ସାମିଲ ଥିଲେ। ଗ୍ରାମ ନିକଟସ୍ଥ ହରିହର ଯୋର ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ବଡପୁଅ ସୂର୍ଯ୍ୟନାରାୟଣ ମୁଖାଗ୍ନି ଦେଇଥିଲେ। ଅନେକ ମାନ୍ୟଗନ୍ୟ ବ୍ୟକ୍ତି ଅନ୍ତିମ ଦର୍ଶନ କରିଥିଲେ। ତାଙ୍କ ପରଲୋକରେ ଅଞ୍ଚଳରେ ଶୋକ ର ଛାୟା ଖେଳାଇ ଯାଇଛି।

## ବୌଦ୍ଧରେ ଜିଲାସ୍ତରୀୟ ବିଶ୍ୱ ପରିବେଶ ଦିବସ ପାଳିତ

ବୌଦ୍ଧ,୬।୬(ଅଜିତ କୁମାର ବାରିକ)

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ କାର୍ଯ୍ୟାଳୟ ବଲାଙ୍ଗିର ପକ୍ଷରୁ ବୌଦ୍ଧ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲାସ୍ତରୀୟ ବିଶ୍ୱ ପରିବେଶ ଦିବସ ବୁଧବାର ପାଳିତ ହୋଇଛି । ଏହି ଅବସରରେ ବିଦ୍ୟାଳୟର ଇକୋ କ୍ଲବ ଛାତ୍ରୀଛାତ୍ରୀ ଓ ପଞ୍ଚାୟତ ମହାବିଦ୍ୟାଳୟର ଯୁବ ରେଡକ୍ରସ ସ୍ୱେଚ୍ଛାସେବୀମାନଙ୍କୁ ନେଇ ଏକ ସଚେତନତା ରାଲି ସହର ପରିକ୍ରମା କରିଥିଲା। ଏହି ଶୋଭାଯାତ୍ରାକୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ବବିତାରାଣୀ ସିଂ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏନେଇ ବିଦ୍ୟାଳୟ ପରିସରର ସଭାଗୃହ ଠାରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ବବିତାରାଣୀ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ବୌଦ୍ଧ ବନଖଣ୍ଡ ଅଧିକାରୀ ଦେବପ୍ରିୟ କମ୍ପ ଯୋଗ ଦେଇ ବଢୁଥିବା ଗରମରୁ ରକ୍ଷା ପାଇବା ପାଇଁ ବୃକ୍ଷରୋପଣ କରିବା ସହ ଜଙ୍ଗଲରେ ନିଆଁ ନ ଲଗାଇବାକୁ ଅନୁରୋଧ କରିଥିଲେ। ସମ୍ମାନିତ ଅତିଥି ଭାବେ ବୌଦ୍ଧ ଡିଷ୍ଟିଲାରୀର ମୁଖ୍ୟ ନିର୍ବାହୀ ଅଧିକାରୀ ପ୍ରିୟବ୍ରତ ମିଶ୍ର ଓ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସାମଲ ଯୋଗ ଦେଇ ପରିବେଶ ସୁରକ୍ଷା ଆମର ଦାୟିତ୍ୱ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଅଧ୍ୟାପକ ପ୍ରବୀର ଦାସ ଯୋଗ ଦେଇ ମୃତ୍ତିକା ଆମର ଭବିଷ୍ୟତ, ମୃତ୍ତିକା ସୁରକ୍ଷା ଓ ପୃଥିବୀକୁ ମରୁଭୂମିକରଣରୁ ରକ୍ଷା ଉପରେ ବିସ୍ତୃତ ଆଲୋଚନା କରିଥିଲେ। ବ୍ୟାପକ ବୃକ୍ଷରୋପଣ କରିବାକୁ ଆହ୍ୱାନ କରିଥିଲେ। ଏହା ସହ ପ୍ଲାଷ୍ଟିକ ବ୍ୟବହାରକୁ ସମ୍ପୂର୍ଣ୍ଣ ବନ୍ଦ କରି ପରିବେଶକୁ ରକ୍ଷା କରିବାକୁ ଅନୁରୋଧ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅତିଥି ପରିଚୟ ନେହୁର ଯୁବ କେନ୍ଦ୍ରର କାର୍ଯ୍ୟକାରୀ ସଂଯୋଜକ ଆସମାନ ମହାକୁଡ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ଇକୋକ୍ଲବର ଶିକ୍ଷୟିତ୍ରୀ କାତ୍ୟାୟନୀ ପାଢୀ ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ବନ ସଂରକ୍ଷକ ମିନାକ୍ଷୀ ଭୋଇ, ଅର୍ଚ୍ଚନା ଗମାଙ୍ଗୋ, ଇକୋକ୍ଲବର ଜିଲା ସଂଯୋଜକ ସ୍ୱରାଜ କଅଁର, ଶିକ୍ଷକ ବିଭୁତିଭୂଷଣ ପାଢୀ, ସୁଧିର ଭୋଇ ପ୍ରମୁଖ ଯୋଗ ଦେଇ ସହଯୋଗ କରିଥିଲେ।



ବୌଦ୍ଧ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲାସ୍ତରୀୟ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ପରିବେଶ ସୁରକ୍ଷା ନେଇ ସଚେତନତା ରାଲି ।

## ଚୋରା ଖଇର କାଠ ବୋଝେଇ ୪୦୭ ଗାଡ଼ି ଜବତ



ପଦ୍ମପୁର,୬।୬(ପ୍ରଦୀପ୍ତ ଦାଶ)

ପଦ୍ମପୁର ବନ ବିଭାଗ ପକ୍ଷରୁ ତେଲିପୁଖାପାଣି ଛକରେ ଚଢ଼ାଉ କରାଯାଇ ଏକ ଚୋରା କାଠ ବୋଝେଇ ପୁରୁଣା ଟାଟା ୪୦୭ ଗାଡ଼ି (ନଂ.ସିଜି୦୪-୯୧୩୬) ଜବତ କରିଛି। ଚୋରା କାଠ ବୋଝେଇ ଟ୍ରକ ଆସୁଥିବା ନେଇ ପଦ୍ମପୁର ବନାଞ୍ଚଳ ଅଧିକାରୀ ସୁଦାମ ଜଗଦଲା ନିକଟରେ ବିଶେଷ ସୂତ୍ରରୁ ଖବର ପହଞ୍ଚିବା ପରେ ବନାଞ୍ଚଳ ଅଧିକାରୀ ସୁଦାମ ଜଗଦଲା ସ୍କ୍ୱାର୍ଡ ଟିମ ଚଢ଼ାଉ କରି ମୋଟ ୨୨୧୦କି.ଗ୍ରା.ର ଆନୁମାନିକ ମୂଲ୍ୟ ପ୍ରାୟ ୨୫୦୦୦୦ ଟଙ୍କାର ମୂଲ୍ୟବାନ ଖଇର କାଠ ଜବତ କରିଛି। ଏ ନେଇ ଏକ ମାମଲା ନଂ.(୦୩/୨୦୨୪-୨୫) ରୁଜୁ କରି ତଦନ୍ତ କରୁଥିବା ବନାଞ୍ଚଳ ଅଧିକାରୀ ଜଗଦଲା କହିଛନ୍ତି। ଟିମ୍‌ରେ ଅଶ୍ୱିନୀ ଭୋଇ, ଦିବାକର ପ୍ରଧାନ, ଶାନ୍ତନୁ ପଧାନ, ମନ ଠେଟୁଆ, କେଶରଞ୍ଜନ ବୁଡ୍ରେକ, ସୁଧାଂଶୁ ଶେଖର ଭଇଁଷା ସାମିଲ ଥିଲେ।

## ଗ୍ରୀଷ୍ମକାଳୀନ ଓଡ଼ିଶୀ ନୃତ୍ୟ କର୍ମଶାଳା ଉଦ୍‌ଘାଟିତ


ଓଡିଶୀ ନୃତ୍ୟ କର୍ମଶାଳା ଉଦ୍‌ଘାଟନୀରେ ଅତିଥି ଓ ଛାତ୍ରୀଛାତ୍ର।

ବୌଦ୍ଧ,୬।୬(ଅଜିତ କୁମାର ବାରିକ)

ବୌଦ୍ଧ ଜିଲାର ନୃତ୍ୟାନୁଷ୍ଠାନ ପ୍ରଣାମ ପକ୍ଷରୁ ଚତୁର୍ଥ ରାଜ୍ୟସ୍ତରୀୟ ଗ୍ରୀଷ୍ମକାଳୀନ ଓଡିଶୀ ନୃତ୍ୟ କର୍ମଶାଳା ବୁଧବାର ଉଦଘାଟିତ ହୋଇଯାଇଛି । ଏହି କର୍ମଶାଳାକୁ ମୁଖ୍ୟ ଅତିଥିଭାବେ ଚିତ୍ତରଞ୍ଜନ ଦାସ, ଅନୁଷ୍ଠାନର ସଭାପତି ବସନ୍ତ କୁମାର ସାହୁ, ଉପସଭାପତି ଗୀତାଞ୍ଜଳୀ ସାହୁ, ମାର୍ଗଦର୍ଶକ ନୃତ୍ୟଗୁରୁ ଡ. ମନୋଜ କୁମାର ବେହେରା, ସମ୍ପାଦକ ଗୁରୁ ପ୍ରଶାନ୍ତ କୁମାର ଭାଇନା ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଏନେଇ ଏଭଳି ଏକ କର୍ମଶାଳା ଆୟୋଜନ କରାଯାଇଥିବାରୁ ଅତିଥିମାନେ ଆୟୋଜକଙ୍କୁ ପ୍ରଶଂସା କରିଥିଲେ। ଏହି କର୍ମଶାଳା ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ଚାଲୁରହିବ। କର୍ମଶାଳାରେ ୨୦ରୁ ଅଧିକ ଛାତ୍ରୀଛାତ୍ର ଭାଗ ନେଇଛନ୍ତି। ଏହା ଦ୍ୱାରା ଓଡିଶାରେ ଶାସ୍ତ୍ରୀୟ ନୃତ୍ୟର ବିକାଶ ଘଟିବା ସହି ଓଡିଶୀ ନୃତ୍ୟ ଶିକ୍ଷା କରୁଥିବା ଛାତ୍ରୀଛାତ୍ରଙ୍କର ବିକାଶ ହୋଇପାରିବ।

## ବାଘପାଲିକୁ ହରାଇ ଉଲୁଣ୍ଡା ଫାଇନାଲରେ

ଅମରପାଲି,୬।୬(ପୀତାମ୍ବର ସାହୁ)

**କୋଟସମଲାଇ ପ୍ରିମିୟର ଲିଗ୍ କ୍ରିକେଟ**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ କୋଟସମଲାଇ ଗ୍ରାମ ଖେଳ ପଡ଼ିଆରେ ଚାଲିଥିବା ୧୪ ତମ କୋଟସମଲାଇ ପ୍ରିମିୟର ଲିଗ କ୍ରିକେଟର ଗୁରୁବାର ମ୍ୟାଚରେ ବାଘପାଲିକୁ ହରାଇ ଉଲୁଣ୍ଡା ଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଦୁଇଟି ମ୍ୟାଚ ଖେଳାଯାଇଥିଲା। ପ୍ରଥମ ମ୍ୟାଚ ଏଲିମିନେଟର ଥିଲା। ଏହି ମ୍ୟାଚ ବାଘପାଲି ଓ ଖୁଣ୍ଟୁଲାପାଲି ମଧ୍ୟରେ ହୋଇଥିଲା। ଖୁଣ୍ଟୁଲାପାଲି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୯ ଉଇକେଟ ହରାଇ ୩୬ ରନ କରିଥିଲା। ଜବାବରେ ବାଘପାଲି ଦଳ ଆବଶ୍ୟକ ୩୭ ରନକୁ ୬ ଓଭରରେ ୬ ଉଇକେଟ ହରାଇ ସଂଗ୍ରହ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ଲିଗ୍‌ର ଦ୍ୱିତୀୟ କ୍ୱାଲିଫାୟର ମ୍ୟାଚ ଥିଲା। ଏହି ମ୍ୟାଚ ପ୍ରଥମ ମ୍ୟାଚ ବିଜେତା ବାଘପାଲି ଓ ଉଲୁଣ୍ଡା ମଧ୍ୟରେ ଖେଳା ଯାଇଥିଲା। ଉଲୁଣ୍ଡା ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୭ ଉଇକେଟ ହରାଇ ୧୨୧ ରନ କରିଥିଲା। ଜବାବରେ ବାଘପାଲି ଦଳ ନିର୍ଦ୍ଧାରିତ ଓଭରରେ ସମସ୍ତ ଉଇକେଟ ହରାଇ ୬୯ ରନ କରି ପରାସ୍ତ ହୋଇଥିଲା। ଫଳରେ ଉଲୁଣ୍ଡା ଦ୍ୱିତୀୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର ଅପରାହ୍ନରେ ଉଲୁଣ୍ଡା ଓ ନାକଡେଇଁ ମଧ୍ୟରେ ଫାଇନାଲ ମ୍ୟାଚ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ। ଗୁରୁବାରର ୨ ମ୍ୟାଚକୁ ନିରାକାର କୁରୁକୁରିଆ ଓ ବିଶ୍ୱନାଥ ବାରିକ ଅମ୍ପେୟାର ଭାବେ ପରିଚାଳନା କରିଥିଲେ। ତୁଷାର ବିଶି ସ୍କୋରର ଏବଂ ଶ୍ୟାମସୁନ୍ଦର ମହାକୁର ଓ ନିତ୍ୟାନନ୍ଦ ପ୍ରଧାନ ଧାରା ବିବରଣୀ ପ୍ରଦାନ କରିଥିଲେ।


ଫାଇନାଲରେ ପ୍ରବେଶ କରିଥିବା ଉଲୁଣ୍ଡା ଦଳର ଖେଳାଳିମାନେ।

## ଧାନ ଚୋରାଚାଲାଣ ରୋକିଲେ ଗ୍ରାମବାସୀ

ବରଗଡ଼,୬।୬(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାରେ ରବିଋତୁ ଧାନ ସଂଗ୍ରହ ପ୍ରକ୍ରିୟାକୁ ଆଉ ଦିନ ପରେ ମାସେ ପୂରିବ। ଅଥଚ ଜିଲାରେ ଧାନସଂଗ୍ରହ ବ୍ୟବସ୍ଥାରେ ସୁଧାର ଆସି ନାହିଁ। ଜିଲାର ଚାଷୀମାନେ ଧାନବିକ୍ରି ପାଇଁ ହଟହଟାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପଟେ ବେପାରୀମାନେ ଜିଲାରେ ସକ୍ରିୟ ହୋଇପଡ଼ି ସର୍ବନିମ୍ନ ସହାୟକ ମୂଲ୍ୟଠାରୁ ଯଥେଷ୍ଟ କମଦରରେ ଧାନ କିଣି ବେଶ ଫାଇଦା ନେଉଥିବା ଅଭିଯୋଗ ହେଉଛି। ବେପାରୀଙ୍କ ଧାନ ଜିଲାରେ ସୁରୁଖୁରୁରେ ବିକ୍ରି ହେଉଥିବାବେଳେ ଚାଷୀ ମଣ୍ଡିକୁ ଧାନ ଆଣିଲେ ସୁଦ୍ଧା ତାହା ଦୀର୍ଘଦିନ ଧରି ମଣ୍ଡିରେ ପଡ଼ି ରହୁଥିବା ଅଭିଯୋଗ ହେଉଛି। ଏପରିକି ପ୍ରଶାସନର ଆଖିରେ ଧୂଳି ମାରି ବେପାରୀମାନେ ଅବାଧରେ କମ୍ ଦରରେ ଧାନକିଣି ସିଧାସଳଖ ଜିଲାର ବିଭିନ୍ନ ରାଇସ୍ ମିଲ ଏବଂ ପଡୋଶୀ ଛତିଶଗଡ଼କୁ ଧାନ ଚୋରାଚାଲାଣ କରିବାରେ ସକ୍ଷମ ହେଉଛନ୍ତି ବୋଲି ଚାଷୀମହଲରେ ଅଭିଯୋଗ ହେଉଛି। ଗୁରୁବାର ବରଗଡ଼ ଜିଲା ବରପାଲି ଥାନା


ଚାଷୀଙ୍କ ସହିତ ଯୋଗାଣ ବିଭାଗ ଅଧିକାରୀ ଆଲୋଚନା କରୁଛନ୍ତି।

ବାଗବାଡ଼ି ଗ୍ରାମରୁ ଏଭଳି ଏକ ଘଟଣା ସାମ୍ନାକୁ ଆସିଛି। ଉକ୍ତ ଗ୍ରାମରେ ସ୍ଥାନୀୟ ଜଣେ ବେପାରୀ ଏକ ୧୨ଚକିଆ ଟ୍ରକରେ ଧାନ ଚାଲାଣ ପାଇଁ ଉଦ୍ୟମ କରୁଥିଲେ। ତେବେ ଗ୍ରାମବାସୀ ଆଖିରେ ତାହା ପଡ଼ିବାରେ ବେପାରୀଙ୍କୁ ସେହି ଅପପ୍ରୟାସ ଫସର ଫାଟିଥିବା ଜଣାପଡ଼ିଛି।

ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ଗ୍ରାମର ଜଣେ ବେପାରୀ ଚଳିତ ଧାନ ସଂଗ୍ରହ ପ୍ରକ୍ରିୟାରେ ନିୟମିତ ଧାନ ଚୋରାଚାଲାଣ କରୁଥିଲେ। ତେବେ ଗୁରୁବାର ସମ୍ପୃକ୍ତ ବେପାରୀଙ୍କ ଧାନ ଚୋରାଚାଲାଣ ଗ୍ରାମବାସୀଙ୍କ ହାତରେ ଧରାପଡ଼ିଥିଲା। ସମ୍ପୃକ୍ତ ବେପାରୀ ଧାନ ଚୋରାଚାଲାଣ ପାଇଁ ଗ୍ରାମର ଜଣେ ଚାଷୀଙ୍କ ଖଳାରେ ଏକ ୧୨ଚକିଆ ଟ୍ରକ ଲଗାଇଥିଲେ। ଉକ୍ତ ଟ୍ରକ ଛତିଶଗଡ଼ର ରେଜିଷ୍ଟ୍ରେଶନ ନମ୍ବର ଥିଲା। ଫଳରେ ସମ୍ପୃକ୍ତ ବେପାରୀ ଗ୍ରାମର ଚାଷୀଙ୍କଠାରୁ କମଧରରେ ଧାନକିଣି ଛତିଶଗଡ଼ ରାଜ୍ୟକୁ ଧାନ ଚୋରାଚାଲାଣ କରିବାକୁ ଉଦ୍ୟମ କରୁଥିବା ଗ୍ରାମବାସୀଙ୍କ

**ଫେରିଗଲା ଖାଲି ଟ୍ରକ୍, ସନ୍ଦେହରେ ଯୋଗାଣ ଅଧିକାରୀଙ୍କ ଭୂମିକା**

ମଧ୍ୟରେ ସନ୍ଦେହ ଦୃଢ଼ୀଭୁତ ହୋଇଥିଲା। ଗ୍ରାମବାସୀ ତାହା ଜାଣିପାରି ଯୋଗାଣ ବିଭାଗ ଅଧିକାରୀଙ୍କୁ ଘଟଣା ସମ୍ପର୍କରେ ଫୋନରେ ଜଣାଇଥିଲେ। ଖବର ପାଇ ଘଟଣାସ୍ଥଳରେ ବିଭାଗୀୟ ଅଧିକାରୀମାନେ ପହଞ୍ଚିଥିଲେ। ଅଧିକାରୀମାନେ ପହଞ୍ଚିବା ପରେ ଟ୍ରକରେ ଆଉ ଧାନ ବୋଝେଇ ହୋଇ ନ ଥିଲା ଏବଂ ଟ୍ରକ ଖାଲି ପଳାଇଥିଲା। ତେବେ ବିଭାଗୀୟ ଅଧିକାରୀମାନେ ମଧ୍ୟ ଫେରି ଯାଇଥିଲେ। ତେବେ ସେହି ଟ୍ରକ କେଉଁ ଉଦ୍ଦେଶ୍ୟ ନେଇ ବାଗବାଡ଼ି ଗ୍ରାମକୁ ପହଞ୍ଚିଥିଲା ଏବଂ ଉକ୍ତ ଟ୍ରକଟରେ ଉକ୍ତ ଗ୍ରାମରୁ କେଉଁସ୍ଥାନକୁ ଧାନ ଚାଲାଣ ହୋଇଥାନ୍ତା, ସେ ନେଇ ମଧ୍ୟ ବିଭାଗୀୟ ଅଧିକାରୀମାନେ ଅନ୍ଧାରରେ ରହି ଟ୍ରକକୁ ଛାଡ଼ି ଦେଇଥିବା ଯୋଗୁ ଏଥିରେ ଘଟଣାସ୍ଥଳରେ ପହଞ୍ଚିଥିବା ଅଧିକାରୀଙ୍କ ଭୂମିକା ଆହୁରି ସନ୍ଦେହଜନକ ହୋଇ ପଡ଼ିଛି।

## ସଂକ୍ଷେପରେ

### ଗଞ୍ଜେଇ ସହ ୨ ବାଇକ୍ ଜବତ

**ବାଉଁଶୁଣୀ, ୬।୬(ଦେବାଶିଷ ନେପାକ):** ବୌଦ୍ଧ ଜିଲା ବାଉଁଶୁଣୀ ଥାନା ଝାରକଟା ଗ୍ରାମ ନିକଟରୁ ଜବତ ହୋଇଥିବା ୪୪ କେଜି ଗଞ୍ଜେଇକୁ ବୌଦ୍ଧ ଅତିରିକ୍ତ ଜିଲା ଜଜଙ୍କ କୋର୍ଟରେ ଦାଖଲ କରି ନମୁନା ସଂଗ୍ରହ କରିଛି ବାଉଁଶୁଣୀ ପୋଲିସ। ମିଳିଥିବା ସୂଚନା ଅନୁଯାୟୀ ବୁଧବାର ଖବର ପାଇ ଝାରକଟା ଗ୍ରାମ ନିକଟରେ ଛକି ବସିଥିଲା ବାଉଁଶୁଣୀ ପୋଲିସ। ସେହି ସମୟରେ ଝାରକଟା ଗ୍ରାମ ଦିଗରୁ ବସ୍ତା ବୋଝେଇ ଦୁଇଟି ବାଇକ ଆସିଥିଲା । ଘଟଣାସ୍ଥଳରୁ ବାଉଁଶୁଣୀ ପୋଲିସ ଚାଲାଣ ହେଉଥିବା ବେଳେ ଦୁଇଟି ବାଇକ ସହ ୪୪ କେଜି ଗଞ୍ଜେଇ ଜବତ କରିଥିଲା। ପୋଲିସକୁ ଦେଖି ଚାଲାଣକାରୀମାନେ ଗଞ୍ଜେଇ ଓ ବାଇକ ଛାଡି ଫେରାର ମାରିଥିଲେ। ପୋଲିସ ବାଇକ୍ ଓ ଗଞ୍ଜେଇକୁ ଜବତ କରି ଥାନାକୁ ଆଣିଥିଲା। ଥାନାକୁ ଆଣି ଓଜନ କଲାପରେ ୪୪ କେଜି ହୋଇଥିଲା। ବାଉଁଶୁଣୀ ଥାନାରେ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ଥାନା ଅଧିକାରୀ ଅଞ୍ଜଳି ବିଶ୍ୱାଳ କହିଛନ୍ତି । ଜବତ ୪୪ କେଜି ଗଞ୍ଜେଇକୁ ଗୁରୁବାର କୋର୍ଟକୁ ନେଇ ଅଦାଲତରେ ଦାଖଲ କରିବା ସହିତ ପରୀକ୍ଷା ପାଇଁ ନମୂନା ସଂଗ୍ରହ କରିଥିବା ଦେଖିବାକୁ ମିଳିଛି।

### ଲରମ୍ଭାରେ ବ୍ରଜମୋହନଙ୍କ ଜୟନ୍ତୀ




**ସରଣ୍ଡା,୬।୬(ଯୁଧିଷ୍ଠିର ମହାପାତ୍ର):** ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ଲରମ୍ଭା ଗ୍ରାମର ପ୍ରମୁଖ ଶିକ୍ଷାକେନ୍ଦ୍ର ଗୁଡିକରେ ପଲ୍ଲୀଶିକ୍ଷା ପ୍ରେମୀ ସ୍ୱର୍ଗତ ବ୍ରଜମୋହନ ପଣ୍ଡାଙ୍କ ଜୟନ୍ତୀ ଗୁରୁବାର ପାଳିତ ହୋଇଯାଇଛି। ପ୍ରଥମେ ତାଙ୍କର ଜନ୍ମସ୍ଥାନକୁ ଯାଇ ଏନ୍ତୁଡିଶାଳରେ ପୂଜାର୍ଚ୍ଚନା କରାଯାଇଥିଲା। ପରେ ପ୍ରାଥମିକ ବିଦ୍ୟାଳୟ, ଉଚ୍ଚବିଦ୍ୟାଳୟ, ମହାବିଦ୍ୟାଳୟସ୍ଥିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ୧୮୯୦ ଜୁନ ୫ତାରିଖରେ ବୃନ୍ଦାବନ ପଣ୍ଡା ଓ ଚନ୍ଦ୍ରମା ଦେବୀଙ୍କ ଔରସରୁ ଲରମ୍ଭା ଗ୍ରାମରେ ଜନ୍ମହୋଇ ଅଞ୍ଚଳରେ ଶିକ୍ଷାର ବିକାଶ ସହ ଜଣେ ପରିବେଶବିତ, କୃଷିବିତ, ସାମାଜିକ କର୍ମୀ, କବି ଭାବେ ତାଙ୍କର ଗୁଣଗାରିମାକୁ ଆଲୋଚନା କରାଯାଇଥିଲ। ମହାବିଦ୍ୟାଳୟ ଅଧକ୍ଷ ଡ. ପ୍ରମୋଦ କୁମାର ଭୋଇ, ଶିକ୍ଷକ ବିନୟ କୁମାର ନାୟକ, ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ରବିନାରାୟଣ ପଣ୍ଡା, ଶିକ୍ଷୟିତ୍ରୀ ପଦ୍ମିନୀ ନାୟକ, ସନ୍ତୋଷ କୁମାର ପଣ୍ଡା, ଗୁରୁଦେବ କୁଶଲ, ଡ. ଅଜିତ କୁମାର ନାଥ, ପବିତ୍ର କୁମାର ମାହାଣା, ମେଦିନୀକାନ୍ତ ସାହୁ, ଗୋପାଳ ଚନ୍ଦ୍ର ନାୟକ, ସୁଶୀଳ ମହାକୁର, ଲିଂଗରାଜ ପୋଢ, ବିଦେଶୀ ଛନ୍ଦ, ଗିରିଧାରୀ ପୁଟେଲ ସମେତ ଗ୍ରାମର ବହୁ ଶିକ୍ଷାପ୍ରେମୀ ଉପସ୍ଥିତ ଥିଲେ।



ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ସୁନ୍ଦରଗଡ଼ ଅରଣ୍ୟ ନଗରରେ ମହିଳାମାନେ ସାବିତ୍ରୀ ବ୍ରତ ପାଳନ କରୁଛନ୍ତି।

# ଡିଏମ୍ଏଫ୍ ପାଣ୍ଠିର ଉନ୍ନୟନମୂଳକ କାର୍ଯ୍ୟ ପରିଦର୍ଶନ

**ବଡ଼ଗାଁ,୬।୬(ଅଶୋକ ଷଡ଼ଙ୍ଗୀ)**

ଅବସରପ୍ରାପ୍ତ ମୁଖ୍ୟ ନ୍ୟାୟାଧିଶ ତଥା ଓମ୍ବାଡସି ଉପଦେଷ୍ଟା ଅନଙ୍ଗ କୁମାର ପଟ୍ଟନାୟକ ଗୁରୁବାର ବଡ଼ଗାଁ ଡାକ୍ତରଖାନା ସମେତ ବ୍ଲକର ବିଭିନ୍ନ ସ୍ଥାନରେ ଓମ୍ବାଡସି ମାଧ୍ୟମରେ ଚାଲିଥିବା ଡିଏମଏଫ ପାଣ୍ଠିର ଉନ୍ନୟନ କାର୍ଯ୍ୟ ପରିଦର୍ଶନ କରିଥିଲେ। ଗୁରୁବାର ବଡ଼ଗାଁ ଡାକ୍ତରଖାନାରେ ଡିଏମଏଫ ତଥା ଓମ୍ବାଡସି ପାଣ୍ଠି ବିନିଯୋଗରେ ହୋଇଥିବା ଉନ୍ନୟନ କାର୍ଯ୍ୟ ପରିଦର୍ଶନ କରିଥିଲେ। ଏହି ସମୟରେ ଗ୍ରାମବାସୀମାନେ ଡାକ୍ତରଖାନାରେ ଶୀତଳ ପାନୀୟ ଜଳର ବ୍ୟବସ୍ଥା ଏବଂ ଡାକ୍ତରଖାନାରେ ଖରାପ ହୋଇ ପଡିଥିବା ଏକ୍ସରେ ମେସିନ କାର୍ଯ୍ୟକ୍ଷମ କରିବାକୁ ଦାବି କରିଥିଲେ। ଏହା ସହିତ ଠିକ ସମୟରେ ଓପିଡିରେ ଡାକ୍ତର ରହୁ ନ ଥିବା ଅଭିଯୋଗ କରିଥିଲେ। ଏହାପରେ ନ୍ୟାୟାଧିଶ ସାହାଜବାହାଲ ଗ୍ରାମ ପଞ୍ଚାୟତର ମଚାମରା ଗ୍ରାମରେ ନିର୍ମାଣ ହୋଇଥିବା ହକି ଷ୍ଟାଡିୟମ ଓ ଫୁଲବାରୀ ଗ୍ରାମରେ ଏସଏସଜି ସଦସ୍ୟା ମାନେ କରିଥିବା କୁକୁଡ଼ା ଚିଆଁ ଚାଷ ପରିଦର୍ଶନ କରିଛନ୍ତି। ଏହି ପରିଦର୍ଶନ ସମୟରେ ସୁନ୍ଦରଗଡ଼ ଡାକ୍ତରଖାନାର ସ୍ୱାସ୍ଥ୍ୟ ଅଧିକାରୀ ଡ. ବାଲା, ଡିପିଏମ ଶଙ୍କର ଆଚାର୍ଯ୍ୟ, ବଡ଼ଗାଁ ଡାକ୍ତରଖାନା ମୁଖ୍ୟ ଡା. ବସନ୍ତ ଟପ୍ପୋ, ବଡ଼ଗାଁ ବ୍ଲକ ଅଧକ୍ଷା ଦୁଲାରୀ ସରେଙ୍ଗ, ବିଡିଓ ସୁମତି ପଣ୍ଡା, ସହକାରୀ ଯନ୍ତ୍ରୀ ସୁନିଲ ମୁର୍ମୁ ପ୍ରମୁଖ ବହୁ ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ମହିଳା ପାଳିଲେ ସାବିତ୍ରୀ ବ୍ରତ



**କୁତ୍ରା, ୬।୬(ଦେବାଶିଷ ସାହୁ)**

କୁତ୍ରା ବ୍ଲକର ବିଭିନ୍ନ ସ୍ଥାନରେ ଗୁରୁବାର ସାବିତ୍ରୀବ୍ରତ ପାଳିତ ହୋଇଯାଇଛି। ମହିଳା ମାନେ ସ୍ୱାମୀଙ୍କ ନିରୋଗ ଓ ଦୀର୍ଘାୟୁ କାମନା କରି ଏହି ବର୍ତ୍ତ ପାଳିଥାନ୍ତି। ସକାଳୁ ମହିଳାମାନେ ବରଗଛ ମୂଳେ ଏବଂ ଘରେ ପୂଜା କରୁଥିବା ଦେଖିବାକୁ ମିଳିଛି। କୁତ୍ରା, ବିରିଙ୍ଗାଟୋଲି, ବୁଡାକେଟା, ଗଙ୍ଗାଜଳ, ପଞ୍ଚରା, ପୁର୍କାପାଲି, ଝାରବେଡା ଆଦି ଗାଁ ଗୁଡିକରେ ସାବିତ୍ରୀ ବ୍ରତ ପାଳିତ ହୋଇଯାଇଛି।

# ଲକ୍ଷ୍ମୀ ବସ୍‌ରୁ ହଟିଲା ଶଙ୍ଖ ଷ୍ଟିକର

## କିଏ ହଟାଇଲା ଜାଣିନାହାନ୍ତି କର୍ମଚାରୀ

**କୁତ୍ରା,୬।୬(ଦେବାଶିଷ ସାହୁ)**




ଲକ୍ଷ୍ମୀ ବସ୍‌ରୁ ଶଙ୍ଖ ଚିହ୍ନ ଷ୍ଟିକର କାଢ଼ି ଦିଆଯାଇଛି।

ରାଜ୍ୟରେ ସରକାର ପରିବର୍ତ୍ତନ ହେବାକୁ ଯାଉଛି। ନୂଆ ସରକାର ଶପଥ ନେବା ପୂର୍ବରୁ ଲକ୍ଷ୍ମୀ ବସ ଗୁଡିକରୁ ଶଙ୍ଖ ଷ୍ଟିକର ଖୋଲାଯାଇଥିବା ଦେଖିବାକୁ ମିଳିଛି। ଗ୍ରାମାଞ୍ଚଳରୁ ବ୍ଲକ ପର୍ଯ୍ୟନ୍ତ ଲୋକଙ୍କ ପରିବହନ ସୁବିଧା ପାଇଁ ସରକାର ଆରମ୍ଭ କରିଥିଲେ ଲକ୍ଷ୍ମୀ ବସ ଯୋଜନା। ଏହି କ୍ରମରେ ସୁନ୍ଦରଗଡ ଜିଲା କୁତ୍ରା ବ୍ଲକରେ ଲକ୍ଷ୍ମୀ ଯୋଜନାରେ ୩ଟି ବସ ଚାଲୁଛି। ପୂର୍ବରୁ ବସର ୨ ପାର୍ଶ୍ୱରେ ୨ ମହିଳା ଶଙ୍ଖ ଫୁଙ୍କୁ ଥିବା ଭଳି ଚିତ୍ର ଷ୍ଟିକର ହଟାଯାଇଛି। ସୂଚନା ଅନୁଯାୟୀ, ନିର୍ବାଚନ ଆଚରଣ ବିଧି ଲାଗୁ ହେଲା ପରେ ଲକ୍ଷ୍ମୀ ବସରେ ଲାଗିଥିବା ଶଙ୍ଖ ସଦୃଶ ଷ୍ଟିରକୁ ଢ଼ାଙ୍କି ଦିଆଯାଇଥିଲା। ତେବେ ସରକାର ପରିବର୍ତ୍ତନ ପରେ ଷ୍ଟିକରକୁ ଖୋଲିଦିଆଯାଇଛି। ଏନେଇ ବସ କର୍ମଚାରୀ ଏବଂ କୁତ୍ରା ବ୍ଲକ ପାଇଁ ନିଯୁକ୍ତ ହୋଇଥିବା ସଂଯୋଜକଙ୍କୁ ପଚାରିବାରୁ ସେମାନେ ଏହି ବିଷୟରେ ଜାଣି ନ ଥିବା କହିଥିଲେ। ଅନ୍ୟପକ୍ଷରେ ସ୍ଥାନୀୟ ବିଡିଓ ଯୁଗଳ କିଶୋର ବିଶ୍ୱାଳଙ୍କୁ ଏନେଇ ପଚାରିବାରୁ, ଶଙ୍ଖ ଚିହ୍ନ ଉଠାଯିବା ନେଇ ତାଙ୍କ ପାଖରେ କୌଣସି ସୂଚନା ନାହିଁ। ଏହି ବସ ଦାୟିତ୍ୱରେ ଥିବା ଉଚ୍ଚ ଅଧିକାରୀଙ୍କ ପକ୍ଷରୁ ତାଙ୍କ ପାଖକୁ ନିର୍ଦ୍ଦେଶ ଆସି ନ ଥିବା ସେ କହିଛନ୍ତି। ତେବେ ଏହି ବସରୁ ଚିହ୍ନ ହଟିଜିବା ବିଷୟରେ କର୍ମଚାରୀ ଜାଣି ନ ଥିବା କହୁଥିବା ବେଳେ ଏହାକୁ କିଏ ହଟାଇଲା ତାହା ଆଶ୍ଚର୍ଯ୍ୟ ଚକିତ କରୁଛି। ଏହି ଯୋଜନା ବର୍ତ୍ତମାନ ସୁଦ୍ଧା ବନ୍ଦ ହୋଇ ନ ଥିବା ବେଳେ କାହିଁକି ଏହା ହଟେଇ ଦିଆଯାଇଛି ତାହାକୁ ନେଇ କେହି ଠିକ ଭାବେ ଉତ୍ତର ଦେଇ ପାରୁ ନାହାଁନ୍ତି।

# ୬ ଦିନ ହେଲା ଅନ୍ଧାରରେ ୩ ଗାଁ



କାଳବୈଶାଖୀ ଯୋଗୁ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ପଡିଛି।

**ହେମଗିର,୬।୬(ଚୈତନ୍ୟ ପଟେଲ)**

ସୁନ୍ଦରଗଡ ଜିଲା ହେମଗିର ବ୍ଲକ ଚିତାମୁଣ୍ଡା,ଯୋରଡିପା ଓ ଡୁମାଯୋର ଗ୍ରାମର ଲୋକେ ଆଜକୁ ୬ ଦିନ ହେଲା ଅନ୍ଧାରରେ ବସବାସ କରୁଛନ୍ତି। କାଳବୈଶାଖୀ ଝଡ ତୋଫାନ ଯୋଗୁ ୬ଟି ବିଦ୍ୟୁତ୍ ଖୁଣ୍ଟ ଉପୁଡି ପଡିଥିଲା। ଏନେଇ ଗ୍ରାମବାସୀ ବାରମ୍ବାର ବିଦ୍ୟୁତ୍ ବିଭାଗକୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଲୋକେ ଅନ୍ଧାରରେ ରହିବା ସହିତ ପିଇବା ପାଣିର ମଧ୍ୟ ସମସ୍ୟା ହେଉଛି। ଏଥିପ୍ରତି ବିଦ୍ୟୁତ୍ ବିଭାଗ ଓ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

# ବୌଦ୍ଧରେ ଜିଲାସ୍ତରୀୟ ବିଶ୍ୱ ପରିବେଶ ଦିବସ ପାଳିତ

**ବୌଦ୍ଧ,୬।୬(ଅଜିତ କୁମାର ବାରିକ)**

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ କାର୍ଯ୍ୟାଳୟ ବଲାଙ୍ଗିର ପକ୍ଷରୁ ବୌଦ୍ଧ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲାସ୍ତରୀୟ ବିଶ୍ୱ ପରିବେଶ ଦିବସ ବୁଧବାର ପାଳିତ ହୋଇଛି । ଏହି ଅବସରରେ ବିଦ୍ୟାଳୟର ଇକୋ କ୍ଲବ ଛାତ୍ରୀଛାତ୍ର ଓ ପଞ୍ଚାୟତ ମହାବିଦ୍ୟାଳୟର ଯୁବ ରେଡକ୍ରସ ସ୍ୱେଚ୍ଛାସେବୀମାନଙ୍କୁ ନେଇ ଏକ ସଚେତନତା ରାଲି ସହର ପରିକ୍ରମା କରିଥିଲା। ଏହି ଶୋଭାଯାତ୍ରାକୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ବବିତାରାଣୀ ସିଂ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏନେଇ ବିଦ୍ୟାଳୟ ପରିସରର ସଭାଗୃହ ଠାରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ବବିତାରାଣୀ ସିଂଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ବୌଦ୍ଧ ବନଖଣ୍ଡ ଅଧିକାରୀ ଦେବପ୍ରିୟ କମ୍ପ ଯୋଗ ଦେଇ ବଢୁଥିବା ଗରମରୁ ରକ୍ଷା ପାଇବା ପାଇଁ ବୃକ୍ଷରୋପଣ କରିବା ସହ ଜଙ୍ଗଲରେ ନିଆଁ ନ ଲଗାଇବାକୁ ଅନୁରୋଧ କରିଥିଲେ। ସମ୍ମାନିତ ଅତିଥି ଭାବେ ବୌଦ୍ଧ ଡିଷ୍ଟିଲାରୀର ମୁଖ୍ୟ ନିର୍ବାହୀ ଅଧିକାରୀ ପ୍ରିୟବ୍ରତ ମିଶ୍ର ଓ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସାମଲ ଯୋଗ ଦେଇ ପରିବେଶ ସୁରକ୍ଷା ଆମର ଦାୟିତ୍ୱ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଅଧ୍ୟାପକ ପ୍ରବୀର ଦାସ ଯୋଗ ଦେଇ ମୃତ୍ତିକା ଆମର ଭବିଷ୍ୟତ, ମୃତ୍ତିକା ସୁରକ୍ଷା ଓ ପୃଥିବୀକୁ ମରୁଭୁମିକରଣରୁ ରକ୍ଷା ଉପରେ ବିସ୍ତୃତ ଆଲୋଚନା କରିଥିଲେ। ବ୍ୟାପକ ବୃକ୍ଷରୋପଣ କରିବାକୁ ଆହ୍ୱାନ କରିଥିଲେ। ଏହା ସହ ପ୍ଲାଷ୍ଟିକ ବ୍ୟବହାରକୁ ସମ୍ପୂର୍ଣ୍ଣ ବନ୍ଦ କରି ପରିବେଶକୁ ରକ୍ଷା କରିବାକୁ ଅନୁରୋଧ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅତିଥି ପରିଚୟ ନେହ୍ରୁ ଯୁବ କେନ୍ଦ୍ରର କାର୍ଯ୍ୟକାରୀ ସଂଯୋଜକ ଆସମାନ ମହାକୁଡ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ଇକୋକ୍ଲବର ଶିକ୍ଷୟିତ୍ରୀ କାତ୍ୟାୟନୀ ପାଢୀ ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ବନ ସଂରକ୍ଷକ ମିନାକ୍ଷୀ ଭୋଇ, ଅର୍ଚ୍ଚନା ଗମାଙ୍ଗୋ, ଇକୋକ୍ଲବର ଜିଲା ସଂଯୋଜକ ସ୍ୱରାଜ କଅଁର, ଶିକ୍ଷକ ବିଭୁତିଭୂଷଣ ପାଢୀ, ସୁଧିର ଭୋଇ ପ୍ରମୁଖ ଯୋଗ ଦେଇ ସହଯୋଗ କରିଥିଲେ।

## ଚୋରା ଖଇର କାଠ ବୋଝେଇ ୪୦୭ ଗାଡ଼ି ଜବତ

**ପଦ୍ମପୁର,୬।୬(ପ୍ରଦୀପ୍ତ ଦାଶ)**

ପଦ୍ମପୁର ବନ ବିଭାଗ ପକ୍ଷରୁ ତେଲିଝୁଖାପାଣି ଛକରେ ଚଢ଼ାଉ କରାଯାଇ ଏକ ଚୋରା କାଠ ବୋଝେଇ ପୁରୁଣା ଟାଟା ୪୦୭ ଗାଡ଼ି (ନଂ.ସିଜି୦୪-୯୧୩୬) ଜବତ କରିଛି। ଚୋରା କାଠ ବୋଝେଇ ଟ୍ରକ ଆସୁଥିବା ନେଇ ପଦ୍ମପୁର ବନାଞ୍ଚଳ ଅଧିକାରୀ ସୁଦାମ ଜଗଦଲା ନିକଟରେ ବିଶେଷ ସୂତ୍ରରୁ ଖବର ପହଞ୍ଚିବା ପରେ ବନାଞ୍ଚଳ ଅଧିକାରୀ ସୁଦାମ ଜଗଦଲା ସ୍କ୍ୱାର୍ଡଟିମ ଚଢ଼ାଉ କରିମୋଟ ୨୨୧୦କି.ଗ୍ରା.ର ଆନୁମାନିକ ମୂଲ୍ୟ ପ୍ରାୟ ୨୫୦୦୦୦ ଟଙ୍କାର ମୂଲ୍ୟବାନ ଖଇର କାଠ ଜବତ କରିଛି। ଏ ନେଇ ଏକ ମାମଲା ନଂ.(୦୩/୨୦୨୪-୨୫) ରୁଜୁ କରି ତଦନ୍ତ କରୁଥିବା ବନାଞ୍ଚଳ ଅଧିକାରୀ ଜଗଦଲା କହିଛନ୍ତି। ଟିମ୍‌ରେ ଅଶ୍ୱିନୀ ଭୋଇ, ଦିବାକର ପ୍ରଧାନ, ଶାନ୍ତନୁ ପଧାନ, ମନ ଠେଟୁଆ, କେଶରଞ୍ଜନ ବୁଡ଼େକ, ସୁଧାଂଶୁ ଶେଖର ଭଇଁଷା ସାମିଲ ଥିଲେ।

# ଧାନ ଚୋରାଚାଲାଣ ରୋକିଲେ ଗ୍ରାମବାସୀ

**ବରଗଡ଼,୬।୬(ପ୍ରେମାନନ୍ଦ ଖମାରୀ)**




ଚାଷୀଙ୍କ ସହିତ ଯୋଗାଣ ବିଭାଗ ଅଧିକାରୀ ଆଲୋଚନା କରୁଛନ୍ତି।

ବରଗଡ଼ ଜିଲାରେ ରବିଋତୁ ଧାନ ସଂଗ୍ରହ ପ୍ରକ୍ରିୟାକୁ ଆଉ ଦିନ ପରେ ମାସେ ପୂରିବ। ଅଥଚ ଜିଲାରେ ଧାନସଂଗ୍ରହ ବ୍ୟବସ୍ଥାରେ ସୁଧାର ଆସି ନାହିଁ। ଜିଲାର ଚାଷୀମାନେ ଧାନବିକ୍ରି ପାଇଁ ହଟହଟାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପଟେ ବେପାରୀମାନେ ଜିଲାରେ ସକ୍ରିୟ ହୋଇପଡ଼ି ସର୍ବନିମ୍ନ ସହାୟକ ମୂଲ୍ୟଠାରୁ ଯଥେଷ୍ଟ କମଦରରେ ଧାନ କିଣି ବେଶ ଫାଇଦା ନେଉଥିବା ଅଭିଯୋଗ ହେଉଛି। ବେପାରୀଙ୍କ ଧାନ ଜିଲାରେ ସୁରୁଖୁରୁରେ ବିକ୍ରି ହେଉଥିବାବେଳେ ଚାଷୀ ମଣ୍ଡିକୁ ଧାନ ଆଣିଲେ ସୁଦ୍ଧା ତାହା ଦୀର୍ଘଦିନ ଧରି ମଣ୍ଡିରେ ପଡ଼ି ରହୁଥିବା ଅଭିଯୋଗ ହେଉଛି। ଏପରିକି ପ୍ରଶାସନର ଆଖିରେ ଧୂଳି ମାରି ବେପାରୀମାନେ ଅବାଧରେ କମ୍ ଦରରେ ଧାନକିଣି ସିଧାସଳଖ ଜିଲାର ବିଭିନ୍ନ ରାଇସ୍ ମିଲ ଏବଂ ପଡୋଶୀ ଛତିଶଗଡ଼କୁ ଧାନ ଚୋରାଚାଲାଣ କରିବାରେ ସକ୍ଷମ ହେଉଛନ୍ତି ବୋଲି ଚାଷୀମହଲରେ ଅଭିଯୋଗ ହେଉଛି। ଗୁରୁବାର ବରଗଡ଼ ଜିଲା ବରପାଲି ଥାନା ବାଗବାଡ଼ି ଗ୍ରାମରୁ ଏଭଳି ଏକ ଘଟଣା ସାମ୍ନାକୁ ଆସିଛି। ଉକ୍ତ ଗ୍ରାମରେ ସ୍ଥାନୀୟ ଜଣେ ବେପାରୀ ଏକ ୧୨ଚକିଆ ଟ୍ରକରେ ଧାନ ଚାଲାଣ ପାଇଁ ଉଦ୍ୟମ କରୁଥିଲେ। ତେବେ ଗ୍ରାମବାସୀ ଆଖିରେ ତାହା ପଡ଼ିବାରେ ବେପାରୀଙ୍କୁ ସେହି ଅପପ୍ରୟାସ ଫସର ଫାଟିଥିବା ଜଣାପଡ଼ିଛି।

ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ଗ୍ରାମର ଜଣେ ବେପାରୀ ଚଳିତ ଧାନ ସଂଗ୍ରହ ପ୍ରକ୍ରିୟାରେ ନିୟମିତ ଧାନ ଚୋରାଚାଲାଣ କରୁଥିଲେ। ତେବେ ଗୁରୁବାର ସମ୍ପୃକ୍ତ ବେପାରୀଙ୍କ ଧାନ ଚୋରାଚାଲାଣ ଗ୍ରାମବାସୀଙ୍କ ହାତରେ ଧରାପଡ଼ିଥିଲା। ସମ୍ପୃକ୍ତ ବେପାରୀ ଧାନ ଚୋରାଚାଲାଣ ପାଇଁ ଗ୍ରାମର ଜଣେ ଚାଷୀଙ୍କ ଖଳାରେ ଏକ ୧୨ଚକିଆ ଟ୍ରକ ଲଗାଇଥିଲେ। ଉକ୍ତ ଟ୍ରକ ଛତିଶଗଡ଼ର ରେଜିଷ୍ଟ୍ରେଶନ ନମ୍ବର ଥିଲା। ଫଳରେ ସମ୍ପୃକ୍ତ ବେପାରୀ ଗ୍ରାମର ଚାଷୀଙ୍କଠାରୁ କମଧରରେ ଧାନକିଣି ଛତିଶଗଡ଼ ରାଜ୍ୟକୁ ଧାନ ଚୋରାଚାଲାଣ କରିବାକୁ ଉଦ୍ୟମ କରୁଥିବା ଗ୍ରାମବାସୀଙ୍କ ମଧ୍ୟରେ ସନ୍ଦେହ ଦୃଢ଼ୀଭୁତ ହୋଇଥିଲା। ଗ୍ରାମବାସୀ ତାହା ଜାଣିପାରି ଯୋଗାଣ ବିଭାଗ ଅଧିକାରୀଙ୍କୁ ଘଟଣା ସମ୍ପର୍କରେ ଫୋନରେ ଜଣାଇଥିଲେ। ଖବର ପାଇ ଘଟଣାସ୍ଥଳରେ ବିଭାଗୀୟ ଅଧିକାରୀମାନେ ପହଞ୍ଚିଥିଲେ। ଅଧିକାରୀମାନେ ପହଞ୍ଚିବା ପରେ ଟ୍ରକରେ ଆଉ ଧାନ ବୋଝେଇ ହୋଇ ନ ଥିଲା ଏବଂ ଟ୍ରକ ଖାଲି ପଳାଇଥିଲା। ତେବେ ବିଭାଗୀୟ ଅଧିକାରୀମାନେ ମଧ୍ୟ ଫେରି ଯାଇଥିଲେ। ତେବେ ସେହି ଟ୍ରକ କେଉଁ ଉଦ୍ଦେଶ୍ୟ ନେଇ ବାଗବାଡ଼ି ଗ୍ରାମକୁ ପହଞ୍ଚିଥିଲା ଏବଂ ଉକ୍ତ ଟ୍ରକଟରେ ଉକ୍ତ ଗ୍ରାମରୁ କେଉଁସ୍ଥାନକୁ ଧାନ ଚାଲାଣ ହୋଇଥାନ୍ତା, ସେ ନେଇ ମଧ୍ୟ ବିଭାଗୀୟ ଅଧିକାରୀମାନେ ଅନ୍ଧାରରେ ରହି ଟ୍ରକକୁ ଛାଡ଼ି ଦେଇଥିବା ଯୋଗୁ ଏଥିରେ ଘଟଣାସ୍ଥଳରେ ପହଞ୍ଚିଥିବା ଅଧିକାରୀଙ୍କ ଭୂମିକାଆହୁରିସନ୍ଦେହଜନକହୋଇପଡ଼ିଛି।

# ପରିବେଶ ସଚେତନତା, ଚାରା ରୋପଣ କାର୍ଯ୍ୟକ୍ରମ

**ରାଜଗାଙ୍ଗପୁର,୬।୬(ଅଶୋକ ପାଣି)**



ବିଶ୍ୱ ପରିବେଶ ଦିବସ ପାଳନ ଏବଂ ଦୀର୍ଘସ୍ଥାୟିତା ନିମନ୍ତେ ନିଜର ପ୍ରତିବଦ୍ଧତାକୁ ପୁନଃ ସୁଦୃଢ଼ କରିବା ପାଇଁ ଭାରତର ଅଗ୍ରଣୀ ସିମେଣ୍ଟ କମ୍ପାନୀ ଡାଲମିଆ ଭାରତ ଲିମିଟେଡ ଓ ଏକାଧିକ କାର୍ଯ୍ୟକ୍ରମ ଆୟୋଜନ କରିଛି। ଏହି ଉତ୍ସବ ପାଳନରେ ସ୍ଥାନୀୟ କୃଷକଙ୍କୁ ସମର୍ଥନ କରିବା ଏବଂ ଅଞ୍ଚଳରେ ସବୁଜ ବଳୟ ବୃଦ୍ଧି କରିବା ଲକ୍ଷ୍ୟରେ ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଡାଲମିଆ ସିମେଣ୍ଟ ତାହାର ଅନ୍ନଦାତା ପ୍ରୋଜେକ୍ଟ (ଏକ ଶସ୍ୟ ବ୍ୟାଙ୍କ ରୋଟେସନ ପ୍ରୟାସ) ଜରିଆରେ ପ୍ରାୟ ୧୫୦ କୃଷକଙ୍କୁ ବିହନ ବଣ୍ଟନ କରିଥିଲା। ଯାହା ଖୁବଶୀଘ୍ର ୮୫୦ କୃଷକଙ୍କୁ ପରିବ୍ୟାପ୍ତ କରାଯାଉଛି। କୃଷକଙ୍କୁ ମଧ୍ୟ ୫୦୦ ବାଉଁଶ ଚାରା ପ୍ରଦାନ କରାଯାଇଥିଲା। ଏହି କର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କ ମଧ୍ୟରେ ରାଜଗାଙ୍ଗପୁର ଜଙ୍ଗଲ ବିଭାଗର ରେଞ୍ଜ ଅଫିସର ଗୁରୁ ଚରଣ ମଣ୍ଡଳ, ଏକଜକ୍ୟୁଟିଭ ଡାଇରେକ୍ଟର ଡିସିବିଏଲ ଚେତନ ଶ୍ରୀବାସ୍ତବ, ଲାଞ୍ଜିବେର୍ଣ୍ଣା ମାଇନ୍ସ ହେଡ ଓମ ପ୍ରକାଶ ଖେଲକାର, ହେଡ ଏଚଆର ଆଣ୍ଡ କର୍ପୋରେଟ ସୋସିଆଲ ରିଲେସନ୍ସ ଡ.ନିଳାଦ୍ରୀ ଭୂଷଣ ପାଢୀ ଏବଂ ଡିସିବିଏଲ ଅଶୋକ କୁମାର ମିଶ୍ର ପ୍ରମୁଖ ଥିଲେ। ନାବାର୍ଡର ଏକ ପ୍ରକଳ୍ପ ଫାର୍ମ ସେକ୍ଟର ପ୍ରମୋସନ ଫଣ୍ଡ (ଏଫଏସ୍ପିଏଫ) ଅଧୀନରେ ଏକ ସବୁଜ ଛାୟା ନର୍ସରୀ ମଧ୍ୟ ଉଦ୍‌ଘାଟିତ ହୋଇଥିଲା। ପରିବେଶ ଦିବସରେ ଏକ ପ୍ଲାଣ୍ଟେସନ ଗ୍ରୀନ ଡ୍ରାଇଭ ମଧ୍ୟ ଆୟୋଜନ କରାଯାଇଥିଲା। ଯାହା ଅଧୀନରେ ଲାଞ୍ଜିବେର୍ଣ୍ଣା ଏବଂ କୁକୁଡା ଗ୍ରାମ, ଆର୍ ଆଣ୍ଡ ଆର୍ କଲୋନୀ ଓ ପାୱାର ପ୍ଲାଣ୍ଟ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ୧୦୦୦ ବୃକ୍ଷ ଚାରା ରୋପଣ କରାଯାଇଥିଲା। 'ହାର୍ନେସିଂ ଦି ପାୱର ଅଫ ସନ (ଏ ଗ୍ରୀନ ଏନର୍ଜି ଇନିସିଏଟିଭ)' ନାମକ ଆଉ ଏକ ପ୍ରୟାସ ଅଧୀନରେ ଟିମ ଏକ କାର ପାର୍କିଂ ସେଡ ସୌର ଶକ୍ତି ଉତ୍ପାଦନ ଉତ୍ସରେ ରୂପାନ୍ତରିତ କରିଥିଲେ। ଯେଉଁଠାରେ ୨୧.୮ କିଲୋୱାଟ ଶକ୍ତି ଉତ୍ପାଦନ କ୍ଷମତା ସ୍ଥାପନ କରାଯାଇଛି। ଏହା ରାସ୍ତା ଆଲୋକୀକରଣ ନିମନ୍ତେ ବ୍ୟବହାର କରାଯିବ । ଏହି ଅବସରରେ ଉଲ୍ଲେଖ କରି ଚେତନ ଶ୍ରୀବାସ୍ତବ କହିଥିଲେ, ବିଶ୍ୱ ପରିବେଶ ଦିବସ ଆମ ପରିବେଶକୁ ସୁରକ୍ଷିତ ରଖିବା ଏବଂ ପରିପୋଷଣ କରିବା ନିମନ୍ତେ ଆମର ସାମୂହିକ ଦାୟିତ୍ୱକୁ ସ୍ମରଣ କରାଇଦେଉଛି। ଆମେ ଏକ ସବୁଜ ଓ ଅଧିକ ମଜଭୁତ ଭବିଷ୍ୟତ ସମସ୍ତଙ୍କ ପାଇଁ ଗଢିତୋଳିବା ନିମନ୍ତେ ଉଦ୍ୟମରତ ଥିବାବେଳେ ଆମର ପ୍ରୟାସଗୁଡିକ ପରିବେଶ ଦୀର୍ଘସ୍ଥାୟିତା, ଗୋଷ୍ଠୀ ବିକାଶ ପ୍ରତି ଆମର ଏକନିଷ୍ଠ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ସ୍କୁଲ ପିଲାଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ଭଳି କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିଲା। ଯାହା ଡାଲମିଆ ବିଦ୍ୟା ମନ୍ଦିର (ଡିଭିଏମ), ରାଜଗାଙ୍ଗପୁର ଠାରେ ଆୟୋଜିତ ହୋଇଥିଲା । ଅନଲାଇନ କୁଇଜ ପ୍ରତିଯୋଗିତା, ଶ୍ରେଷ୍ଠ ପ୍ରଦୂଷଣମୁକ୍ତ ସ୍ଥଳ, ଫ୍ଲୋରା ଆଣ୍ଡ ଫୋନ ଫଟୋଗ୍ରାଫି ପ୍ରତିଯୋଗିତା, ଗ୍ରୀନ ଡେସ୍କ ଚାଲେଞ୍ଜ ଆଦି ଆୟୋଜିତ କରାଯାଇଥିଲା। ସମାନ୍ତରାଳ ଉତ୍ସବରେ ଡାଲମିଆ ସିମେଣ୍ଟର କଟକ ସ୍ଥିତ କାରଖାନା- କପିଳାସ ସିମେଣ୍ଟ ୱାର୍କସର ସାମାଜିକ ଦାୟିତ୍ୱ ନିର୍ବାହ (ସିଏସଆର) ଶାଖା ଡାଲମିଆ ଭାରତ ଫାଉଣ୍ଡେଶନ (ଡିବିଏଫ) ତରଫରୁ ଜମି ପୁନରୁଦ୍ଧାର, ମରୁଭୂମି ଏବଂ ମରୁଡ଼ି ସ୍ଥିରତା ଥିମ ସହିତ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଥିଲା। ଏଥିରେ ଗରୁଡ଼ ଗାଁର ମହିଳାମାନେ, ଶ୍ରୀମତୀ ସୁଶ୍ରୀ ଦୀପ୍ତିମୟୀ ବେହେରା ସରପଞ୍ଚ, ଶ୍ରୀ ସୁବୋଧ କୁମାର ସାମଲ ଏକ୍ସ ସରପଞ୍ଚ, ଶ୍ରୀ ପ୍ରିୟରଞ୍ଜନ ମଲ୍ଲିକ ହେଡ ଏନ୍ଭାଇରଂମେଣ୍ଟ କେସିଡବ୍ଲ୍ୟୁ ଡ. ଦିଲୀପ କୁମାର ପାନିଗ୍ରାହୀ,ଏଚଆର ହେଡ - କେସିଡବ୍ଲ୍ୟୁ ଏବଂ ଟିମ ସିଏସଆର ଉପସ୍ଥିତ ଥିଲେ। ଏହା ସହିତ ବିଶ୍ୱାଳି ସ୍ଥିତ ଦୀକ୍ଷା କେନ୍ଦ୍ରରେ ୟୁନିଟ ହେଡ-କେସିଡବ୍ଲ୍ୟୁ ସଭାପତି ସଙ୍ଗିନୀ ଲେଡିଜ କ୍ଲବ, କମ୍ପାନୀର ବରିଷ୍ଠ ଅଧିକାରୀ ଓ କର୍ମଚାରୀ, ଓଏସପିସିବିର ଆଞ୍ଚଳିକ ଅଧିକାରୀ ରଶ୍ମିତା ପ୍ରିୟଦର୍ଶିନୀ, ସହକାରୀ ପରିବେଶ ବୈଜ୍ଞାନିକ ଏବଂ ଓଏସପିସିବିର ଇଞ୍ଜିନିୟରଙ୍କ ଉପସ୍ଥିତିରେ ୫୦ ଟି ଚାରା ରୋପଣ କରାଯାଇଥିଲା।


ଗୁରୁବାର ରାତିରେ ନନ୍ଦପଡା ବାଲୁଙ୍କେଶ୍ୱର ବାବାଙ୍କ ପତରପେଡ଼ିଁ: ସମ୍ବଲପୁର ଚାରଭାଟିସ୍ଥିତ କନ୍ୟା ମାତାପିତା ବରପିତାଙ୍କଠାରୁ ଶାଳପତ୍ର ଗ୍ରହଣ କରି କନ୍ୟାଦାନ ପାଇଁ ସଙ୍କଳ୍ପ କରୁଛନ୍ତି ।

# ଅଂଶୁଘାତରେ ଯୁବକଙ୍କ ମୃତ୍ୟୁ ଅଭିଯୋଗ

ଦେବଗଡ଼,୬।୬(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଥାନା ରମ୍ଭେଇ ଗ୍ରାମପଞ୍ଚାୟତ ଅନ୍ତର୍ଗତ ହରେକୃଷ୍ଣପୁର ଗ୍ରାମରେ ଗୁରୁବାର ଜଣେ ଯୁବକଙ୍କ ଅଂଶୁଘାତରେ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ବିନୋଦ ସେଠୀ (୩୫)। ଅଭିଯୋଗ ଅନୁଯାୟୀ ହରେକୃଷ୍ଣପୁର ଗ୍ରାମର ବିନୋଦ ଅପରାହ୍ନରେ ଖାଇ ସାରି ଟୋଲ ଗୋଟାଇବା ପାଇଁ ବିଲକୁ ଯାଇଥିଲେ। ଅପରାହ୍ନ ପ୍ରାୟ ୪ଟାରେ ବିନୋଦ ଚେତାଶୂନ୍ୟ ଅବସ୍ଥାରେ ଏକ ମହୁଲ ଗଛ ନିକଟରେ ପଡିଥିବା ଦେଖି କେତେକ ବ୍ୟକ୍ତି ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ବିନୋଦଙ୍କୁ ଉଦ୍ଧାର କରି ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ସୂଚନା ପାଇ ଦେବଗଡ ଅଦର୍ଶ ଥାନା ପୋଲିସ ମୃତଦେହ ଜବତ କରି ଘଟଣାର ତଦନ୍ତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟ ଶବାଗାରରେ ସଂରକ୍ଷିତ ରଖିଛି। ଶୁକ୍ରବାର ବିନୋଦଙ୍କ ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ ସୂତ୍ରରୁ ସୂଚନା ମିଳିଛି। ସୂଚନାଯୋଗ୍ୟ ଯେ, ବିନୋଦ ଅତ୍ୟନ୍ତ ଗରିବ ପରିବାର ହୋଇଥିବାବେଳେ ପ୍ରାୟ ୬ବର୍ଷ ପୂର୍ବେ ଗରଗଡବାହାଲ ଗ୍ରାମରେ ବିବାହ କରିଥିଲେ। ତାଙ୍କର ଏକ ୫ ବର୍ଷର ଝିଅ ଓ ୩ ବର୍ଷର ପୁଅ ଅଛନ୍ତି। ସରକାରଙ୍କ ପକ୍ଷରୁ ବିନୋଦଙ୍କ ପରିବାରକୁ ଅନୁକମ୍ପାମୂଳକ ସହାୟତା ରାଶି ଅବିଳମ୍ବେ ପ୍ରଦାନ ପାଇଁ ଅଞ୍ଚଳବାସୀ ଦାବି ଜଣାଇଛନ୍ତି।

# ବିଶ୍ୱ ପରିବେଶ ଦିବସ ଅବସରରେ ବୃକ୍ଷରୋପଣ

ଝାରସୁଗୁଡ଼ା,୬।୬(ସଞ୍ଜୟ ମାଲି)



ଝାରସୁଗୁଡା ଜିଲାରେ ନିର୍ବାଚନ ସାଧାରଣ ପର୍ଯ୍ୟବେକ୍ଷକ ଜେ ମଞ୍ଜୁନାଥ ଓ ଜିଲାପାଳ ଅବୋଲି ସୁନୀଲ ନରୱଣେ ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ବୃକ୍ଷରୋପଣ କରିଥିଲେ। ସ୍ଥାନୀୟ ସର୍କିଟ ହାଉସ ଓ ଝରିଆନାୟରସ୍ଥିତ ସମ୍ପଦ କେନ୍ଦ୍ର ପରିସରରେ ଚାରା ବୃକ୍ଷ ରୋପଣ କରାଯାଇଥିଲା। ପର୍ଯ୍ୟବେକ୍ଷକ ଜେ ମଞ୍ଜୁନାଥ ପରିବେଶ ସୁରକ୍ଷା ପାଇଁ ବୃକ୍ଷରୋପଣର ଆବଶ୍ୟକତା ରହିଥିବା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଓ ନିର୍ବାହୀ ଅଧିକାରୀ ପ୍ରବୀର କୁମାର ନାୟକ, ଅତିରିକ୍ତ ଜିଲାପାଳ ରାଜସ୍ୱ କିଶୋର ଚନ୍ଦ୍ର ସ୍ୱାଇଁ, ଉପଜିଲାପାଳ ସବ୍ୟସାଚୀ ପଣ୍ଡା, ଝାରସୁଗୁଡା ପୌରପାଳିକା ନିର୍ବାହୀ ଅଧିକାରୀ ଦିଲୀପ ମହାନ୍ତି ମଧ ବୃକ୍ଷରୋପଣ କରିଥିଲେ। ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଜୟ ଜେନା, ପୌରପାଳିକା କର୍ମଚାରୀ ଓ ସମ୍ପଦ କେନ୍ଦ୍ରର କର୍ମଚାରୀମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ପର୍ଯ୍ୟବେକ୍ଷକ ସମ୍ପଦ କେନ୍ଦ୍ର କର୍ମଚାରୀଙ୍କୁ ପୋଷାକ ବଣ୍ଟନ କରିଥିଲେ।

# ଓବିସି ବର୍ଗରୁ ହୁଅନ୍ତୁ ଜଣେ ମୁଖ୍ୟମନ୍ତ୍ରୀ

## ଦାବି କଲା ରାଜ୍ୟ ଓବିସି ମଞ୍ଚ

ସମ୍ବଲପୁର,୬।୬(ଭବାନୀ ଶଙ୍କର ଭୋଇ)

ଓଡ଼ିଶାରେ ଜଣେ ଓବିସିଙ୍କୁ ମୁଖ୍ୟମନ୍ତ୍ରୀ କରିବାକୁ ଦାବି କରିଛି ରାଜ୍ୟ ଓବିସି ମଞ୍ଚ। ଚଳିତ ନିର୍ବାଚନରେ ଓବିସି ବର୍ଗର ପୂର୍ଣ୍ଣ ସମର୍ଥନରେ ଭାଜପା ସରକାର ଗଠନ କରିବାକୁ ଯାଉଛି। ତେଣୁ ଏଥର ଓଡ଼ିଶାରେ ଜଣେ ଓବିସି ବର୍ଗର ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀ କରିବାକୁ ଓବିସି ମଞ୍ଚ ଭାଜପା ନେତୃବୃନ୍ଦଙ୍କଠାରେ ଦାବି କରିଛି। ସମ୍ବଲପୁର ସାମ୍ବାଦିକ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମଞ୍ଚ ନେତୃବର୍ଗ କହିଛନ୍ତି ବିଗତ ୨୪ ବର୍ଷ ମଧ୍ୟରେ ବିଜେଡି ସରକାର ଓଡ଼ିଶାରେ ଓବିସିଙ୍କୁ ସଂରକ୍ଷଣ ଦେବାରେ ଉପେକ୍ଷା କରି ଆସିଥିଲା। ପରିଣାମ ସ୍ୱରୂପ


ଖବରଦାତା ସମ୍ମିଳନୀରେ ଓବିସି ମଞ୍ଚ କର୍ମକର୍ତ୍ତା।

ଓବିସିମାନେ ଭାଜପାକୁ ସମର୍ଥନ କରିଛନ୍ତି ବୋଲି ମଞ୍ଚ ଦାବି କରିଛି। ଏଥର ରାଜ୍ୟରେ ପରିବର୍ତ୍ତନ ଦେଖାଦେଇ ଭାଜପା ସରକାର ଗଠନ କରିବାକୁ ଯାଉଛି। ଓଡିଶାରେ ବର୍ତ୍ତମାନ ପର୍ଯ୍ୟନ୍ତ ଓବିସିମାନଙ୍କୁ ଚାକିରି କିମ୍ବା ଶିକ୍ଷା କ୍ଷେତ୍ରରେ ସଂରକ୍ଷଣ ଲାଗୁ କରାଯାଇନାହିଁ। ଏପରିକି ଓଡ଼ିଶାରେ ବର୍ତ୍ତମାନ ପର୍ଯ୍ୟନ୍ତ ଏହି ବର୍ଗର କୌଣସି ବ୍ୟକ୍ତି ମୁଖ୍ୟମନ୍ତ୍ରୀ ପଦରେ ଅଳଙ୍କୃତ କରି ପାରି ନାହାନ୍ତି। ଏଣୁ ଓଡ଼ିଶା ରାଜ୍ୟରେ ଓବିସିଙ୍କ ବିକାଶ ପାଇଁ ଭାଜପା ପକ୍ଷରୁ ଜଣେ ଦକ୍ଷ ଏବଂ ତଳ ସ୍ତରରୁ କାର୍ଯ୍ୟ କରିଥିବା ଅଭିଜ୍ଞ ଓବିସିଙ୍କୁ ମୁଖ୍ୟମନ୍ତ୍ରୀ କରିବାକୁ ରାଜ୍ୟ ଓବିସି ମଞ୍ଚ ପକ୍ଷରୁ ଦାବି କରାଯାଇଛି। ଖବରଦାତା ସମ୍ମିଳନୀରେ ରାଜ୍ୟ ଓବିସି ମଞ୍ଚ ସଭାପତି ଶଙ୍କର ପାତ୍ର, ଚଷା ସମାଜର ସଭାପତି କରୁଣାକର ବିଶ୍ୱାଳ, ଗୌଡ ସମାଜର ସଭାପତି ମନବୋଧ ଭୋଇ, କୁଲତା ସମାଜର ଦୀନବନ୍ଧୁସାହୁପ୍ରମୁଖ ସାମିଲ ହୋଇଥିଲେ।

# ଗଞ୍ଜେଇ ସହ ୨ ବାଇକ୍ ଜବତ

ବାଉଁଶୁଣୀ, ୬।୬(ଦେବାଶିଷ ନେପାକ)

ବୌଦ୍ଧ ଜିଲା ବାଉଁଶୁଣୀ ଥାନା ଝାରକଟା ଗ୍ରାମ ନିକଟରୁ ଜବତ ହୋଇଥିବା ୪୪ କେଜି ଗଞ୍ଜେଇକୁ ବୌଦ୍ଧ ଅତିରିକ୍ତ ଜିଲା ଜଜଙ୍କ କୋର୍ଟରେ ଦାଖଲ କରି ନମୁନା ସଂଗ୍ରହ କରିଛି ବାଉଁଶୁଣୀ ପୋଲିସ। ମିଳିଥିବା ସୂଚନା ଅନୁଯାୟୀ ବୁଧବାର ଖବର ପାଇ ଝାରକଟା ଗ୍ରାମ ନିକଟରେ ଛକି ବସିଥିଲା ବାଉଁଶୁଣୀ ପୋଲିସ। ସେହି ସମୟରେ ଝାରକଟା ଗ୍ରାମ ଦିଗରୁ ବସ୍ତା ବୋଝେଇ ଦୁଇଟି ବାଇକ ଆସିଥିଲା । ଘଟଣାସ୍ଥଳରୁ ବାଉଁଶୁଣୀ ପୋଲିସ ଚାଲାଣ ହେଉଥିବା ବେଳେ ଦୁଇଟି ବାଇକ ସହ ୪୪ କେଜି ଗଞ୍ଜେଇ ଜବତ କରିଥିଲା। ପୋଲିସକୁ ଦେଖି ଚାଲାଣକାରୀମାନେ ଗଞ୍ଜେଇ ଓ ବାଇକ ଛାଡି ଫେରାର ମାରିଥିଲେ। ପୋଲିସ ବାଇକ୍ ଓ ଗଞ୍ଜେଇକୁ ଜବତ କରି ଥାନାକୁ ଆଣିଥିଲା। ଥାନାକୁ ଆଣି ଓଜନ କଲାପରେ ୪୪ କେଜି ହୋଇଥିଲା। ବାଉଁଶୁଣୀ ଥାନାରେ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ଥାନା ଅଧିକାରୀ ଅଞ୍ଜଳି ବିଶ୍ୱାଳ କହିଛନ୍ତି। ଜବତ ୪୪ କେଜି ଗଞ୍ଜେଇକୁ ଗୁରୁବାର କୋର୍ଟକୁ ନେଇ ଅଦାଲତରେ ଦାଖଲ କରିବା ସହିତ ପରୀକ୍ଷା ପାଇଁ ନମୂନା ସଂଗ୍ରହ କରିଥିବା ଦେଖିବାକୁ ମିଳିଛି।

# ନାରୀ ବନ୍ଦୀ ନିକେତନରେ ସାବିତ୍ରୀ ବ୍ରତ ପାଳନ


ସମ୍ବଲପୁର ନାରୀ ବନ୍ଦୀ ନିକେତନରେ ସାବିତ୍ରୀ ବ୍ରତ ପାଳନ ପାଇଁ ପୂଜାର୍ଚ୍ଚନା କରାଯାଉଛି।

ସମ୍ବଲପୁର,୬।୬(ପ୍ରମୋଦ ବହିଦାର)

ସମଗ୍ର ରାଜ୍ୟରେ ଗୁରୁବାର ପାଳିତ ହୋଇଛି ସାବିତ୍ରୀ ବ୍ରତ। ସ୍ୱାମୀଙ୍କ ଦୀର୍ଘାୟୁ କାମନା ପୂର୍ବକ ସଧବା ମହିଳାମାନେ ପାଳନ କରିଛନ୍ତି ସାବିତ୍ରୀ ବ୍ରତ। ସମ୍ବଲପୁର ନାରୀ ବନ୍ଦି ନିକେତରେ ମଧ ବନ୍ଦିନୀମାନେ ନିଜନିଜ ସ୍ୱାମୀଙ୍କ ଦୀର୍ଘାୟୁ ଓ ମଙ୍ଗଳ ମନାସୀ ସାବିତ୍ରୀ ବ୍ରତ ପାଳନ କରିଛନ୍ତି। ଅନ୍ତେବାସିନୀଙ୍କ ସହିତ ମହିଳା ଅଧିକାରୀ ଓ କର୍ମଚାରୀମାନେ ମିଶି ପ୍ରାୟ ୧୫ ଜଣ ସାବିତ୍ରୀ ବ୍ରତ ପାଳନ ପୂର୍ବକ ସୂର୍ଯ୍ୟଦେବଙ୍କୁ ଜଳାର୍ପଣ କରିଥିଲେ। କେତେକ ବନ୍ଦିନୀଙ୍କ ସ୍ୱାମୀ ମଧ ଆସି ପତ୍ନୀମାନଙ୍କ ସହ ଏଠାରେ ପୂଜାର୍ଚ୍ଚନାରେ ସାମିଲ ହୋଇଥବା ଦେଖିବାକୁ ମିଳିଥିଲା। ବନ୍ଦି ନିକେତନରେ ଥିବା ମନ୍ଦିରରେ ପୂଜକ ସାଇ ଭୂଷଣଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିଲା। ବନ୍ଦୀ ନିକେତନ ଅଧିକାରୀ ଶୋଭାଗିନୀ ସିଂଙ୍କ ସହିତ ଶର୍ମିଷ୍ଠା ସେଠୀ, ପ୍ରଜ୍ଞାସିନୀ ପ୍ରଧାନ, କୁନ୍ତିରାଣୀ ଦାସ ପ୍ରମୁଖ କର୍ମଚାରୀ ବ୍ରତ ଆୟୋଜନରେ ସହଯୋଗ କରିଥିଲେ।

# ଚୋରା ଖଇର କାଠ ବୋଝେଇ ୪୦୭ ଗାଡ଼ି ଜବତ

ପଦ୍ମପୁର,୬।୬(ପ୍ରଦୀପ୍ତ ଦାଶ)

ପଦ୍ମପୁର ବନ ବିଭାଗ ପକ୍ଷରୁ ତେଲିପୁଖାପାଣି ଛକରେ ଚଢ଼ାଉ କରାଯାଇ ଏକ ଚୋରା କାଠ ବୋଝେଇ ପୁରୁଣା ଟାଟା ୪୦୭ ଗାଡ଼ି (ନଂ.ସିଜି୦୪-୯୧୩୬) ଜବତ କରିଛି। ଚୋରା କାଠ ବୋଝେଇ ଟ୍ରକ ଆସୁଥିବା ନେଇ ପଦ୍ମପୁର ବନାଞ୍ଚଳ ଅଧିକାରୀ ସୁଦାମ ଜଗଦଲା ନିକଟରେ ବିଶେଷ ସୂତ୍ରରୁ ଖବର ପହଞ୍ଚିବା ପରେ ବନାଞ୍ଚଳ ଅଧିକାରୀ ସୁଦାମ ଜଗଦଲା ସ୍କ୍ୱାର୍ଡ ଟିମ ଚଢ଼ାଉ କରି ମୋଟ ୨୨୧୦କି.ଗ୍ରା.ର ଆନୁମାନିକ ମୂଲ୍ୟ ପ୍ରାୟ ୨୫୦୦୦୦ ଟଙ୍କାର ମୂଲ୍ୟବାନ ଖଇର କାଠ ଜବତ କରିଛି। ଏ ନେଇ ଏକ ମାମଲା ନଂ.(୦୩/୨୦୨୪-୨୫) ରୁଜୁ କରି ତଦନ୍ତ କରୁଥିବା ବନାଞ୍ଚଳ ଅଧିକାରୀ ଜଗଦଲା କହିଛନ୍ତି। ଟିମ୍‌ରେ ଅଶ୍ୱିନୀ ଭୋଇ, ଦିବାକର ପ୍ରଧାନ, ଶାନ୍ତନୁ ପଧାନ, ମନ ଠେଟୁଆ, କେଶରଞ୍ଜନ ବୁଡ଼େକ, ସୁଧାଂଶୁ ଶେଖର ଭଇଁଷା ସାମିଲ ଥିଲେ।

# ନବ ନିର୍ବାଚିତ ବିଧାୟକଙ୍କୁ ଜିଲା ଡ୍ରାଇଭର ସଂଘର ସମ୍ବର୍ଦ୍ଧନା


ନବନିର୍ବାଚିତ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଉଛି।

ଦେବଗଡ଼,୬।୬(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ବିଧାନସଭା ନିର୍ବାଚନମଣ୍ଡଳୀର ନବନିର୍ବାଚିତ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କୁ ଜିଲା ଡ୍ରାଇଭର ସଂଘ ପକ୍ଷରୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଗୁରୁବାର ଅପରାହ୍ନରେ ସ୍ଥାନୀୟ ନୂଆଁ ବସଷ୍ଟାଣ୍ଡରେ ଦେବଗଡ ଜିଲା ଡ୍ରାଇଭର ସଂଘର ସଭାପତି ଆଦିତ୍ୟ ପ୍ରସାଦ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ସଂଘର ଜିଲା ସମ୍ପାଦକ ରଞ୍ଜିତ କୁମାର ପ୍ରଧାନ, ସହ ସମ୍ପାଦକ ରାହୁଲ ନାୟକ, କୋଷାଧ୍ୟକ୍ଷ ଜିତେନ୍ଦ୍ର ବାସରା, ଦେବଗଡ ନଗର ସମ୍ପାଦକ ରାଜେଶ କୁମାର ପାଢୀ, ତିଲେଇବଣି ବ୍ଲକ ସଭାପତି ସୁଧିର କୁମାର ବେହେରା, ସମ୍ପାଦକ ସୁନୀଲ କୁମାର ମୁଣ୍ଡା, ବାରକୋଟ ବ୍ଲକ ସମ୍ପାଦକ କମଲ ଲୋଚନ ପାତ୍ର ଓ ରିଆମାଳ ବ୍ଲକ ସମ୍ପାଦକ ସୁନୀଲ କୁମାର ନାୟକଙ୍କ ସମେତ ଜିଲା ଡ୍ରାଇଭର ସଂଘର ବହୁ ସଦସ୍ୟ ଓ କର୍ମକର୍ତ୍ତା ଉପସ୍ଥିତ ରହି ନବନିର୍ବାଚିତ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ ନୂତନ ବିଧାୟକ ବିଶ୍ୱାଳଙ୍କ ସମେତ ଜିଲା ଯୁବ ବିଜେଡି ସଭାପତି ପ୍ରତାପ କୁମାର ଦେବ ଓ ବାରକୋଟ ବ୍ଲକ ବିଜେଡି ସଭାପତି ହିରାଲାଲ ସାହୁ ମଧ ଉପସ୍ଥିତ ଥିଲେ।


ଗୁରୁବାର ସମ୍ବଲପୁର ମୁଦିପଡା ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ମହିଳାମାନେ ସାବିତ୍ରୀ ବ୍ରତ ପୂଜାର୍ଚ୍ଚନା କରୁଛନ୍ତି।


**ଓଃ କି ଶୋଷ :** ଗୁରୁବାର ସମ୍ବଲପୁର ମୁଦିପଡା ଛକ ନିକଟସ୍ଥ ନଳକୂଅରୁ ପିଲାମାନେ ପାଣି ପିଉଛନ୍ତି।

## ସଂକ୍ଷେପରେ

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୨ ଗାଈ ମୃତ

କୋକସରା,୬।୬ (ଦୁଷ୍ମନ୍ତ କୁମାର ପାଟ୍ଟଯୋଷୀ): କାଳବୈଶାଖୀ ପ୍ରଭାବରେ ଓହଳି ପଡିଥିବା ଉଚ୍ଚଶକ୍ତି ସମ୍ପନ୍ନ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି କଳାହାଣ୍ଡି ଜିଲା କୋକସରା ବ୍ଲକ ବରାଡ଼ଙ୍ଗା ପଞ୍ଚାୟତର ୨ ଦୁଧିଆଳି ଗାଈଙ୍କ ମୃତ୍ୟୁ ଘଟିଛି। ଶିଉନି ଗ୍ରାମର ଚାଷି ପୃଥ୍ୱୀରାଜ ବେହେରାଙ୍କ ଗାଈ ଦୁଇଟି ଚରିବାକୁ ଯାଇଥିବାବେଳେ କେନାଲ ନିକଟରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ। ଏଥିପାଇଁ ବିଭାଗର ଅବହେଳାକୁ ଦାୟୀ କରିଛନ୍ତି ସ୍ଥାନୀୟ ଲୋକେ। କ୍ଷୀର ବିକ୍ରି କରି ପରିବାର ପ୍ରତିପୋଷଣ କରୁଥିବା ପୃଥ୍ୱୀରାଜ ଗାଈ ମୃତ୍ୟୁରେ ଭାଙ୍ଗି ପଡିଛନ୍ତି। ବିଭାଗ ପକ୍ଷରୁ ତାଙ୍କୁ କ୍ଷତିପୂରଣ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ନୂଆପଡ଼ା ଜିଲା: ଅତିଷ୍ଠ କରୁଛି ଗୁଳୁଗୁଳି



ନୂଆପଡ଼ା,୬।୬ (ମକାରୁ ବେମାଲ): ନୂଆପଡା ଜିଲାରେ ଗତ କିଛିଦିନ ହେବ ମେଘୁଆ ପାଗ ରହିଥିଲେ ମଧ୍ୟ ଗୁଳୁଗୁଳି ଓ ଝାଞ୍ଜି ପବନ ଲୋକଙ୍କୁ ଅତିଷ୍ଠ କରୁଛି। ଅଘୋଷିତ ବିଦ୍ୟୁତ କାଟ ସମସ୍ୟା ଦ୍ୱିଗୁଣିତ କରିଛି। ପଙ୍ଖା କୁଲର ମଧ୍ୟ କାମରେ ଆସୁ ନାହିଁ। ଦିନରେ ଲୋକେ ଗଛମୂଳରେ ସମୟ କାଟୁଥିବା ବେଳେ ରାତ୍ରିରେ ଘଣ୍ଟା ଘଣ୍ଟା ଧରି ବିଜୁଳି କାଟ ହେଉଥିବାରୁ ଲୋକେ ଗୁଳୁଗୁଳିରେ ଛଟପଟ ହେଉଛନ୍ତି। ମେଘୁଆ ପାଗ ଥାଇ ମଧ୍ୟ ଦିନରେ ଲୋକେ ବାହାରକୁ ଯିବା ପାଇଁ ଡରୁଛନ୍ତି । ଜରୁରୀ କାମ ଥିଲେ ଓଦାଲୁଗା ମୁଣ୍ଡରେ ପକାଇ ଯାଉଥିବା ଦେଖିବାକୁ ମିଳୁଛି। ତାପମାତ୍ରା କମିବାର ନାଁ ନେଉନି। ପ୍ରାୟ ୪୦ ଡିଗ୍ରୀ ଉପରେ ରହୁଛି। ଦିନ ୧୦ଟା ହେଲେ ରାସ୍ତାଘାଟ ଶୂନଶାନ ହୋଇପଡୁଛି। ଏହି ସମୟରେ ଦୋକାନ ବଜାର ମଧ୍ୟ ବନ୍ଦ ହୋଇଯାଉଛି। ଅପରାହ୍ନ ୪ଟା ପରେ ଦୋକାନ ବଜାର ଖୋଲାରହୁଛି। ଖରା ସମୟରେ ଥଣ୍ଡା ପାନୀୟ ଦୋକାନରେ ଲୋକଙ୍କ ଭିଡ଼ ଜମୁଛି।

### ବିଶ୍ୱବିଦ୍ୟାଳୟ ସ୍ତରରେ ଟପ୍ପର ହେଲେ ରଶ୍ମିରେଖା

କର୍ଲାମୁଣ୍ଡା,୬।୬(ପ୍ରଦୀପ କୁମାର ସାହୁ)– ମାଣୀକେଶ୍ୱରୀ ବିଶ୍ୱବିଦ୍ୟାଳୟ କଳାହାଣ୍ଡିର ଯୁକ୍ତ ତିନି ପରୀକ୍ଷା ଫଳ ପ୍ରକାଶ ପାଇଛି।



ଏଥିରେ ଓଡ଼ିଆ ଅନର୍ସରେ କର୍ଲାମୁଣ୍ଡା ବ୍ଲକ ରିଷିଡାସ୍ଥିତ ଜଗନ୍ନାଥ ଡିଗ୍ରୀ କଲେଜର ଓଡ଼ିଆ ବିଭାଗ ଛାତ୍ରୀ ରଶ୍ମିରେଖା ରାଉତ ଟପ୍ପର ହୋଇଛନ୍ତି। ଏହି ସଫଳତା ପାଇଁ ରଶ୍ମି ରେଖାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

### ସାହିତ୍ୟ ଅନୁଷ୍ଠାନ ପକ୍ଷରୁ କବିତା ଲିଖନ ପ୍ରତିଯୋଗିତା

ରିଷିଡ଼ା,୬।୬(ସୁଶାନ୍ତ ମଲ୍ଲିକ): କଳାହାଣ୍ଡି ଜିଲାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଅ' ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ତରଫରୁ ବୁଧବାର ବାର୍ଷିକ କବିତା ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଅନ୍‌ଲାଇନ ପ୍ରତିଯୋଗିତାରେ 'ଜହ୍ନ' ଶୀର୍ଷକକୁ ନେଇ ବିଭିନ୍ନ ଜିଲାର ଶତାଧିକ କବି କବୟିତ୍ରୀ କବିତା ଲିଖନ କରିଥିଲେ। ପ୍ରଥମେ ଅନୁଷ୍ଠାନର ମୁଖ୍ୟ ସମ୍ପାଦକ ତପନ କୁମାର ସାହୁ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। ପ୍ରତିଯୋଗିତାରେ କବି ଦିନେଶ ମେହେର, ସୁଶାନ୍ତ ରଣା, ଟିକେମଣି ବୁଢ଼ିଆ, ପିଙ୍କୁ ରଣବିଡା, ଫାଲ୍‌ଗୁନୀ ରଣା, ମୁନା ବେହେରା, ବିଦ୍ୟାଧର ମନ୍ତ୍ରୀ, କବୟିତ୍ରୀ ଚିନ୍ମୟୀ ସାହୁ, ଦୀପ୍ତିମୟୀ ନାୟକ, ସୁକାନ୍ତି ସ୍ୱାଇଁ, ସ୍ୱପ୍ନା ବାଗ, ସନ୍ତୋଷିନୀ ମାଝି, ସସ୍ମିତା ମହାଖୁଡ, ସୋନାଲି ନାୟକ, ଅରୁଣା ପଣ୍ଡା, ପ୍ରିୟଦର୍ଶନୀ ନାୟକ, ପୁନମ ମାଝି, ଅଞ୍ଜନା ଖର୍ସେଲ, ଗୁଣମତି ଭୋଇ, ମାମି ପାତ୍ର, ମଧୁମିତା ମିଶ୍ର, ମଧୁସ୍ମିତା ମିଶ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏଥିରେ ଅନୁଷ୍ଠାନର ପ୍ରତିଷ୍ଠାତା ନରେଶ କୁମାର ସାହୁ, ସମ୍ପାଦକ ବିଶ୍ୱନାଥ ସାହୁ, କାହ୍ନୁ ଚରଣ ସାହୁ ପ୍ରମୁଖ ସହଯୋଗ କରିଥିଲେ।



ଛାତ୍ରୀଛାତ୍ରଙ୍କ ସହ ଜ୍ୟୋତି ଗୁରୁମା ଓ ତାଙ୍କ ସ୍ୱାମୀ।

# ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଢ଼ିବାରେ ବ୍ରତୀ ଜ୍ୟୋତି ଗୁରୁମା

ଭବାନୀପାଟଣା,୬।୬ (ଉତ୍ତମ କୁମାର ଦାଶ)

■ ଉପକୃତ ହେଉଛନ୍ତି ବସ୍ତି ବାସିନ୍ଦା ଛାତ୍ରୀଛାତ୍ର
■ ମାଗଣା ଶିକ୍ଷା ସହ ଘୁମୁରାନାଚ ପ୍ରଶିକ୍ଷଣ ମଧ୍ୟ ଦିଆଯାଉଛି

ଏକ ଶିକ୍ଷିତ ସମାଜ ଗଠନ କରିବା ପାଇଁ ଆଗଭର ହୋଇପଡିଛନ୍ତି ଏକ ଦମ୍ପତି। ଏପରି ଏକ ଚିତ୍ର ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା ଜୁନାଗଡ଼ରେ। ସହରର ଗଳିକନ୍ଦି ବସ୍ତିରେ ଥିବା ଗରିବ ଛାତ୍ରୀଛାତ୍ରଙ୍କୁ ମାଗଣାରେ ପାଠ ପଢ଼ାଇ ଚର୍ଚ୍ଚାରେ ରହିଛନ୍ତି ଜ୍ୟୋତି ଗୁରୁମା।

ନାଁ ତାଙ୍କର ସୀତାରାଣୀ ସାହୁ। ହେଲେ ଜ୍ୟୋତି ଗୁରୁମା ନାମରେ ସେ ବେଶ ପରିଚିତ। ପାଠ ପ୍ରତି ଆଗ୍ରହ ନ ଥିବା କିମ୍ବା କୌଣସି କାରଣରୁ ଅଧାରୁ ପାଠ ଛାଡିଥିବା ପିଲାଙ୍କୁ ସେ ନେଇ ଆସି ନିଜେ ନିଶୁଳ୍କ ପାଠ ପଢ଼ାଉଛନ୍ତି। ତାଙ୍କ ସ୍ୱାମୀ ଦୀପକ ରଞ୍ଜନ ସାହୁଙ୍କ ସହଯୋଗରେ ୨୦୨୨ ମସିହା ନଭେମ୍ବର ୧ ତାରିଖ କଳାହାଣ୍ଡିର ପ୍ରତିଷ୍ଠା ଦିବସରେ ନିଜ ବାସ ଭବନରେ ସ୍ୱାଗତ ନିଶୁଳ୍କ ଶିକ୍ଷାକେନ୍ଦ୍ର ଖୋଲିଥିଲେ। ପ୍ରଥମେ ୩୦ ଜଣ ଛାତ୍ରୀଛାତ୍ରଙ୍କୁ ନେଇ ଏହି ନିଶୁଳ୍କ ଶିକ୍ଷାକେନ୍ଦ୍ର ଆରମ୍ଭ ହୋଇଥିଲା। ବର୍ତ୍ତମାନ ଏହି ଶିକ୍ଷାକେନ୍ଦ୍ରରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୧୨୦ ଜଣ ଛାତ୍ରୀଛାତ୍ର ଏକା ସାଙ୍ଗରେ ନିଶୁଳ୍କ ଶିକ୍ଷା ଗ୍ରହଣ କରୁଛନ୍ତି। ଜ୍ୟୋତି ଗୁରୁମା ମଧ୍ୟ ସମସ୍ତ ଛାତ୍ରୀଛାତ୍ରଙ୍କୁ ଏକତ୍ରିତ କରି ସକାଳେ ଓ ସନ୍ଧ୍ୟାରେ ଶିକ୍ଷା ପ୍ରଦାନ କରୁଛନ୍ତି। ଏହି ଛାତ୍ରୀଛାତ୍ରଙ୍କୁ ପଢ଼ାଇବା ପାଇଁ ୪ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ମଧ୍ୟ ନିଯୁକ୍ତି କରିଛନ୍ତି। ଶିକ୍ଷା ବ୍ୟତୀତ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ଖେଳ ଓ କଳାହାଣ୍ଡି ଜିଲାର ବିରବାଦ୍ୟ ଘୁମୁରା ନାଚ ମଧ୍ୟ ପ୍ରଶିକ୍ଷଣ ଦିଆଯାଉଛି। ସବୁ କାମରେ ସ୍ୱାମୀ ଦିପକ ସାହାଯ୍ୟ କରୁଛନ୍ତି। ଦୀପକ ମଧ୍ୟ ତାଙ୍କ ଘର ପରିସରରେ ଏକ ଲାଇବ୍ରେରୀ କରିଛନ୍ତି। ସେଠାରେ କନଷ୍ଟେବଲ/ହାବିଲଦାରଠାରୁ ଆରମ୍ଭ କରି ଏସ୍‌ପି ଓ କ୍ଲର୍କଠାରୁ ଓଏଏସ୍, ଆଇଏଏସ୍ ହେବାକୁ ଚେଷ୍ଟା କରୁଥିବା ପିଲାଙ୍କ ପାଇଁ ବହି ସବୁ ରଖିଛନ୍ତି। ଏହି ସେବା ମଧ୍ୟ ସେ ବିନା ମୂଲ୍ୟରେ ଦେଉଛନ୍ତି। ଏହାବାଦ ବର୍ଷାଋତୁରେ ଲୋକଙ୍କୁ ପ୍ରତିବର୍ଷ ୧୦ ହଜାର କଦମ୍ବ ଗଛ ବଣ୍ଟନ କରିବା ସହ କପଡା ସଂଗ୍ରହ କରି ଦୁର୍ଗମ ଅଞ୍ଚଳରେ ବସବାସ କରୁଥିବା ଗରିବ ଲୋକମାନଙ୍କୁ କମ୍ବଳ, ଶାର୍ଟ, ପ୍ୟାଣ୍ଟ ,ଶାଢି ଇତ୍ୟାଦି ପ୍ରଦାନ କରିଥାନ୍ତି। ସଂସାର ଜଞ୍ଜାଳ ଓ ବ୍ୟବସାୟ କ୍ଷେତ୍ରରେ ବ୍ୟସ୍ତତା ଭିତରେ ଥାଇ ମଧ୍ୟ ଏକ ଶିକ୍ଷିତ ସମାଜ ଗଢିବା ପାଇଁ ଦୀପକ ଓ ସ୍ତ୍ରୀ ସୀତାରାଣୀ ଓରଫ ଜ୍ୟୋତି ଗୁରମା ଯେଉଁଭଳି ପଦକ୍ଷେପ ନେଇଛନ୍ତି ତାହା ଆଜିର ସମାଜ ପାଇଁ ଏକ ଉଦାହରଣ ସୃଷ୍ଟି କରିଛି। ଏହି ଦମ୍ପତିଙ୍କ ଉଦ୍ୟମ ତଥା ନିଷ୍ଠା ଅନେକ ଗରିବ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳମୟ ଭବିଷ୍ୟତ ଗଢ଼ିବା ପାଇଁ ସହାୟକ ହେଉଛି।

## ସଡ଼କ ଦୁର୍ଘଟଣା: ବାପା ମୃତ, ପୁଅ ଗୁରୁତର

ଭବାନୀପାଟଣା,୬।୬ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଏମ୍ ରାମପୁର ଥାନା ଅନ୍ତର୍ଗତ କେନ୍ଦୁବନ୍ଧ ଛକଠାରେ ଗୁରୁବାର ଏକ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଯଉବନ ତାଣ୍ଡି(୫୦) ନାମକ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବାବେଳେ ତାଙ୍କ ପୁଅ ରାଜୀବ ଆହତ ହୋଇଛନ୍ତି। ଏହି ଦୁର୍ଘଟଣାରେ ଅନ୍ୟ ଜଣେ ଗୁରୁତର ହୋଇଥିବା ଜଣାପଡ଼ିଛି। ପ୍ରାପ୍ତ ସୂଚନା ଅନୁଯାୟୀ, ଏମ୍. ରାମପୁର ଦେଇ ଯାଇଥିବା ରାୟପୁର-ଗୋପାଳପୁର ୫୯ନଂ. ଜାତୀୟ ରାଜପଥର କେନ୍ଦୁବନ୍ଧ ଛକଠାରେ ୨ ବାଇକ୍ ମଧ୍ୟରେ ଧକ୍କା ହୋଇଥିଲା। ଗୋଟିଏ ବାଇକ୍ (ଓଡି୨୬ଏଫ-୮୨୨୯)ରେ ନୂଆପଡ଼ା ଜିଲା କୋମନା ବ୍ଲକ ଟିକ୍ରାପଡ଼ା ପଞ୍ଚାୟତ ଜେଠୁପାଲି ଗ୍ରାମର ଯଉବନ ତାଣ୍ଡି, ପୁଅ ରାଜୀବ ଓ ଭାଗୀରଥି ଜାଲ ତିନିଜଣ ବସିଥିଲେ। ସେହିପରି ଅନ୍ୟ ବାଇକ୍‌ରେ କର୍ଲାମୁଣ୍ଡା ବ୍ଲକ ସାପଲହରା ପଞ୍ଚାୟତ କଣ୍ଡରେଇ ଗ୍ରାମର ପରମାନନ୍ଦ ଭୋଇ ଓ ନରେଶ ଚନ୍ଦନ(୨୭) ରହିଥିଲେ। ୨ ବାଇକ୍ ଧକ୍କା ହେବା ଫଳରେ ଯଉବନଙ୍କ ମୃତ୍ୟୁ ହୋଇଥିଲା। ସ୍ଥାନୀୟ ଲୋକେ ଗୁରୁତରମାନଙ୍କୁ ଉଦ୍ଧାର କରି ଏମ୍ ରାମପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରୁ ପରେ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ରାସ୍ତା କାମ ସମ୍ପୂର୍ଣ୍ଣ କରିବାକୁ ଦାବି



ଅସମ୍ପୂର୍ଣ୍ଣ ରାସ୍ତା।

କୋମନା,୬।୬(ସୋବିନ ଛତ୍ରିଆ)

ନୂଆପଡ଼ା ଜିଲା କୋମନା ବ୍ଲକ ନୂଆଗାଁ ପଞ୍ଚାୟତର କାମକେଡ଼ାଠାରୁ ଡୋଙ୍ଗରିପାଲି ସୁନାରିଡିଗ୍ରା ପର୍ଯ୍ୟନ୍ତ ରାସ୍ତାକାମ ଚାଲୁରହିଛି। ଏହି ରାସ୍ତା ମରାମତି ସହ ୨ଟି ପୋଲ ନିର୍ମାଣ ହେବାକୁ ରହିଛି। ୩ମାସ ବିତିଯାଇଥଲେ ମଧ୍ୟ ଗୋଟିଏ ପୋଲ କାମ ସମ୍ପୂର୍ଣ୍ଣ ହୋଇଥିବାବେଳେ ଅନ୍ୟ ଏକ ପୋଲ ଓ ରାସ୍ତା ମରାମତି କାମ ଶେଷ ହୋଇପାରି ନାହିଁ। ଉଦ୍ୟାନବନ୍ଧ, କୋମନା, ନୂଆପଡ଼ା ଯିବା ପାଇଁ ଏହା ହେଉଛି ମୁଖ୍ୟ ରାସ୍ତା। ଏହା ଉପରେ କାଳିମାଟି, ନୂଆଗାଁ, ଟୋକଲାପଡ଼ା, ଗନିଆପଡ଼ା, ଥୁଟିବର, ଲାହୋଣ୍ଡୋପାଲି, ସାଲେଭଟା, କାମକେଡ଼ା ଆଦି ଗାଁର ଲୋକେ ନିର୍ଭର କରିଥାନ୍ତି। କଲେଜ ଛାତ୍ରୀଛାତ୍ରଙ୍କ ଯିବାଆସିବା ପାଇଁ ଏହା ଏକମାତ୍ର ରାସ୍ତା। ଆଗକୁ ବର୍ଷାଦିନ ଆସୁଥିବାରୁ ବିଭଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟିଦେଇ ଶୀଘ୍ର ରାସ୍ତା କାମ ସମ୍ପୂର୍ଣ୍ଣ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ପ୍ରଗତି ମହାବିଦ୍ୟାଳୟର ହିମାଂଶୁ ସାହୁ ବିଶ୍ୱବିଦ୍ୟାଳୟ ଟପ୍ପର



ହିମାଂଶୁ ସାହୁ



ଇନ୍ଦିରା ପ୍ରିୟଦର୍ଶନୀ ରାଉତ



ମୃତ୍ୟୁଞ୍ଜୟ କେଶରୀ ସିଂ



ପ୍ରତ୍ୟାଶା ବେହେରା



ସାଗରିକା ପ୍ରଧାନ

ଭବାନୀପାଟଣା, ୬।୬(ଉତ୍ତମ କୁମାର ଦାଶ)

**କଳାହାଣ୍ଡି ବିଶ୍ୱବିଦ୍ୟାଳୟ ସ୍ନାତକ ପରୀକ୍ଷାଫଳ ପ୍ରକାଶିତ**

କଳାହାଣ୍ଡି ଜିଲା ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଶେଷବର୍ଷ ସ୍ନାତକ ପରୀକ୍ଷାରେ ଭବାନୀପାଟଣା ସହର ଉପକଣ୍ଠ ପ୍ରଗତି ମହାବିଦ୍ୟାଳୟ ସଫଳତା ହାସଲ କରିଛି। ଏହି ମହାବିଦ୍ୟାଳୟର ହିମାଂଶୁ ଶେଖର ସାହୁ ପଦାର୍ଥ ବିଜ୍ଞାନ ବିଭାଗରେ ବିଶ୍ୱବିଦ୍ୟାଳୟ ଟପ୍ପର ହୋଇଛନ୍ତି। ସେହିପରି ଇନ୍ଦିରା ପ୍ରିୟଦର୍ଶନୀ ରାଉତ ରସାୟନ ବିଜ୍ଞାନ, ପ୍ରତ୍ୟାଶା ବେହେରା ଉଦ୍ଭିଦ ବିଜ୍ଞାନ, ସାଗରିକା ପ୍ରଧାନ ପ୍ରାଣୀ ବିଜ୍ଞାନ, ମୃତ୍ୟୁଞ୍ଜୟ କେଶରୀ ସିଂ ଗଣିତରେ ବିଶ୍ୱବିଦ୍ୟାଳୟ ଟପ୍ପର ହୋଇଛନ୍ତି। ହିମାଂଶୁ ସର୍ବୋଚ୍ଚ ୯.୭୩ ସିଜିପିଏ ମାର୍କ ରଖି କୃତକାର୍ଯ୍ୟ ହେବା ସହିତ ବେଷ୍ଟ ଗ୍ରାଜୁଏଟ ହେବାର ଗୌରବ ଅର୍ଜନ କରିଛନ୍ତି। ହିମାଂଶୁ ଜୟପାଟଣା ଅନ୍ତର୍ଗତ ଉମେର ଗ୍ରାମର ଯଦୁମଣି ସାହୁ ଓ ଆଲାଦିନୀ ସାହୁଙ୍କ ପୁଅ। ଛାତ୍ରୀଛାତ୍ରଙ୍କ ପ୍ରଚେଷ୍ଟା ଓ ଅଧ୍ୟାପକ, ଅଧ୍ୟାପିକାମାନଙ୍କ ଉଦ୍ୟମରେ ପ୍ରଗତି ଶିକ୍ଷାନୁଷ୍ଠାନ ଶିକ୍ଷାକ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବାରେ ସକ୍ଷମ ହୋଇପାରିଛି। ବର୍ତ୍ତମାନ ସମୟରେ ମହାବିଦ୍ୟାଳୟର ଅନେକ ଛାତ୍ରୀଛାତ୍ର ରାଜ୍ୟ ଓ ଜାତୀୟ ସ୍ତରରେ ହେଉଥିବା ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହୋଇ ସରକାରୀ ଓ ବେସରକାରୀ ସଂସ୍ଥାରେ କାର୍ଯ୍ୟରତ ଅଛନ୍ତି। ଫଳାଫଳକୁ ନେଇ ପ୍ରଗତି ଅନୁଷ୍ଠାନର ମୁଖ୍ୟ ଅଜୟ କୁମାର ପଣ୍ଡା ଓ ଅଧ୍ୟକ୍ଷ ତାପସ ପରିମାଣିକ ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କୁ ଧନ୍ୟବାଦ ଦେଇଛନ୍ତି। ସେହିଭଳି ଅନୁଷ୍ଠାନର ଚେୟାରପର୍ସନ ସଙ୍ଗୀତା ପଣ୍ଡା ଫଳାଫଳରେ ସନ୍ତୋଷ ପ୍ରକାଶ କରିବା ସହ ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କୁ ଶ୍ରେୟ ଦେଇଛନ୍ତି।

## ଅଂଶୁଘାତରେ ବୃଦ୍ଧ ମୃତ ଅଭିଯୋଗ

ନୂଆପଡ଼ା,୬।୬(ମକାରୁ ବେମାଲ)

ନୂଆପଡ଼ା ଥାନା ସାରାବଙ୍ଗ ଗ୍ରାମର ଜଣେ ବୃଦ୍ଧାଙ୍କ ଗୁରୁବାର ଅଂଶୁଘାତରେ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ସେ ହେଲେ ଉକ୍ତ ଗ୍ରାମର ପୁନିଆବାଇ ମାଝି (୬୫)। ସୂଚନା ଅନୁଯାୟୀ ପୁନିଆବାଇ ସକାଳେ ନିଜ ଚାଷ ଜମିକୁ କାମ କରିବାକୁ ଯାଇଥିବା ବେଳେ ମଧ୍ୟାହ୍ନରେ ହଠାତ୍ ଅସୁସ୍ଥ ହୋଇପଡିଥିଲା। ପରିବାର ଲୋକେ ତାଙ୍କୁ ନୂଆପଡ଼ା ମୁଖ୍ୟ ଡାକ୍ତରଖାନାକୁ ଆଣିଥିବା ବେଳେ ଅପରାହ୍ନ ୫ଟାରେ ଡାକ୍ତର ମୃତ ଘୋଷଣ କରିଥିଲେ। ନୂଆପଡ଼ା ପୋଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାରଙ୍କୁ ହସ୍ତାନ୍ତର କରାଯାଇଛି। ପୁନିଆବାଇ ଖରାରେ କାମ କରୁଥିବା ବେଳେ ଅଂଶୁଘାତର ଶିକାର ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ।

## ଜନସାଧାରଣଙ୍କୁ କୃତଜ୍ଞତା ଜଣାଇଲେ ବିଧାୟକ ସୁଧୀର ରଞ୍ଜନ



ବିଧାୟକଙ୍କ ବିଜୟ ଉତ୍ସବରେ ସାମିଲ ସମର୍ଥକ।

କୋକସରା,୬।୬ (ଦୁଷ୍ମନ୍ତ କୁମାର ପାଟ୍ଟଯୋଷୀ)

ବିଜେଡି ଗଡ଼ କୁହାଯାଉଥିବା ଧର୍ମଗଡ ନର୍ବାଚନ ମଣ୍ଡଳୀରେ ବିଧାୟକ ଭାବେ ଭାଜପାର ସୁଧୀର ରଞ୍ଜନ ପାଟ୍ଟଯୋଶୀ ୧୮ ହଜାରରୁ ଊର୍ଦ୍ଧ୍ୱ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ବୁଧବାର ସୁଧୀର ନିଜର ସମର୍ଥକଙ୍କ ସହ ଧର୍ମଗଡ ଭଣ୍ଡାରଘରଣୀ ମା'ଙ୍କ ଆଶୀର୍ବାଦ ଭିକ୍ଷା କରିବା ପରେ ଜନସାଧାରଣଙ୍କୁ କୃତଜ୍ଞତା ଜଣାଇଥିଲେ। ପରେ ସେ ଆମପାଣି ବୁଢ଼ାରଜା ମନ୍ଦିରରେ ପହଞ୍ଚି ପ୍ରଭୁଙ୍କ ଆଶିଷ ଭିକ୍ଷା କରିବା ସହ ଶତାଧିକ ସମର୍ଥକଙ୍କ ସହ ଆମପାଣି, ଲଡୁଗାଁ, କାଉଡୋଳା ଓ କୋକସରାଠାରେ ବିଜୟ ଉତ୍ସବ ପାଳନ କରିଛନ୍ତି। ତାଙ୍କ ସହ ଦଳୀୟ କର୍ମକର୍ତ୍ତା ଅର୍ଜୁନ ଭାଟି, ଦୁର୍ଗା ପ୍ରଧାନୀ, ଗୋପାଳ ଅଗ୍ରୱାଲ, ସନ୍ତୋଷ ମାଝି, ଅପ୍ରେସ ସ୍ୱାଇଁ, ହିମାଂଶୁ ପଣ୍ଡା, ତ୍ରିନାଥ ଶବର, ଗରୁଡ଼ ଧ୍ୱଜ ମାଝି, ନବୀନ ପ୍ରଧାନୀ, ଧର୍ମାନନ୍ଦ ନେଗି, ନରେନ୍ଦ୍ର ପ୍ରଧାନୀ, ସୁଶୀଲ ସତନାମୀ ପ୍ରମୁଖ ସାମିଲ ଥିଲେ।



କର୍ଲାମୁଣ୍ଡା ବ୍ଲକ ଜଗନ୍ନାଥ ମନ୍ଦିରରେ ବ୍ରତଧାରୀ ମହିଳାମାନେ।

## ସାବିତ୍ରୀ ବ୍ରତ ପାଳିଲେ ମହିଳା

ରିଷିଡା,୬।୬(ସୁଶାନ୍ତ ମଲ୍ଲିକ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡା ଅଞ୍ଚଳରେ ବିବାହିତା ମହିଳାମାନେ ନିଜ ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ଗୁରୁବାର ସାବିତ୍ରୀ ବ୍ରତ ପାଳନ କରିଛନ୍ତି। ବଜାରରେ ଫଳଦର ଆକାଶଛୁଆଁ ଥିଲେ ମଧ୍ୟ ସକ୍ଷମ ମୁତାବକ ଫଳ ଓ ପୂଜା ସାମଗ୍ରୀ କିଣି ମନ୍ଦିରରେ ବ୍ରତ ପାଳନ କରିଥିଲେ। କର୍ଲାମୁଣ୍ଡା ବ୍ଲକର ଗଜବାହଲ, ତେରେସିହା, ରାଜପୁର, ମାଳପଡ଼ା, ଯୋରାଡ୍ରବରା ଆଦି ଅଞ୍ଚଳରେ ମଧ୍ୟ ଏହି ବ୍ରତ ପାଳନ କରାଯାଇଛି।

## ସାବିତ୍ରୀ ବ୍ରତ ପାଳନ

ବେହେରା,୬।୬(ଭୂପେଶ ତିୱାରୀ)

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକର ବିଭିନ୍ନ ଗ୍ରାମରେ ଗୁରୁବାର ମହିଳାମାନେ ସ୍ୱାମୀଙ୍କ ଦୀର୍ଘାୟୁ କାମନାକରି ସାବିତ୍ରୀ ବ୍ରତ ପାଳନ କରିଛନ୍ତି। ଏଥିଲାଗି ବିଭିନ୍ନ ଦେବଦେବୀ ମନ୍ଦିରରେ ମହିଳାଙ୍କ ଭିଡ଼ ଲାଗିଥିଲା। ଦଣ୍ଡପାଟ ବେହେରା ଅଞ୍ଚଳରେ ବରଗଛ ମୂଳରେ ମହିଳାମାନେ ଲିପାପୋଛା କରି ଦେବୀ ସାବିତ୍ରୀଙ୍କ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ସାବିତ୍ରୀ ବ୍ରତ କଥା ପଠନ କରାଯାଇଥିଲା।



ସାବିତ୍ରୀ ବ୍ରତଧାରୀ ମହିଳାମାନେ।

## କଳାହାଣ୍ଡିରେ ଜନନୀ ଯନ୍ତ୍ରଣାର ଚିତ୍ର

ଥୁଆମୂଳ ରାମପୁର, ୬।୬(ଦୁର୍ଗା କୀର୍ତ୍ତି)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକରେ ଜନନୀ ଯନ୍ତ୍ରଣାର ଚିତ୍ର ସାମ୍ନାକୁ ଆସିଛି। ରାସ୍ତା ସମସ୍ୟା ଯୋଗୁ ଜଣେ ଗର୍ଭବତୀଙ୍କୁ ଖଟିଆରେ ବୋହି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନିଆଯାଇଛି। ଦୁର୍ଗମ ଅଞ୍ଚଳରେ ରାସ୍ତାଘାଟ ସମସ୍ୟା ଯୋଗୁ ଗ୍ରାମବାସୀଙ୍କୁ ମିଳିପାରୁନି ମୌଳିକ ସୁବିଧା। ଏହି ସମସ୍ୟା ନେଇ ଗ୍ରାମବାସୀ ଭୋଟ ବର୍ଜନ ଚେତାବନୀ ଦେଇଥିଲେ। ପରେ ବ୍ଲକ ପ୍ରଶାସନ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରି ରାସ୍ତା ନିର୍ମାଣ ପାଇଁ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ହେଲେ ସାଧାରଣ ନିର୍ବାଚନ ପରେ ନୂଆ ସରକାର ଗଠନ ପୂର୍ବରୁ ଏଭଳି ଏକ ଅଭାବନୀୟ ଘଟଣା ଥୁଆମୂଳ ରାମପୁର ବ୍ଲକ ଥୁଆମୂଳ ପଞ୍ଚାୟତର ଡେଙ୍ଗଫାର୍ସି ଗ୍ରାମରେ ଦେଖିବାକୁ ମିଳିଛି। ମିଳିଥିବା ସୂଚନା ଅନୁଯାୟୀ, ଡେଙ୍ଗଫାର୍ସି ଗ୍ରାମର ଭଗିନ୍ଦ୍ର ମାଝିଙ୍କ ସ୍ତ୍ରୀ ସାଇବନି ମାଝିଙ୍କ ଗୁରୁବାର ପ୍ରସବକାଳୀନ ଯନ୍ତ୍ରଣା ହେବାରୁ ୧୦୨ ଆମ୍ବୁଲାନ୍ସକୁ ଯୋଗାଯୋଗ କରାଯାଇଥିଲା। ଥୁଆମୂଳ ରାମପୁର ସ୍ୱାସ୍ଥ୍ୟକେନ୍ଦ୍ରରୁ ଆମ୍ବୁଲାନ୍ସ ଆସିଥିଲେ ମଧ୍ୟ ଭଲ ରାସ୍ତା ନ ଥିବାରୁ ଭଟାଗୁଡ଼ା ଗାଁ ମୁଣ୍ଡରେ ଅଟକି ରହିଥିଲା। ପରେ ଭଗୀନ୍ଦ୍ରଙ୍କ ସହ ଗ୍ରାମର ୩ ଜଣ ଯୁବକ ସାଇବନୀଙ୍କୁ ଖଟିଆରେ ବୋହି ୨ କି.ମି. ଦୂର ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେଇଥିଲେ। ହେଲେ ବାଟରେ ସାଇବନୀଙ୍କ ପ୍ରସବ ହୋଇଥିଲା। ପରେ ଶିଶୁ ଓ ମା'ଙ୍କୁ ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଆବଶ୍ୟକ ଚିକିତ୍ସା ପରେ ଉଭୟ ମା' ଓ ଶିଶୁ ସୁସ୍ଥ ଥିବା ଡାକ୍ତର ଶକ୍ତି ସାଗର ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବିଡିଓ ଧ୍ରୁବ ଚରଣ ମୁଦୁଲିଙ୍କୁ ପଚାରିବାରୁ ନୂଆ ରାସ୍ତା ନିର୍ମାଣ ପାଇଁ ଆକ୍ସନ ପ୍ଲାନରେ ବ୍ୟବସ୍ଥା କରିବୁ ବୋଲି ପ୍ରକାଶ କରିଥିଲେ।



ଖଟିଆରେ ଅଣାଯାଇଥିବା ମା'ଶିଶୁଙ୍କୁ ଆମ୍ବୁଲାନ୍ସରେ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଉଛି।

## ସଂକ୍ଷେପରେ

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୨ ଗାଈ ମୃତ

**କୋକସରା,୬।୬ (ଦୁଷ୍ମନ୍ତ କୁମାର ପାଢୀଯୋଷୀ):** କାଳବୈଶାଖୀ ପ୍ରଭାବରେ ଓହଳି ପଡିଥିବା ଉଚ୍ଚଶକ୍ତି ସମ୍ପନ୍ନ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି କଳାହାଣ୍ଡି ଜିଲା କୋକସରା ବ୍ଲକ ବରାଡ଼ଙ୍ଗା ପଞ୍ଚାୟତର ୨ ଦୁଧିଆଳି ଗାଈଙ୍କ ମୃତ୍ୟୁ ଘଟିଛି। ଶିଉନି ଗ୍ରାମର ଚାଷି ପୃଥ୍ୱୀରାଜ ବେହେରାଙ୍କ ଗାଈ ଦୁଇଟି ଚରିବାକୁ ଯାଇଥିବାବେଳେ କେନାଲ ନିକଟରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ। ଏଥିପାଇଁ ବିଭାଗର ଅବହେଳାକୁ ଦାୟୀ କରିଛନ୍ତି ସ୍ଥାନୀୟ ଲୋକେ। କ୍ଷୀର ବିକ୍ରି କରି ପରିବାର ପ୍ରତିପୋଷଣ କରୁଥିବା ପୃଥ୍ୱୀରାଜ ଗାଈ ମୃତ୍ୟୁରେ ଭାଙ୍ଗି ପଡିଛନ୍ତି। ବିଭାଗ ପକ୍ଷରୁ ତାଙ୍କୁ କ୍ଷତିପୂରଣ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ନୂଆପଡ଼ା ଜିଲା: ଅତିଷ୍ଠ କରୁଛି ଗୁଳୁଗୁଳି



**ନୂଆପଡ଼ା,୬।୬ (ମକାରୁ ବେମାଲ):** ନୂଆପଡା ଜିଲାରେ ଗତ କିଛିଦିନ ହେବ ମେଘୁଆ ପାଗ ରହିଥିଲେ ମଧ୍ୟ ଗୁଳୁଗୁଳି ଓ ଝାଞ୍ଜି ପବନ ଲୋକଙ୍କୁ ଅତିଷ୍ଠ କରୁଛି। ଅଘୋଷିତ ବିଦ୍ୟୁତ କାଟ ସମସ୍ୟା ଦ୍ୱିଗୁଣିତ କରିଛି। ପଙ୍ଖା କୁଲର ମଧ୍ୟ କାମରେ ଆସୁ ନାହିଁ। ଦିନରେ ଲୋକେ ଗଛମୂଳରେ ସମୟ କାଟୁଥିବା ବେଳେ ରାତ୍ରିରେ ଘଣ୍ଟା ଘଣ୍ଟା ଧରି ବିଜୁଳି କାଟ ହେଉଥିବାରୁ ଲୋକେ ଗୁଳୁଗୁଳିରେ ଛଟପଟ ହେଉଛନ୍ତି। ମେଘୁଆ ପାଗ ଥାଇ ମଧ ଦିନରେ ଲୋକେ ବାହାରକୁ ଯିବା ପାଇଁ ଡରୁଛନ୍ତି । ଜରୁରୀ କାମ ଥିଲେ ଓଦାଲୁଗା ମୁଣ୍ଡରେ ପକାଇ ଯାଉଥିବା ଦେଖିବାକୁ ମିଳୁଛି। ତାପମାତ୍ରା କମିବାର ନାଁ ନେଉନି। ପ୍ରାୟ ୪୦ ଡିଗ୍ରୀ ଉପରେ ରହୁଛି। ଦିନ ୧୦ଟା ହେଲେ ରାସ୍ତାଘାଟ ଶୂନଶାନ ହୋଇପଡୁଛି। ଏହି ସମୟରେ ଦୋକାନ ବଜାର ମଧ୍ୟ ବନ୍ଦ ହୋଇଯାଉଛି। ଅପରାହ୍ଣ ୪ଟା ପରେ ଦୋକାନ ବଜାର ଖୋଲାରହୁଛି । ଖରା ସମୟରେ ଥଣ୍ଡା ପାନୀୟ ଦୋକାନରେ ଲୋକଙ୍କ ଭିଡ଼ ଜମୁଛି।

### ବିଶ୍ୱବିଦ୍ୟାଳୟ ସ୍ତରରେ ଟପ୍ପର ହେଲେ ରଶ୍ମିରେଖା

**କର୍ଲାମୁଣ୍ଡା,୬।୬(ପ୍ରଦୀପ କୁମାର ସାହୁ)**– ମାଣୀକେଶ୍ୱରୀ ବିଶ୍ୱବିଦ୍ୟାଳୟ କଳାହାଣ୍ଡିର ଯୁକ୍ତ ତିନି ପରୀକ୍ଷା ଫଳ ପ୍ରକାଶ ପାଇଛି।



ଏଥିରେ ଓଡ଼ିଆ ଅନର୍ସରେ କର୍ଲାମୁଣ୍ଡା ବ୍ଲକ ରିଷିଡାସ୍ଥିତ ଜଗନ୍ନାଥ ଡିଗ୍ରୀ କଲେଜର ଓଡ଼ିଆ ବିଭାଗ ଛାତ୍ରୀ ରଶ୍ମିରେଖା ରାଉତ ଟପ୍ପର ହୋଇଛନ୍ତି। ଏହି ସଫଳତା ପାଇଁ ରଶ୍ମି ରେଖାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

### ସାହିତ୍ୟ ଅନୁଷ୍ଠାନ ପକ୍ଷରୁ କବିତା ଲିଖନ ପ୍ରତିଯୋଗିତା

**ରିଷିଡ଼ା,୬।୬(ସୁଶାନ୍ତ ମଲ୍ଲିକ):** କଳାହାଣ୍ଡି ଜିଲାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଅ' ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ତରଫରୁ ବୁଧବାର ବାର୍ଷିକ କବିତା ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଅନ୍‌ଲାଇନ ପ୍ରତିଯୋଗିତାରେ 'ଜହ୍ନ' ଶୀର୍ଷକକୁ ନେଇ ବିଭିନ୍ନ ଜିଲାର ଶତାଧିକ କବି କବୟିତ୍ରୀ କବିତା ଲିଖନ କରିଥିଲେ। ପ୍ରଥମେ ଅନୁଷ୍ଠାନର ମୁଖ୍ୟ ସମ୍ପାଦକ ତପନ କୁମାର ସାହୁ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। ପ୍ରତିଯୋଗିତାରେ କବି ଦିନେଶ ମେହେର, ସୁଶାନ୍ତ ରଣା, ଟିକେମଣି ବୁଦ୍ଧିଆ, ପିଙ୍କୁ ରଣବିଡା, ଫାଲ୍‌ଗୁନୀ ରଣା, ମୁନା ବେହେରା, ବିଦ୍ୟାଧର ମନ୍ତ୍ରୀ, କବୟିତ୍ରୀ ଚିନ୍ମୟୀ ସାହୁ, ଦୀପ୍ତିମୟୀ ନାୟକ, ସୁକାନ୍ତି ସ୍ୱାଇଁ, ସ୍ୱପ୍ନା ବାଗ, ସନ୍ତୋଷିନୀ ମାଝି, ସସ୍ମିତା ମହାଖୁଡ, ସୋନାଲି ନାୟକ, ଅରୁଣା ପଣ୍ଡା, ପ୍ରିୟଦର୍ଶିନୀ ନାୟକ, ପୁନମ ମାଝି, ଅଞ୍ଜନା ଖର୍ସେଲ, ଗୁଣମତି ଭୋଇ, ମାମି ପାତ୍ର, ମଧୁମିତା ମିଶ୍ର, ମଧୁସ୍ମିତା ମିଶ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏଥିରେ ଅନୁଷ୍ଠାନର ପ୍ରତିଷ୍ଠାତା ନରେଶ କୁମାର ସାହୁ, ସମ୍ପାଦକ ବିଶ୍ୱନାଥ ସାହୁ, କାହ୍ନୁ ଚରଣ ସାହୁ ପ୍ରମୁଖ ସହଯୋଗ କରିଥିଲେ।



ଛାତ୍ରୀଛାତ୍ରଙ୍କ ସହ ଜ୍ୟୋତି ଗୁରୁମା ଓ ତାଙ୍କ ସ୍ୱାମୀ।

# ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଢ଼ିବାରେ ବ୍ରତୀ ଜ୍ୟୋତି ଗୁରୁମା

**ଭବାନୀପାଟଣା,୬।୬ (ଉତ୍ତମ କୁମାର ଦାଶ)**

- ଉପକୃତ ହେଉଛନ୍ତି ବସ୍ତି ବାସିନ୍ଦା ଛାତ୍ରୀଛାତ୍ର
- ମାଗଣା ଶିକ୍ଷା ସହ ଘୁମୁରାନାଚ ପ୍ରଶିକ୍ଷଣ ମଧ ଦିଆଯାଉଛି

ଏକ ଶିକ୍ଷିତ ସମାଜ ଗଠନ କରିବା ପାଇଁ ଆଗଭର ହୋଇପଡିଛନ୍ତି ଏକ ଦମ୍ପତି। ଏପରି ଏକ ଚିତ୍ର ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା ଜୁନାଗଡ଼ରେ। ସହରର ଗଳିକନ୍ଦି ବସ୍ତିରେ ଥିବା ଗରିବ ଛାତ୍ରୀଛାତ୍ରଙ୍କୁ ମାଗଣାରେ ପାଠ ପଢ଼ାଇ ଚର୍ଚ୍ଚାରେ ରହିଛନ୍ତି ଜ୍ୟୋତି ଗୁରୁମା।

ନାଁ ତାଙ୍କର ସୀତାରାଣୀ ସାହୁ। ହେଲେ ଜ୍ୟୋତି ଗୁରୁମା ନାମରେ ସେ ବେଶ ପରିଚିତ। ପାଠ ପ୍ରତି ଆଗ୍ରହ ନ ଥିବା କିମ୍ବା କୌଣସି କାରଣରୁ ଅଧାରୁ ପାଠ ଛାଡିଥିବା ପିଲାଙ୍କୁ ସେ ନେଇ ଆସି ନିଜେ ନିଃଶୁଳ୍କ ପାଠ ପଢ଼ାଉଛନ୍ତି। ତାଙ୍କ ସ୍ୱାମୀ ଦୀପକ ରଞ୍ଜନ ସାହୁଙ୍କ ସହଯୋଗରେ ୨୦୨୨ ମସିହା ନଭେମ୍ବର ୧ ତାରିଖ କଳାହାଣ୍ଡିର ପ୍ରତିଷ୍ଠା ଦିବସରେ ନିଜ ବାସ ଭବନରେ ସ୍ୱାଗତ ନିଃଶୁଳ୍କ ଶିକ୍ଷାକେନ୍ଦ୍ର ଖୋଲିଥିଲେ। ପ୍ରଥମେ ୩୦ ଜଣ ଛାତ୍ରୀଛାତ୍ରଙ୍କୁ ନେଇ ଏହି ନିଃଶୁଳ୍କ ଶିକ୍ଷାକେନ୍ଦ୍ର ଆରମ୍ଭ ହୋଇଥିଲା। ବର୍ତ୍ତମାନ ଏହି ଶିକ୍ଷାକେନ୍ଦ୍ରରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୧୨୦ ଜଣ ଛାତ୍ରୀଛାତ୍ର ଏକା ସାଙ୍ଗରେ ନିଃଶୁଳ୍କ ଶିକ୍ଷା ଗ୍ରହଣ କରୁଛନ୍ତି। ଜ୍ୟୋତି ଗୁରୁମା ମଧ୍ୟ ସମସ୍ତ ଛାତ୍ରୀଛାତ୍ରଙ୍କୁ ଏକତ୍ରିତ କରି ସକାଳେ ଓ ସନ୍ଧ୍ୟାରେ ଶିକ୍ଷା ପ୍ରଦାନ କରୁଛନ୍ତି। ଏହି ଛାତ୍ରୀଛାତ୍ରଙ୍କୁ ପଢ଼ାଇବା ପାଇଁ ୪ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ମଧ୍ୟ ନିଯୁକ୍ତି କରିଛନ୍ତି। ଶିକ୍ଷା ବ୍ୟତୀତ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ଖେଳ ଓ କଳାହାଣ୍ଡି ଜିଲାର ବିରବାଦ୍ୟ ଘୁମୁରା ନାଚ ମଧ୍ୟ ପ୍ରଶିକ୍ଷଣ ଦିଆଯାଉଛି। ସବୁ କାମରେ ସ୍ୱାମୀ ଦିପକ ସାହାଯ୍ୟ କରୁଛନ୍ତି। ଦୀପକ ମଧ୍ୟ ତାଙ୍କ ଘର ପରିସରରେ ଏକ ଲାଇବ୍ରେରୀ କରିଛନ୍ତି। ସେଠାରେ କନଷ୍ଟେବଲ/ହାବିଲଦାରଠାରୁ ଆରମ୍ଭ କରି ଏସ୍‌ପି ଓ କ୍ଲର୍କଠାରୁ ଓଏଏସ୍, ଆଇଏଏସ୍ ହେବାକୁ ଚେଷ୍ଟା କରୁଥିବା ପିଲାଙ୍କ ପାଇଁ ବହି ସବୁ ରଖିଛନ୍ତି। ଏହି ସେବା ମଧ୍ୟ ସେ ବିନା ମୂଲ୍ୟରେ ଦେଉଛନ୍ତି। ଏହାବାଦ ବର୍ଷାଋତୁରେ ଲୋକଙ୍କୁ ପ୍ରତିବର୍ଷ ୧୦ ହଜାର କଦମ୍ବ ଗଛ ବଣ୍ଟନ କରିବା ସହ କପଡା ସଂଗ୍ରହ କରି ଦୁର୍ଗମ ଅଞ୍ଚଳରେ ବସବାସ କରୁଥିବା ଗରିବ ଲୋକମାନଙ୍କୁ କମ୍ବଳ, ଶାର୍ଟ, ପ୍ୟାଣ୍ଟ ,ଶାଢି ଇତ୍ୟାଦି ପ୍ରଦାନ କରିଥାନ୍ତି। ସଂସାର ଜଞ୍ଜାଳ ଓ ବ୍ୟବସାୟ କ୍ଷେତ୍ରରେ ବ୍ୟସ୍ତତା ଭିତରେ ଥାଇ ମଧ୍ୟ ଏକ ଶିକ୍ଷିତ ସମାଜ ଗଢିବା ପାଇଁ ଦୀପକ ଓ ସ୍ତ୍ରୀ ସୀତାରାଣୀ ଓରଫ ଜ୍ୟୋତି ଗୁରମା ଯେଉଁଭଳି ପଦକ୍ଷେପ ନେଇଛନ୍ତି ତାହା ଆଜିର ସମାଜ ପାଇଁ ଏକ ଉଦାହରଣ ସୃଷ୍ଟି କରିଛି। ଏହି ଦମ୍ପତିଙ୍କ ଉଦ୍ୟମ ତଥା ନିଷ୍ଠା ଅନେକ ଗରିବ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳମୟ ଭବିଷ୍ୟତ ଗଢ଼ିବା ପାଇଁ ସହାୟକ ହେଉଛି।

## ପ୍ରଗତି ମହାବିଦ୍ୟାଳୟର ହିମାଂଶୁ ସାହୁ ବିଶ୍ୱବିଦ୍ୟାଳୟ ଟପ୍ପର



ହିମାଂଶୁ ସାହୁ



ଇନ୍ଦିରା ପ୍ରିୟଦର୍ଶିନୀ ରାଉତ



ମୃତ୍ୟୁଞ୍ଜୟ କେଶରୀ ସିଂ



ପ୍ରତ୍ୟାଶା ବେହେରା



ସାଗରିକା ପ୍ରଧାନ

**ଭବାନୀପାଟଣା, ୬।୬(ଉତ୍ତମ କୁମାର ଦାଶ)**

**କଳାହାଣ୍ଡି ବିଶ୍ୱବିଦ୍ୟାଳୟ ସ୍ନାତକ ପରୀକ୍ଷାଫଳ ପ୍ରକାଶିତ**

କଳାହାଣ୍ଡି ଜିଲା ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଶେଷବର୍ଷ ସ୍ନାତକ ପରୀକ୍ଷାରେ ଭବାନୀପାଟଣା ସହର ଉପକଣ୍ଠ ପ୍ରଗତି ମହାବିଦ୍ୟାଳୟ ସଫଳତା ହାସଲ କରିଛି। ଏହି ମହାବିଦ୍ୟାଳୟର ହିମାଂଶୁ ଶେଖର ସାହୁ ପଦାର୍ଥ ବିଜ୍ଞାନ ବିଭାଗରେ ବିଶ୍ୱବିଦ୍ୟାଳୟ ଟପ୍ପର ହୋଇଛନ୍ତି। ସେହିପରି ଇନ୍ଦିରା ପ୍ରିୟଦର୍ଶିନୀ ରାଉତ ରସାୟନ ବିଜ୍ଞାନ, ପ୍ରତ୍ୟାଶା ବେହେରା ଉଦ୍ଭିଦ ବିଜ୍ଞାନ, ସାଗରିକା ପ୍ରଧାନ ପ୍ରାଣୀ ବିଜ୍ଞାନ, ମୃତ୍ୟୁଞ୍ଜୟ କେଶରୀ ସିଂ ଗଣିତରେ ବିଶ୍ୱବିଦ୍ୟାଳୟ ଟପ୍ପର ହୋଇଛନ୍ତି। ହିମାଂଶୁ ସର୍ବୋଚ୍ଚ ୯.୭୩ ସିଜିପିଏ ମାର୍କ ରଖି କୃତକାର୍ଯ୍ୟ ହେବା ସହିତ ବେଷ୍ଟ ଗ୍ରାଜୁଏଟ ହେବାର ଗୌରବ ଅର୍ଜନ କରିଛନ୍ତି। ହିମାଂଶୁ ଜୟପାଟଣା ଅନ୍ତର୍ଗତ ଉମେର ଗ୍ରାମର ଯଦୁମଣି ସାହୁ ଓ ଆଲାଦିନୀ ସାହୁଙ୍କ ପୁଅ। ଛାତ୍ରୀଛାତ୍ରଙ୍କ ପ୍ରଚେଷ୍ଟା ଓ ଅଧ୍ୟାପକ, ଅଧ୍ୟାପିକାମାନଙ୍କ ଉଦ୍ୟମରେ ପ୍ରଗତି ଶିକ୍ଷାନୁଷ୍ଠାନ ଶିକ୍ଷାକ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବାରେ ସକ୍ଷମ ହୋଇପାରିଛି। ବର୍ତ୍ତମାନ ସମୟରେ ମହାବିଦ୍ୟାଳୟର ଅନେକ ଛାତ୍ରୀଛାତ୍ର ରାଜ୍ୟ ଓ ଜାତୀୟ ସ୍ତରରେ ହେଉଥିବା ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହୋଇ ସରକାରୀ ଓ ବେସରକାରୀ ସଂସ୍ଥାରେ କାର୍ଯ୍ୟରତ ଅଛନ୍ତି। ଫଳାଫଳକୁ ନେଇ ପ୍ରଗତି ଅନୁଷ୍ଠାନର ମୁଖ୍ୟ ଅଜୟ କୁମାର ପଣ୍ଡା ଓ ଅଧ୍ୟକ୍ଷ ତାପସ ପରିମାଣିକ ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କୁ ଧନ୍ୟବାଦ ଦେଇଛନ୍ତି। ସେହିଭଳି ଅନୁଷ୍ଠାନର ଚେୟାରପର୍ସନ ସଙ୍ଗୀତା ପଣ୍ଡା ଫଳାଫଳରେ ସନ୍ତୋଷ ପ୍ରକାଶ କରିବା ସହ ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କୁ ଶ୍ରେୟ ଦେଇଛନ୍ତି।

## ପଦ୍ମପୁର, ବିଜେପୁର ନିର୍ବାଚନମଣ୍ଡଳୀ: ନୋଟା ପଛରେ ୪ ପ୍ରାର୍ଥୀ

**ପଦ୍ମପୁର,୬।୬(ପ୍ରଦୀପ୍ତ ଦାଶ)**

ଚଳିତ ସାଧାରଣ ନିର୍ବାଚନ ଫଳାଫଳ ଘୋଷଣା ସରିଥିବା ବେଳେ ୩ ପ୍ରମୁଖ ଦଳର ପ୍ରାର୍ଥୀଙ୍କୁ ଛାଡି ଦେଲେ ଅନ୍ୟ ପ୍ରାର୍ଥୀମାନେ ନୋଟାର ପଛକୁ ରହିଛନ୍ତି। ପଦ୍ମପୁର ବିଧାନସଭାରେ ନୋଟାକୁ ୧୬୧୭ଖଣ୍ଡ ଭୋଟ ମିଳିଥିବା ବେଳେ ବିଏସପି ପ୍ରାର୍ଥୀ ରୂପଧର କୁମ୍ଭାରକୁ ୧୨୦୬ ଭୋଟ, ସ୍ୱାଧୀନ ପ୍ରାର୍ଥୀ ରେବତୀ ଗିରୀଙ୍କୁ ୧୨୦୬ ଓ ଗଙ୍ଗାଧର ସାହାଙ୍କୁ ୯୯୨ଖଣ୍ଡ ଭୋଟ ମିଳିଛି। ସେହିପରି ବିଜେପୁର ନିର୍ବାଚନମଣ୍ଡଳୀରେ ନୋଟାରେ ୨୦୫୫ ଭୋଟ ପଡିଥିବା ବେଳେ ବିଏସପି ପ୍ରାର୍ଥୀ ଧବଳେଶ୍ୱର ମହାନନ୍ଦ ୨୦୧୦ ଭୋଟ ପାଇଛନ୍ତି। ଏଥିରୁ ଏହି ପ୍ରାର୍ଥୀମାନେ ନାମାଙ୍କନ ପତ୍ର ଦାଖଲ କରି ନାମକୁ ମାତ୍ର ନିର୍ବାଚନ ଲଢୁଥିବା ଜଣାପଡିଛି।



କର୍ଲାମୁଣ୍ଡା ବ୍ଲକ ଜଗନ୍ନାଥ ମନ୍ଦିରରେ ବ୍ରତଧାରୀ ମହିଳାମାନେ।

## ସାବିତ୍ରୀ ବ୍ରତ ପାଳିଲେ ମହିଳା

**ରିଷିଡା,୬।୬(ସୁଶାନ୍ତ ମଲ୍ଲିକ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡା ଅଞ୍ଚଳରେ ବିବାହିତା ମହିଳାମାନେ ନିଜ ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ଗୁରୁବାର ସାବିତ୍ରୀ ବ୍ରତ ପାଳନ କରିଛନ୍ତି। ବଜାରରେ ଫଳଦର ଆକାଶଛୁଆଁ ଥିଲେ ମଧ୍ୟ ସକ୍ଷମ ମୁତାବକ ଫଳ ଓ ପୂଜା ସାମଗ୍ରୀ କିଣି ମନ୍ଦିରରେ ବ୍ରତ ପାଳନ କରିଥିଲେ। କର୍ଲାମୁଣ୍ଡା ବ୍ଲକର ଗଜବାହଲ, ତେରେସିହା, ରାଜପୁର, ମାଳପଡ଼ା, ଯୋରାଡ୍ରବରା ଆଦି ଅଞ୍ଚଳରେ ମଧ୍ୟ ଏହି ବ୍ରତ ପାଳନ କରାଯାଇଛି।

## ସଡ଼କ ଦୁର୍ଘଟଣା: ବାପା ମୃତ, ପୁଅ ଗୁରୁତର

**ଭବାନୀପାଟଣା,୬।୬ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଏମ୍ ରାମପୁର ଥାନା ଅନ୍ତର୍ଗତ କେନ୍ଦୁବନ୍ଧ ଛକଠାରେ ଗୁରୁବାର ଏକ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଯଉବନ ତାଣ୍ଡି(୫୦) ନାମକ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବାବେଳେ ତାଙ୍କ ପୁଅ ରାଜୀବ ଆହତ ହୋଇଛନ୍ତି। ଏହି ଦୁର୍ଘଟଣାରେ ଅନ୍ୟ ଜଣେ ଗୁରୁତର ହୋଇଥିବା ଜଣାପଡ଼ିଛି। ପ୍ରାପ୍ତ ସୂଚନା ଅନୁଯାୟୀ, ଏମ୍. ରାମପୁର ଦେଇ ଯାଇଥିବା ରାୟପୁର-ଗୋପାଳପୁର ୫୯ନଂ. ଜାତୀୟ ରାଜପଥର କେନ୍ଦୁବନ୍ଧ ଛକଠାରେ ୨ ବାଇକ୍ ମଧ୍ୟରେ ଧକ୍କା ହୋଇଥିଲା। ଗୋଟିଏ ବାଇକ୍ (ଓଡି୨୬ଏଫ-୮୨୨୯)ରେ ନୂଆପଡ଼ା ଜିଲା କୋମନା ବ୍ଲକ ଟିକ୍ରାପଡ଼ା ପଞ୍ଚାୟତ ଜେଠୁପାଲି ଗ୍ରାମର ଯଉବନ ତାଣ୍ଡି, ପୁଅ ରାଜୀବ ଓ ଭାଗୀରଥି ଜାଲ ତିନିଜଣ ବସିଥିଲେ। ସେହିପରି ଅନ୍ୟ ବାଇକ୍‌ରେ କର୍ଲାମୁଣ୍ଡା ବ୍ଲକ ସାପଲହରା ପଞ୍ଚାୟତ କଣ୍ଡରେଇ ଗ୍ରାମର ପରମାନନ୍ଦ ଭୋଇ ଓ ନରେଶ ଚନ୍ଦନ(୨୭) ରହିଥିଲେ। ୨ ବାଇକ୍ ଧକ୍କା ହେବା ଫଳରେ ଯଉବନଙ୍କ ମୃତ୍ୟୁ ହୋଇଥିଲା। ସ୍ଥାନୀୟ ଲୋକେ ଗୁରୁତରମାନଙ୍କୁ ଉଦ୍ଧାର କରି ଏମ୍ ରାମପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରୁ ପରେ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ରାସ୍ତା କାମ ସମ୍ପୂର୍ଣ୍ଣ କରିବାକୁ ଦାବି



ଅସମ୍ପୂର୍ଣ୍ଣ ରାସ୍ତା।

**କୋମନା,୬।୬(ସୋବିନ ଛତ୍ରିଆ)**

ନୂଆପଡ଼ା ଜିଲା କୋମନା ବ୍ଲକ ନୂଆଗାଁ ପଞ୍ଚାୟତର କାମକେଡ଼ାଠାରୁ ଡୋଙ୍ଗରିପାଲି ସୁନାରିଡିଗ୍ରା ପର୍ଯ୍ୟନ୍ତ ରାସ୍ତାକାମ ଚାଲୁରହିଛି। ଏହି ରାସ୍ତା ମରାମତି ସହ ୨ଟି ପୋଲ ନିର୍ମାଣ ହେବାକୁ ରହିଛି। ୩ମାସ ବିତିଯାଇଥଲେ ମଧ୍ୟ ଗୋଟିଏ ପୋଲ କାମ ସମ୍ପୂର୍ଣ୍ଣ ହୋଇଥିବାବେଳେ ଅନ୍ୟ ଏକ ପୋଲ ଓ ରାସ୍ତା ମରାମତି କାମ ଶେଷ ହୋଇପାରି ନାହିଁ। ଉଦ୍ୟାନବନ୍ଧ, କୋମନା, ନୂଆପଡ଼ା ଯିବା ପାଇଁ ଏହା ହେଉଛି ମୁଖ୍ୟ ରାସ୍ତା। ଏହା ଉପରେ କାଳିମାଟି, ନୂଆଗାଁ, ଟୋକଲାପଡ଼ା, ଗନିଆପଡ଼ା, ଥୁଟିବର, ଲାହୋଣ୍ଡୋପାଲି, ସାଲେଭଟା, କାମକେଡ଼ା ଆଦି ଗାଁର ଲୋକେ ନିର୍ଭର କରିଥାନ୍ତି। କଲେଜ ଛାତ୍ରୀଛାତ୍ରଙ୍କ ଯିବାଆସିବା ପାଇଁ ଏହା ଏକମାତ୍ର ରାସ୍ତା। ଆଗକୁ ବର୍ଷାଦିନ ଆସୁଥିବାରୁ ବିଭଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟିଦେଇ ଶୀଘ୍ର ରାସ୍ତା କାମ ସମ୍ପୂର୍ଣ୍ଣ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଶକ୍ତି ବୃଦ୍ଧି କଲା କଂଗ୍ରେସ, ଫାଇଦା ନେଲା ବିଜେଡି

**ପଦ୍ମପୁର,୬।୬(ପ୍ରଦୀପ୍ତ ଦାଶ)**

**ପଦ୍ମପୁର ବିଧାନସଭା ଆସନ**

ବରଗଡ଼ ଜିଲାର ୫ଟି ନିର୍ବାଚନମଣ୍ଡଳୀରେ ଭାଜପା ପ୍ରାର୍ଥୀମାନେ ବିଜୟୀ ହୋଇଥିବା ବେଳେ କେବଳ ପଦ୍ମପୁର ଆସନରେ ବିଜେଡି ବିଜୟ ଲାଭ କରିଛି। କିନ୍ତୁ ପଦ୍ମପୁର ବିଧାନସଭା କ୍ଷେତ୍ରରେ ଭାରତୀୟ ଜନତା ପାର୍ଟିକୁ ଶକ୍ତ ଧକ୍କା ଲାଗିଛି। ୨୦୧୯ ସନିର୍ବାଚନରେ ବିଜେଡିର ଜୟ ରଞ୍ଜନ ସିଂ ବରିହାଙ୍କୁ ୮୩୨୯୯ (୪୧.୨୯) ଭୋଟ ମିଳିଥିଲା। ସେହିପରି ଭାଜପା ପ୍ରାର୍ଥୀ ପ୍ରଦୀପ ପୁରୋହିତଙ୍କୁ ୭୭୫୬୫(୩୮.୪୫) ଭୋଟ ମିଳିଥିବା ବେଳେ କଂଗ୍ରେସର ସତ୍ୟ ଭୂଷଣ ସାହୁଙ୍କୁ ୩୨୭୮୭ (୧୬.୨୫) ଭୋଟ ମିଳିଥିଲା। ୨୦୨୨ ଉପନିର୍ବାଚନରେ ବିଜେଡି ପ୍ରାର୍ଥିନୀ ବର୍ଷା ସିଂ ବରିହା ୧୨୦ହଜାର ୮୦୭ (୫୮%) ଭୋଟ ପାଇଥିଲେ। ଭାଜପାର ପ୍ରଦୀପ ପୁରୋହିତ ୭୮୧୨୮(୩୮.୪୫%) ଭୋଟ ଏବଂ କଂଗ୍ରେସ ପ୍ରାର୍ଥୀ ସତ୍ୟଭୂଷଣ ସାହୁ ମାତ୍ର ୩୫୯୪(୧.୭୩%) ଭୋଟ ପାଇ ଅମାନତ ହରାଇଥିଲେ। ସଦ୍ୟ ସମାପ୍ତ ନିର୍ବାଚନ ଫଳାଫଳ ଅନୁଯାୟୀ ଏଥର ବିଜେଡିର ବର୍ଷା ସିଂ ବରିହାଙ୍କୁ ୯୧୯୯୫(୪୩.୫୩%), ଭାଜପାର ଗୋବର୍ଦ୍ଧନ ଭୋଏଙ୍କୁ ୮୧୦୦୨(୩୮.୩୩%) ଓ କଂଗ୍ରେସର ନବାଗତ ଟଙ୍କଧର ସାହୁଙ୍କୁ ୩୦୪୫୩ (୧୪.୪୧%) ଭୋଟ ମିଳିଛି। ଗତ ଉପନିର୍ବାଚନ ତୁଳନାରେ କଂଗ୍ରେସକୁ ୧୩ ପ୍ରତିଶତ ଅଧିକ ଭୋଟ ମିଳିଥିବା ବେଳେ ବିଜେଡିକୁ ୧୫ ପ୍ରତିଶତ କମ ଭୋଟ ମିଳିଛି। ସେହିପରି ମୋଦି ଲହର ସହିତ ପରିବର୍ତ୍ତନ ନାରା ସତ୍ତ୍ୱେ ଭାଜପା ତାହାର ଭୋଟ ଆଶାତିତ ବୃଦ୍ଧି କରି ପାରିନାହିଁ। ଯାହାକି ଭାଜପା ପ୍ରାର୍ଥୀଙ୍କୁ ପରାଜୟ ହେବାକୁ ପଡିଥିଲା। ଭାଜପା ତାର ଭୋଟ ବ୍ୟାଙ୍କ ସୁରକ୍ଷିତ ରଖିପାରିଛି।

## ସାବିତ୍ରୀ ବ୍ରତ ପାଳନ

**ବେହେରା,୬।୬(ଭୂପେଶ ତିୱାରୀ)**

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକର ବିଭିନ୍ନ ଗ୍ରାମରେ ଗୁରୁବାର ମହିଳାମାନେ ସ୍ୱାମୀଙ୍କ ଦୀର୍ଘାୟୁ କାମନାକରି ସାବିତ୍ରୀ ବ୍ରତ ପାଳନ କରିଛନ୍ତି। ଏଥିଲାଗି ବିଭିନ୍ନ ଦେବଦେବୀ ମନ୍ଦିରରେ ମହିଳାଙ୍କ ଭିଡ଼ ଲାଗିଥିଲା। ଦଣ୍ଡପାଟ ବେହେରା ଅଞ୍ଚଳରେ ବରଗଛ ମୂଳରେ ମହିଳାମାନେ ଲିପାପୋଛା କରି ଦେବୀ ସାବିତ୍ରୀଙ୍କ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ସାବିତ୍ରୀ ବ୍ରତ କଥା ପଠନ କରାଯାଇଥିଲା।



ସାବିତ୍ରୀ ବ୍ରତଧାରୀ ମହିଳାମାନେ।

## କଳାହାଣ୍ଡିରେ ଜନନୀ ଯନ୍ତ୍ରଣାର ଚିତ୍ର

**ଥୁଆମୂଳ ରାମପୁର, ୬।୬(ଦୁର୍ଗା କୀର୍ତ୍ତି)**

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକରେ ଜନନୀ ଯନ୍ତ୍ରଣାର ଚିତ୍ର ସାମ୍ନାକୁ ଆସିଛି। ରାସ୍ତା ସମସ୍ୟା ଯୋଗୁ ଜଣେ ଗର୍ଭବତୀଙ୍କୁ ଖଟିଆରେ ବୋହି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନିଆଯାଇଛି। ଦୁର୍ଗମ ଅଞ୍ଚଳରେ ରାସ୍ତାଘାଟ ସମସ୍ୟା ଯୋଗୁ ଗ୍ରାମବାସୀଙ୍କୁ ମିଳିପାରୁନି ମୌଳିକ ସୁବିଧା। ଏହି ସମସ୍ୟା ନେଇ ଗ୍ରାମବାସୀ ଭୋଟ ବର୍ଜନ ଚେତାବନୀ ଦେଇଥିଲେ। ପରେ ବ୍ଲକ ପ୍ରଶାସନ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରି ରାସ୍ତା ନିର୍ମାଣ ପାଇଁ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ହେଲେ ସାଧାରଣ ନିର୍ବାଚନ ପରେ ନୂଆ ସରକାର ଗଠନ ପୂର୍ବରୁ ଏଭଳି ଏକ ଅଭାବନୀୟ ଘଟଣା ଥୁଆମୂଳ ରାମପୁର ବ୍ଲକ ଥୁଆମୂଳ ପଞ୍ଚାୟତର ଡେଙ୍ଗଫାର୍ସି ଗ୍ରାମରେ ଦେଖିବାକୁ ମିଳିଛି।



ଖଟିଆରେ ଅଣାଯାଇଥିବା ମା'ଶିଶୁଙ୍କୁ ଆମ୍ବୁଲାନ୍ସରେ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଉଛି।

ମିଳିଥିବା ସୂଚନା ଅନୁଯାୟୀ, ଡେଙ୍ଗଫାର୍ସି ଗ୍ରାମର ଭଗିନ୍ଦ୍ର ମାଝିଙ୍କ ସ୍ତ୍ରୀ ସାଇବନି ମାଝିଙ୍କ ଗୁରୁବାର ପ୍ରସବକାଳୀନ ଯନ୍ତ୍ରଣା ହେବାରୁ ୧୦୨ ଆମ୍ବୁଲାନ୍ସକୁ ଯୋଗାଯୋଗ କରାଯାଇଥିଲା। ଥୁଆମୂଳ ରାମପୁର ସ୍ୱାସ୍ଥ୍ୟକେନ୍ଦ୍ରରୁ ଆମ୍ବୁଲାନ୍ସ ଆସିଥିଲେ ମଧ୍ୟ ଭଲ ରାସ୍ତା ନ ଥିବାରୁ ଭଟାଗୁଡ଼ା ଗାଁ ମୁଣ୍ଡରେ ଅଟକି ରହିଥିଲା। ପରେ ଭଗୀନ୍ଦ୍ରଙ୍କ ସହ ଗ୍ରାମର ୩ ଜଣ ଯୁବକ ସାଇବନୀଙ୍କୁ ଖଟିଆରେ ବୋହି ୨ କି.ମି. ଦୂର ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେଇଥିଲେ। ହେଲେ ବାଟରେ ସାଇବନୀଙ୍କ ପ୍ରସବ ହୋଇଥିଲା। ପରେ ଶିଶୁ ଓ ମା'ଙ୍କୁ ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଆବଶ୍ୟକ ଚିକିତ୍ସା ପରେ ଉଭୟ ମା' ଓ ଶିଶୁ ସୁସ୍ଥ ଥିବା ଡାକ୍ତର ଶକ୍ତି ସାଗର ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବିଡିଓ ଧ୍ରୁବ ଚରଣ ମୁଦୁଲିଙ୍କୁ ପଚାରିବାରୁ ନୂଆ ରାସ୍ତା ନିର୍ମାଣ ପାଇଁ ଆକ୍ସନ ପ୍ଲାନରେ ବ୍ୟବସ୍ଥା କରିବୁ ବୋଲି ପ୍ରକାଶ କରିଥିଲେ।

## ସଂକ୍ଷେପରେ

### ଡମ୍ଫର ଧକ୍କାରେ ଜଣେ ମୃତ

**ରାଉରକେଲା,୬ା୬(ଦିନେଶ ମିଶ୍ର):** ରାଉରକେଲା ଏନ୍ଏଚ୍-୧୪୩ରେ ସଡ଼କ ଦୁର୍ଘଟଣାରେ ଗୁରୁବାର ଜଣେ ଯୁବକଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଲାଲଟାଙ୍କି ଅଞ୍ଚଳର ମାଠୁ ମୁଣ୍ଡା(୩୮)। ମିଳିଥିବା ସୂଚନା ଅନୁଯାୟୀ, ବୁଧବାର ମାଠୁ କାମ ସାରି ରାତି ୧୦ଟାରେ ସାଇକେଲ ଯୋଗେ ଘରକୁ ଫେରୁଥିବା ବେଳେ ରଙ୍ଗିଲା ଛକ ବାଇପାସ୍ ରାସ୍ତାରେ ପଛପଟୁ ଏକ ଡମ୍ଫର ଧକ୍କାଦେଇ ଫେରାର ହୋଇଯାଇଥିଲା। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଆର୍‌ଜିଏଚ୍‌ରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ରାଉରକେଲାବାସୀ ନୂତନ ବିଧାୟକଙ୍କୁ ଧନ୍ୟବାଦ ଦେଲେ ଦିଲୀପ

**ରାଉରକେଲା,୬ା୬(ଦିନେଶ ମିଶ୍ର):** ଦିଲୀପ ରାୟ ଗୁରୁବାର ରାଉରକେଲା ବିମାନବନ୍ଦରରେ ପହଞ୍ଚିବା ପରେ ତାଙ୍କ ସମର୍ଥକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ସମର୍ଥକମାନେ ଦିଲୀପଙ୍କୁ ଭବ୍ୟ ସ୍ୱାଗତ କରିଥିଲେ। ଦିଲୀପ ରାଉରକେଲାବାସୀ ଓ ନୂତନ ଭାବେ ବିଜୟୀ ହୋଇଥିବା ବିଧାୟକ ସାରଦା ପ୍ରସାଦ ନାୟକଙ୍କୁ ଶୁଭେଚ୍ଛା ଜ୍ଞାପନ କରିଥିଲେ। ଭୋଟରେ ହାରିବା ଓ ଜିତିବା ଏହା ଏକ ଗଣତାନ୍ତ୍ରିକ ପଦ୍ଧତି । ଦିଲୀପ ରାଉରକେଲା ମାଟିର ପୁଅ । ତେଣୁ ସର୍ବଦା ଦିଲୀପ ସହରବାସୀଙ୍କ ସହ ରହିବେ ଓ ସାମୂହିକ ବିକାଶ ପାଇଁ ସର୍ବଦା କାମ କରିବେ ବୋଲି ଭାଜପା ବିଧାନସଭା ପ୍ରାର୍ଥୀ ଦିଲୀପ ରାୟ ତାଙ୍କ ବକ୍ତବ୍ୟରେ କହିଥିଲେ। ଗୁରୁବାର ସନ୍ଧ୍ୟାରେ ରାଉରକେଲା ହକି ଭିଲେଜରେ ଦିଲୀପ ଦଳୀୟ କର୍ମୀଙ୍କ ସହ ଏକ ବୈଠକ କରିଥିବା ଜଣାପଡ଼ିଛି।

### ବିଦ୍ୟୁତ୍ ଖୁଣ୍ଟକୁ ପିଟିଲା ବାଇକ୍: ଚାଳକ ମୃତ

**ରାଉରକେଲା,୬ା୬(ଦିନେଶ ମିଶ୍ର):** ଟାଙ୍ଗରପାଳିଥାନା ଅନ୍ତର୍ଗତ ସୋନାପରବତ ଛକରେ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଅନୁଗ୍ରହ ଏକ୍କା(୨୫)। ଏନେଇ ଟାଙ୍ଗରପାଲି ପୋଲିସ ନଂ.୧୧୮/୨୪ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ସୂଚନା ଅନୁଯାୟୀ, ଗୁରୁବାର ଅପରାହ୍ନରେ ଅନୁଗ୍ରହ ବାଇକ୍ ଯୋଗେ ଘରକୁ ଯାଉଥିଲେ। ସୋନାପରବତ ଛକରେ ବାଇକ ଟି ଭାରସାମ୍ୟ ହରାଇ ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇଥିଲା। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଆରଜିଏଚରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଗାଡ଼ି ଧକ୍କାରେ ଜଣେ ମୃତ

**କୁତ୍ରା,୬ା୬(ଦେବାଶିଷ ସାହୁ):** କୁତ୍ରା ଥାନା ଅନ୍ତର୍ଗତ ଲତାଲଗା ଠାରେ ଅଜଣା ଗାଡି ଧକ୍କାରେ ଗୁରୁବାର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗୋବିନ୍ଦପୁର ଥାନା କୁଟେରମାଲ ଗ୍ରାମର ଜଗନ୍ନାଥ କିଷାନ(୫୩)। ଏନେଇ ପରିବାର ପକ୍ଷରୁ କୁତ୍ରା ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ସୂଚନା ଅନୁଯାୟୀ, ଗୁରୁବାର ଜଗନ୍ନାଥ ବାଇକ୍ ଯୋଗେ କୁତ୍ରା ପଟକୁ ଆସୁଥିବା ବେଳେ ଲତାଲଗାଠାରେ ତାଙ୍କୁ ଏକ ଅଜଣା ଗାଡି ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ କୁତ୍ରା ସରକାରୀ ଡାକ୍ତରଖାନା ଓ ପରେ ତାଙ୍କୁ ରାଉରକେଲାକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ କିଷାନଙ୍କ ମୃତ୍ୟୁ ଘଟିଛି।



ରାଉରକେଲା ସେକ୍ଟର-୧୫ ରାଧାକୃଷ୍ଣ ମନ୍ଦିରରେ ମହିଳାମାନେ ସାବିତ୍ରୀବ୍ରତ ପାଳନ କରୁଛନ୍ତି।



ବାସନ୍ତୀ କଲୋନୀ କାଳି ମନ୍ଦିର ପରିସରରେ ଥିବା ବରଗଛ ମୂଳେ ମହିଳାମାନେ ସାବିତ୍ରୀ ପୂଜା କରୁଛନ୍ତି।

# ମନ୍ଦିର ଅନୁଷ୍ଠାନ କବ୍‌ଜାରେ ଆର୍‌ଏମ୍‌ସି ଶୌଚାଳୟ

- ବ୍ୟବସାୟୀ,ଗ୍ରାହକ ଅସନ୍ତୋଷ
- ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ

**ରାଉରକେଲା,୬ା୬(ଦିନେଶ ମିଶ୍ର)**

ରାଉରକେଲା ସହରର ବିଭିନ୍ନ ମାର୍କେଟ ଅଞ୍ଚଳରେ ଆର୍‌ଏମ୍‌ସି ପକ୍ଷରୁ ଶୌଚାଳୟ ନିର୍ମାଣ କରାଯାଇଛି। ମାତ୍ର ଅନେକ ମାର୍କେଟ ଅଞ୍ଚଳରେ ଥିବା ଶୌଚାଳୟ କଥା ନ କହିବା ଭଲ। କେଉଁଠି ଚାବି ପଡିଛି ତ, ଆଉ କେଉଁଠି ସ୍ଥାନୀୟ ମନ୍ଦିର ଅନୁଷ୍ଠାନ କବ୍‌ଜାରେ ରହିଥିବା ଅଭିଯୋଗ ହୋଇଛି। ଏହିଭଳି ଦୃଶ୍ୟ ବାସନ୍ତୀ କଲୋନୀ ସ୍ଥିତ ଆର୍‌ଏମ୍‌ସି ଭେଣ୍ଡିଂଜୋନ୍ ମାର୍କେଟ ପରିସରରେ ଦେଖିବାକୁ ମିଳିଛି। ଏହି ମାର୍କେଟ କମ୍ପଲେକ୍ସ ଭିତରେ ୧୦୦ରୁ ଉର୍ଦ୍ଧ୍ୱ ଦୋକାନ ରହିଛି। ବାସନ୍ତୀ କଲୋନୀର ଏହା ପ୍ରମୁଖ ମାର୍କେଟ ହୋଇଥିବାବେଳେ




ଭେଣ୍ଡିଂଜୋନ୍‌ରେ ତାଲା ପଡିଥିବା ଶୌଚାଳୟ।

ରାତି ପାହିଲେ ବହୁ ସଂଖ୍ୟାରେ ଗ୍ରାହକ ଏଠାକୁ ଆସିଥାନ୍ତି। ଏହାକୁ ଦୃଷ୍ଟିରେ ରଖି ରାଉରକେଲା ମହାନଗର ନିଗମ(ଆରଏମ୍‌ସି) ପକ୍ଷରୁ ମାର୍କେଟ କମ୍ପଲେକ୍ସ ବ୍ୟବସାୟୀ ଓ ଗ୍ରାହକଙ୍କ ପାଇଁ ୫ଟି ଶୌଚାଳୟ ନିର୍ମାଣ କରାଯାଇଥିଲା। ହେଲେ ଶୌଚାଳୟ ନିର୍ମାଣ ହେବାର ଠିକ ବର୍ଷକ ପରେ ପାଖରେ ଥିବା ଏକ ମନ୍ଦିର ଅନୁଷ୍ଠାନ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ନେଇ ନିଜ କବ୍‌ଜାରେ ରଖିଥିଲା। ଫଳରେ ବ୍ୟବସାୟୀମାନେ ଏହାକୁ ବ୍ୟବହାର କରିପାରିଲେ ନାହିଁ। ମନ୍ଦିର ଅନୁଷ୍ଠାନ ଏହି ଶୌଚାଳୟକୁ ସର୍ବସାଧାରଣଙ୍କ ବ୍ୟବହାର ନିମନ୍ତେ ନ ଖୋଲି ୫ଟିରୁ ବର୍ତ୍ତମାନ ୩ଟି ଶୌଚାଳୟକୁ ଚାବି ପକାଇ ନିଜ ଅଧୀନରେ ରଖିଛି। ସେଥି ମଧ୍ୟରୁ ୨ଟି ଶୌଚାଳୟ ସର୍ବସାଧାରଣ ଓ ବ୍ୟବସାୟୀଙ୍କ ପାଇଁ ଖୋଲିଥିବାରୁ ବିଭିନ୍ନ ବ୍ୟବସାୟୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପକ୍ଷେ ମନ୍ଦିର ଅନୁଷ୍ଠାନ ଚାବି ପକାଇ ରଖିଥିବା ସର୍ବସାଧାରଣ ଶୌଚାଳୟକୁ ମନ୍ଦିରର ବିଭିନ୍ନ ବାହାଘର ଓ ଅନ୍ୟ ବ୍ୟବସାୟିକ କାର୍ଯ୍ୟରେ ବ୍ୟବହାର କରାଯାଉଥିବା ଅଭିଯୋଗ ହୋଇଛି। ଏନେଇ ଆର୍‌ଏମ୍‌ସି କମିସନର ଆଶୁତୋଷ କୁଲକର୍ଣ୍ଣିଙ୍କୁ ପଚାରିବାରୁ, ବାସନ୍ତୀ କଲୋନୀ ଭେଣ୍ଡିଂଜୋନ ମାର୍କେଟ କମ୍ପଲେକ୍ସରେ ଥିବା ଆର୍‌ଏମ୍‌ସି ଶୌଚାଳୟ ତାଲା ପଡିଥିବା ନେଇ ଆମ ପାଖରେ କୌଣସି ଅଭିଯୋଗ ହୋଇ ନାହିଁ। ଯଦି କୌଣସି କାରଣରୁ ଏହି ଶୌଚାଳୟ ଗୁଡିକ ଚାବି ପଡିଛି ତେବେ ଏଥିପ୍ରତି ଆମେ ପ୍ରଥମେ ତଦନ୍ତ କରି ଆଗାମୀ ୭ ଦିନ ଭିତରେ କଡା କାର୍ଯ୍ୟାନୁଷ୍ଠାନ ନେବୁ ବୋଲି ସେ କହିଥିଲେ।

## ସ୍ୱାମୀଙ୍କ ଦୀର୍ଘାୟୁ କାମନା କଲେ ସାବିତ୍ରୀ ବ୍ରତଧାରୀ




**ରାଉରକେଲା,୬ା୬(ଦିନେଶ ମିଶ୍ର)**

ରାଉରକେଲା ସହରରେ ସାବିତ୍ରୀ ବ୍ରତ ପୂଜାକୁ ନେଇ ବିଭିନ୍ନ ମନ୍ଦିରରେ ଭିଡ ଦେଖିବାକୁ ମିଳିଛି। ସାବିତ୍ରୀ ଅମାବାସ୍ୟା ଓ ସ୍ୱାମୀଙ୍କ ଦୀର୍ଘଆୟୁ କାମନା କରି ବହୁ ବ୍ରତଧାରୀ ମହିଳାମାନେ ରାଉରକେଲା ସହରର ବାସନ୍ତୀ କଲୋନୀ ସ୍ଥିତ ଜଗନ୍ନାଥ ମନ୍ଦିର, ରେଲୱେ କଲୋନୀ କାଳିମନ୍ଦିର, ଉଦିତନଗର ସ୍ଥିତ ପଞ୍ଚଦେବ ମନ୍ଦିର, ହନୁମାନ ବାଟିକା ଭଳି ଏକାଧିକ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ସହରର ଦେଓଗାଁ ତରକେରା ସ୍ଥିତ ଧବଳେଶ୍ୱର ଶିବ ମନ୍ଦିର, ସେକ୍ଟର-୩ ସ୍ଥିତ ଅହିରାବନ୍ଧ ଜଗନ୍ନାଥ ମନ୍ଦିର ପରିସରରେ ଥିବା ବଟବୃକ୍ଷ ତଳେ ସାବିତ୍ରୀପୂଜାକୁ ନେଇ ବେଶ ଭିଡ ଦେଖିବାକୁ ମିଳିଥିଲା। ଏଥିସହ ବହୁ ସ୍ଥାନରେ ମହିଳାମାନେ ଏକତ୍ରିତ ହୋଇ ସାବିତ୍ରୀ ବ୍ରତର ମହିମା ବହି ପାଠ କରବା ସହ ନିଜର ଶଙ୍ଖା, ସିନ୍ଦୁରକୁ ପୂଜା କରିବା ପରେ ପୁଷ୍ପାଞ୍ଜଳି ଜ୍ଞାପନ କରିଥିଲେ। ସାବିତ୍ରୀ ବ୍ରତ ପୂଜାକୁ ନେଇ ରାଉରକେଲା ସହରରେ ଥିବା ମନ୍ଦିର ଗୁଡିକ ଚଳଚଞ୍ଚଳ ହୋଇ ଉଠିଥିଲା।

## ଆର୍‌ଏସ୍‌ପିର ଠିକା ଶ୍ରମିକଙ୍କୁ ଆର୍‌ପିଏଲ ସାର୍ଟିଫିକେଟ୍ ପ୍ରଦାନ




ଉପସ୍ଥିତ ଆର୍‌ଏସ୍‌ପି କର୍ମଚାରୀ ଓ ଅନ୍ୟମାନେ।

**ରାଉରକେଲା,୬ା୬(ଦିନେଶ ମିଶ୍ର)**

ରାଉରକେଲା ଇସ୍ପାତ କାରଖାନା ଜ୍ଞାନାର୍ଜନ ଓ ବିକାଶ କେନ୍ଦ୍ର, ବିଭିନ୍ନ ବିଭାଗ ସମ୍ପର୍କ କାର୍ଯ୍ୟକ୍ରମରେ ପରିଚାଳନା କରୁଛି। ଯେଉଁଠାରେ ବିଭାଗୀୟ ମୁଖ୍ୟଙ୍କ ଉପସ୍ଥିତିରେ ଠିକା ଶ୍ରମିକମାନଙ୍କୁ ଆରପିଏଲ ପ୍ରମାଣପତ୍ର ହସ୍ତାନ୍ତର କରାଯାଇଛି। କର୍ମଚାରୀଙ୍କ କାର୍ଯ୍ୟଦକ୍ଷତାର ଉନ୍ନତି ପାଇଁ ବିଭାଗୀୟ ସଂଯୋଗକୁ ମଜବୁତ କରିବାକୁ ଏହି ପଦକ୍ଷେପ ଲକ୍ଷ୍ୟ ରଖିଛି। ନୂତନ ପ୍ଲେଟମିଲ-୧ ବିଭାଗରେ ଆୟୋଜିତ ହୋଇଥିବା ଏକ କାର୍ଯ୍ୟକ୍ରମରେ ମାନବ ସମ୍ବଳ ଜ୍ଞାନାର୍ଜନ ଓ ବିକାଶ କେନ୍ଦ୍ର ସିଜିଏମ ରାଜଶ୍ରୀ ବାନାର୍ଜୀ ଓ ନୂତନ ପ୍ଲେଟମିଲ ଓ ସ୍ପେଶାଲ ପ୍ଲେଟ ପ୍ଲାଣ୍ଟ ବିଭାଗର ସିଜିଏମ କାର୍ତ୍ତିକେୟ ବେହେରା ଅଧ୍ୟକ୍ଷତା କରି ନୂତନ ପ୍ଲେଟ ମିଲ ଓ ସ୍ପେଶାଲ ପ୍ଲେଟ ମିଲ ବିଭାଗ ସହିତ ସହବନ୍ଧିତ ୭୬ଜଣ ଠିକା ଶ୍ରମିକଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରିଥିଲେ। ଏହି ଅବସରରେ ଏସପିପି ବିଭାଗର ଜିଏମ ଇନଚାର୍ଜ ଡ. ପି.କେ ପାଢୀ, ଏଚଆର ଏଲଆଣ୍ଡ ଡି ଭିବାଗର ଜିଏମ ଏସ୍ . କୋଣ୍ଡା ତଥା ବିଭାଗର ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଏସପିପି ବିଭାଗର ଜିଏମ ପ୍ରବୀର କୁମାର ବେହେରା ଓ ଏନପିଏମ ବିଭାଗର ସିନିୟର ମ୍ୟାନେଜର ପ୍ରୀତି କୁମାରୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ଏଲ. ମାରାଣ୍ଡି ପରିଚାଳନା କରିଥିଲେ। ଏଚ୍‌ଆରଡି ବିଭାଗର ଏଜିଏମ କେ.କେ ଜୟୱାଲ, ସିନିୟରମ୍ୟାନେଜର ଅର୍ଣପୂର୍ଣ୍ଣ ବେହେରା, ଏଲ.ମାରାଣ୍ଡି, ଏଚ.ଏନ୍ ପତି ପ୍ରମୁଖ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିଥିଲେ। ଶେଷରେ ଏଲଆଣ୍ଡଡି ବିଭାଗର ବିଭାଗର ଜୁନିୟର ଅଫିସର ଆଲୋକ ରଞ୍ଜନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଦ ମିରର ସୋସିଆଲ ଫାଉଣ୍ଡେଶନ ପକ୍ଷରୁ ସହାୟତା ପ୍ରଦାନ

**ରାଉରକେଲା,୬ା୬(ଦିନେଶ ମିଶ୍ର)**

ରାଉରକେଲା ଅଗ୍ରଣୀ ସାମାଜିକ ସଙ୍ଗଠନ ଦ ମିରର ସୋସିଆଲ ଫାଉଣ୍ଡେଶନ ପକ୍ଷରୁ ସେକ୍ଟର-୮ ସ୍ଥିତ ଆଶାର ଆଲୋକ ଗୃହରେ ଅନ୍ତେବାସୀଙ୍କୁ ସହାୟତା ପ୍ରଦାନ କରାଯାଇଛି। ଏହି ଅବସରରେ ଦ' ମିରର ଅନୁଷ୍ଠାନର ବହୁ କର୍ମୀ ଉପସ୍ଥିତ ରହି ଆଶ୍ରମରେ ବାସ କରୁଥିବା ଗରୀବ ଅନ୍ତେବାସୀଙ୍କୁ ଖାଦ୍ୟ, ଶୁଖିଲା ଜଳଖିଆ ଓ ବସ୍ତ୍ର ବିତରଣ କରିଥିଲେ। ଏହି କାର୍ଯ୍ୟକ୍ରମ ଅନୁଷ୍ଠାନର ସଭାପତି ବିଶ୍ୱଜିତ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ସୁଇଟି ସାହୁ, ବିନୟ ପ୍ରଧାନ, ବିସ୍ମୟ ପ୍ରଧାନ, ମହେଶ୍ୱର ପାତ୍ର, ଅମ୍ବିକା ମହାନ୍ତି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ବିଶ୍ୱଜିତ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଜୟ ଉତ୍ସବ ପାଳିବନି ଭାଜପା: ଜୁଏଲ

**ରାଉରକେଲା,୬ା୬(ଦିନେଶ ମିଶ୍ର)**



ଚଳିତ ନିର୍ବାଚନରେ ସୁନ୍ଦରଗଡ଼ ଲୋକ ସଭାରୁ ୬ଷ୍ଠ ଥର ପାଇଁ ଭାଜପା ପ୍ରାର୍ଥୀ ଜୁଏଲ ଓରାମ ବିଜୟୀ ହୋଇଛନ୍ତି। ଏମ୍‌ପି ଜୁଏଲ ଲଗାତର ବିଜୟୀ ହେବା ପରେ ମଧ୍ୟ ବିଜୟ ଉତ୍ସବ ପାଳିବେ ନାହିଁ ବୋଲି ମତ ପ୍ରକାଶ କରିଥିଲେ। ଜୁଏଲ ଓରାମ ସେକ୍ଟର-୩ ସ୍ଥିତ ଭାଜପା କାର୍ଯ୍ୟାଳୟ ପରିସରରେ ତାଙ୍କ ବକ୍ତବ୍ୟରେ କହିଥିଲେ, ଚଳିତ ନିର୍ବାଚନରେ ଜିଲାରେ ଭାଜପା ପକ୍ଷରୁ ଖରାପ ଫଳାଫଳ ହୋଇଛି। ଜିଲାରେ ୭ଟି ନିର୍ବାଚନମଣ୍ଡଳୀରୁ ଅତିକମ୍‌ରେ ୩ଟି ବିଧାନସଭା ପାଇଁ ଭାଜପା ବାଜି ମାରେ। ମାତ୍ର ଚଳିତ ବର୍ଷ ରଘୁନାଥପାଲି ଓ ତଲସରା ଭଳି ୨ଟି ନିର୍ବାଚନମଣ୍ଡଳୀରେ ଭାଜପା ବିଜୟୀ ହୋଇଥିବାରୁ ଏହା ଦଳ ପ୍ରତି ଦୁଃଖଦାୟକ। ତେଣୁ ଦଳର ଏହି ବିଜୟରେ ଖୁସି ନ ଥିବାରୁ ଭାଜପା ବିଜୟ ଉତ୍ସବ ପାଳନ କରିବ ନାହିଁ ବୋଲି ସିଧାସଳଖ ମନା କରିଦେଇଥିଲେ। କେବଳ ନିଜ ଦଳର ସମର୍ଥକମାନେ ବିଧିବଦ୍ଧ ଭାବେ ନିଜ ପ୍ରାର୍ଥୀଙ୍କୁ ଉତ୍ସାହିତ କରିପାରିବେ ବୋଲି ଓରାମ ମତ ପ୍ରକାଶ କରିଥିଲେ।

## ସଂସ୍କୃତି ସୁରକ୍ଷା ଉନ୍ନତି ପ୍ରକଳ୍ପ ପାଇଁ ସର୍ବେକ୍ଷଣ ଆରମ୍ଭ

**ରାଉରକେଲା,୬ା୬(ଦିନେଶ ମିଶ୍ର)**

ଆର୍‌ଏସ୍‌ପିର ସୁରକ୍ଷା ସଂସ୍କୃତି ରୂପାନ୍ତରଣ ପଦକ୍ଷେପ ପ୍ରକଳ୍ପ ନିଶ୍ଚୟ ପାଇଁ ଏକ ମୂଲ୍ୟାଙ୍କନ ପରବର୍ତ୍ତୀ ସର୍ବେକ୍ଷଣ ଆରମ୍ଭ ହୋଇଛି। ଆର୍‌ଏସ୍‌ପିର ମନ୍ଥନ ସମ୍ମିଳନୀ କକ୍ଷଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଆରଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ଏହା ଆରମ୍ଭ କରିଥିଲେ। ଏହି ଅବସରରେ ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଆଲୋକ ବର୍ମା ବହୁ ମୁଖ୍ୟ ମହାପ୍ରବନ୍ଧକ ଓ ବିଭାଗର ମୁଖ୍ୟ ତଥା ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ଦୁର୍ଘଟଣା ମୁକ୍ତ ଇସ୍ପାତ ତିଆରି ଦିଗରେ କାରଖାନା ଭିତରେ ସୁରକ୍ଷାକୁ ସଦୃଢ଼ କରିବାର ପ୍ରୟାସର ଏକ ଅଂଶ ଭାବରେ ଆରଏସ୍‌ପିରେ ସୁରକ୍ଷା ସଂସ୍କୃତି ଉନ୍ନତି ପ୍ରକଳ୍ପ ନିଶ୍ଚୟ-୨୦୨୨ ଜୁଲାଇ ୭



ତାରିଖରୁ କାର୍ଯ୍ୟକାରୀ ହୋଇଥିଲା। ୨୦୨୨ ଜୁଲାଇରେ କରାଯାଇଥିବା ପ୍ରାରମ୍ଭିକ ସୁରକ୍ଷା ସଂସ୍କୃତି ପରିପକ୍ୱତା ସର୍ବେକ୍ଷଣରୁ ଜଣାପଡିଥିଲା ଆରଏସ୍‌ପିର ସୁରକ୍ଷା ସଂସ୍କୃତି ପ୍ରତିକ୍ରିୟାଶୀଳ ପର୍ଯ୍ୟାୟର ଶେଷରେ ଓ ପ୍ରଗତିଶୀଳ ପର୍ଯ୍ୟାୟରେ ଆରମ୍ଭ ହୋଇଥିଲା। ସୁରକ୍ଷା ବିଭାଗର ଜିଏମ ଇନଚାର୍ଜ ଆଶା କାର୍ଥା ଏହି ପ୍ରୟାସ ବିଷୟରେ ସଂକ୍ଷିପ୍ତ ତଥ୍ୟ ପ୍ରଦାନ କରିଥିଲେ।

## ଓମ୍ୟାଡସି ପର୍ଯ୍ୟବେକ୍ଷଣ ପ୍ରାଧିକାରୀଙ୍କ କୃଷି ବିଜ୍ଞାନ କେନ୍ଦ୍ର ପରିଦର୍ଶନ

**ସୁନ୍ଦରଗଡ,୬ା୬(ଜୟ ନାରାୟଣ ମେଣ୍ଟୁଲି)**

କିରେଇସ୍ଥିତ ଜିଲା କୃଷି ବିଜ୍ଞାନ କେନ୍ଦ୍ରକୁ ଓଡିଶା ଖଣିଜ ଧାରକ କ୍ଷେତ୍ର ବିକାଶ ନିଗମ (ଓମ୍ୟାଡସି) ପର୍ଯ୍ୟବେକ୍ଷଣ ପ୍ରାଧିକାରୀ ଜଷ୍ଟିସ ଅନଙ୍ଗ କୁମାର ପଟ୍ଟନାୟକ ଗୁରୁବାର ପରିଦର୍ଶନ କରିଥିଲେ। ତାଙ୍କ ସହିତ ଓମ୍ୟାଡସିର ମୁଖ୍ୟ ନିର୍ବାହୀ ଅଧିକାରୀ ଜି. ରାଜେଶ, ସିବିଏସଏଇ ପ୍ରକଳ୍ପ ସ୍ୱତନ୍ତ୍ର ଅଧିକାରୀ, ଓୟୁଏଟିର ମୁଖ୍ୟ ଗବେଷକ ପ୍ରଫେସର ହୃଶିକେଶ ପାତ୍ର, ନୋଡାଲ ଅଫିସର ପ୍ରଫେସର ପ୍ରସନ୍ନଜିତ ମିଶ୍ର, ସହ-ପ୍ରକଳ୍ପ ଗବେଷକ ଡ. ସନତ ମିଶ୍ର ଓ ଡ.ମହାମାୟା ପ୍ରସାଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପର୍ଯ୍ୟବେକ୍ଷଣ ପ୍ରାଧିକାରୀ ଓମ୍ୟାଡସି ଅନୁଦାନ ପ୍ରାପ୍ତ ଆଇସିଟି କେନ୍ଦ୍ର, ମିନି-ଆଗ୍ରୋଏଣ୍ଟରପ୍ରାଇସଜର ଶୁଭ ଉଦ୍‌ଘାଟନ କରିବା ସହିତ ମିଲେଟ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ



କରିଥିଲେ। ଏହି ଅବସରରେ କେନ୍ଦ୍ରସ୍ଥିତ ସ୍ପିରୁଲିନା ୟୁନିଟ, ନୂତନ ଭାବେ ନିର୍ମିତ ମିନି-ଆଗ୍ରୋଏଣ୍ଟରପ୍ରାଇସଜ, ଫାର୍ମ ମେସିନାରୀ ହବ, କୃଷି ବିଜ୍ଞାନ କେନ୍ଦ୍ର, ଆଗ୍ରୋପଲିଟେକନିକ ଓ ଜିଲାର ବିଭିନ୍ନ ବିଭାଗ ଦ୍ୱାରା ଆୟୋଜିତ ପ୍ରଦର୍ଶନୀକୁ ବୁଲି ଦେଖିଥିଲେ। ଏହି ଉପଲକ୍ଷେ ଆୟୋଜିତ ସଭାରେ ଜଷ୍ଟିସ ପଟ୍ଟନାୟକ ଓମ୍ୟାଡସି ସହାୟତା ପାଇଥିବା କୃଷି ଉଦ୍ୟୋଗୀ ଓ ଆଗ୍ରୋ-ପଲିଟେକ୍ନିର ଛାତ୍ରୀଛାତ୍ରଙ୍କ ସହିତ ଭାବ ବିନିମୟ କରିଥିଲେ। ଅଗ୍ରଣୀ କୃଷି ଉଦ୍ୟୋଗୀଙ୍କୁ ଷ୍ଟାର୍ଟପ କିଟ ପ୍ରଦାନ କରିଥିଲେ। ଦେବଗଡସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକଙ୍କ ଦ୍ୱାରା କିସାନ ଡ୍ରୋନ ଉଡେଇବା ସହିତ କାର୍ଯ୍ୟପ୍ରଣାଳୀ ବିଷୟରେ ବୁଝାଇଥିଲେ। କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଓମ୍ୟାଡସି ଅନୁଦାନ ପ୍ରାପ୍ତ ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ଉପରେ ପର୍ଯ୍ୟବେକ୍ଷଣ ପ୍ରାଧିକାରୀ ସନ୍ତୋଷ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମକୁ କୃଷି ବିଜ୍ଞାନ କେନ୍ଦ୍ର, ସୁନ୍ଦରଗଡ଼-୧ ଓ ୨, ଝାରସୁଗୁଡ଼ା, ଦେବଗଡ଼, ଚିପିଲିମାସ୍ଥିତ ଆଞ୍ଚଳିକ କୃଷି ଗବେଷଣା କେନ୍ଦ୍ର, ଚିପିଲିମା ଓ ଉପକେନ୍ଦ୍ର, କିରେଇ, ଆଗ୍ରୋ ପଲିଟେକ୍ନିକ ସେଣ୍ଟର, ରାଉରକେଲା, ଦେବଗଡ଼ ଓ ସମ୍ବଲପୁରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ, ବୈଜ୍ଞାନିକ, କର୍ମଚାରୀ ଓ ଛାତ୍ରୀଛାତ୍ର ମାନେ ସୁଚାରୁରୂପେ ପରିଚାଳନା କରିଥିଲେ।


କନ୍ୟା ମାତାପିତା ଡା. ସଂଯୁକ୍ତା ପଣ୍ଡା ଓ ସୁଧାଂଶୁ ଶେଖର ପଣ୍ଡା।


ବିବାହରେ ଦେବ ଦମ୍ପତିଙ୍କୁ ଉପହାର ଦେବାକୁ କ୍ରୟ କରାଯାଇଥିବା ସାମଗ୍ରୀ।

# ମା'ଙ୍କୁ କନ୍ୟାଭାବେ ପାଇବାର ସୌଭାଗ୍ୟ ମିଳିଛି

ସମ୍ବଲପୁର, ୬।୬(ପ୍ରମୋଦ ବହିଦାର)

ମା' ପାର୍ବତୀଙ୍କୁ କନ୍ୟା ରୂପେ ପାଇ ଦୀର୍ଘ ଦିନର ଅଭିଳାଶ ପୂରଣ ହୋଇଛି। ଏହା କହିଛନ୍ତି ଚଳତ ବର୍ଷ ମୁଦିପଡ଼ା ଜାଗେଶ୍ୱର ବାବା ଶୀତଳଷଷ୍ଠୀ ଯାତ୍ରାରେ ମାତା ପାର୍ବତୀଙ୍କୁ କନ୍ୟାରୂପେ ପାଇବାର ସୌଭାଗ୍ୟ ଅର୍ଜନ କରିଥିବା ଡା. ସୁଧାଂଶୁ ଶେଖର ପଣ୍ଡା ଓ ତାଙ୍କ ଧର୍ମପତ୍ନୀ ଡା. ସଂଯୁକ୍ତା ପଣ୍ଡା। ମୁଦିପଡ଼ାର ରହୁଥିବା ଉଭୟ ପତ୍ନୀ ଓ ପତି ପେଶାରେ ଚିକିତ୍ସକ। ସ୍ୱାମୀ ଡା. ସୁଧାଂଶୁ ଶେଖର ପଣ୍ଡା ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଶଲ୍ୟରୋଗ ବିଶେଷଜ୍ଞ ଭାବେ କାର୍ଯ୍ୟରତ ଥିବାବେଳେ ପତ୍ନୀ ଡା. ସଂଯୁକ୍ତା ପଣ୍ଡା ଭିମସାରରେ ଶିଶୁରୋଗ ବିଶେଷଜ୍ଞ ଅଛନ୍ତି।

କନ୍ୟାପିତା ଡା. ପଣ୍ଡା କହିଛନ୍ତି ଯେ, ଚଳିତ ବର୍ଷ ଦେବ ବିବାହ କରିବାର ସୌଭାଗ୍ୟ ଅର୍ଜନ କରିବା ଫଳରେ ତାଙ୍କ ସ୍ୱର୍ଗବାସୀ ମାତାପିତା ଦେଖିଥିବା ସ୍ୱପ୍ନ ସାକାର ହୋଇଛି। ଗତ ମେ୧୦ ତାରିଖରେ ଅକ୍ଷୟ ତୃତୀୟ ତିଥିରେ ଅନୁଷ୍ଠିତ ଥାଳଉଠାରେ ଉଭୟ ଡାକ୍ତର ଦମ୍ପତି ମାତା ପାର୍ବତୀଙ୍କ ମାତାପିତା ହେବାର ସୌଭାଗ୍ୟ ଅର୍ଜନ କରିବା ସମ୍ପର୍କରେ ନିଶ୍ଚିତ ହୋଇଥିଲେ। ସେହି ଦିନଠାରୁ ଦେବ ବିବାହ ପାଇଁ ତାଙ୍କ ପରିବାର ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ବର୍ତ୍ତମାନ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ବିବାହ ପାଇଁ ମାତା ପାର୍ବତୀଙ୍କୁ ପରମ୍ପରା ଅନୁସାରେ ଉପହାର ପାଇଁ ଖଟ, ପଲଙ୍କଠାରୁ ଆରମ୍ଭ କରି ଗଦି, ତକିଆ,

**ମୁଦିପଡ଼ା ଜାଗେଶ୍ୱର ବାବାଙ୍କ ଶୀତଳଷଷ୍ଠୀ ଯାତ୍ରା**

**■ମାମୁଘର ସହିତ ସହପାଠୀ ଆଣିବେ ମଉଳା ଭାର**

ସୁନାହାର, କର୍ଣ୍ଣଫୁଲ, ମୁଦି, ଚୁଡ଼ି, ନଥ, ମଥାମଣୀ ଆଦି ସ୍ୱର୍ଣ୍ଣ ଅଳଙ୍କାର, ରୂପାର ପାଉଁଜି, ଗୋଡ଼ମୁଦି ସହିତ ବାସନ ଆଦି ପର୍ଯ୍ୟନ୍ତ ସମସ୍ତ ଘରକରଣା ସାମଗ୍ରୀ କ୍ରୟ ହୋଇ ସାରିଛି। ସେହିପରି ବାବାଙ୍କ ପାଇଁ ରୂପାର ତ୍ରୀଶୁଳ, ଡମ୍ବରୁ, କଠଉ, ବେଲପତ୍ର ସହିତ ସୁନାମୁଦି, ମାଳି ଆଦି ମଧ୍ୟ କ୍ରୟ ହୋଇଛି। ଯୌଥ ପରିବାର ହୋଇଥିବାରୁ ବିବାହ ପ୍ରସ୍ତୁତି ଦାୟିତ୍ୱ ସମ୍ପୂର୍ଣ୍ଣ ଭାବେ ତାଙ୍କ ବଡ଼ଭାଇ, ଭାଉଜଙ୍କ ସହ ତାଙ୍କ ଭଉଣୀଙ୍କ ପରିବାର ଉପରେ ନ୍ୟସ୍ତ ରହିଛି। ଖାଲି ସେତିକୁ ନୁହେଁ ତାଙ୍କ ବନ୍ଧୁ ପରିଜନ ମଧ୍ୟ ପ୍ରସ୍ତୁତିରେ ସହଯୋଗ କରୁଛନ୍ତି ବୋଲି ସେ କହିଛନ୍ତି। ଗତ ୨୦ ତାରିଖରୁ ବିଧି ଅନୁସାରେ ବିବାହ ପାଇଁ ରୀତିନୀତି ଆରମ୍ଭ ହୋଇଛି। ଉକ୍ତଦିନ ସର୍ବ ପ୍ରଥମେ ପରମ୍ପରା ଅନୁସାର ମଙ୍ଗନ ନୀତି ଅନୁଷ୍ଠିତ ହୋଇଥିଲା। ତାପରଦିନ ଇଷ୍ଟଦେବୀ କୁମାରବନ୍ଧ ସ୍ଥିତ ମା' ସୂର୍ଯ୍ୟ ଭଟାରିକାଙ୍କୁ ନିଉତା ଦିଆଯାଇ ଦେହେରିପାଲିରେ ରହୁଥିବା ମାମୁଁ ଘରକୁ ନିଉତା ପ୍ରଦାନରୁ ନିମନ୍ତ୍ରଣ ପତ୍ର ବଣ୍ଟନ କାମ ଆରମ୍ଭ ହୋଇଥିଲା। ଏପର୍ଯ୍ୟନ୍ତ ସମସ୍ତ ବନ୍ଧୁବାନ୍ଧବଙ୍କୁ ନିମନ୍ତ୍ରଣ ପତ୍ର ବଣ୍ଟନ କାମ ସମ୍ପୂର୍ଣ୍ଣ ହୋଇ ସାରିଛି ବୋଲି କହିଛନ୍ତି ଡା. ପଣ୍ଡା। ସେ କହିଛନ୍ତ ଆସନ୍ତା ୧୦ ତାରିଖ ରାତିରେ ଲେବର କଲୋନୀ ନିକଟସ୍ଥ ପଟେଲ ଗାର୍ଡେନ୍‌ରେ ବିବାହ ଅନୁଷ୍ଠିତ ହେବ। ତେବେ ଏହାପୂର୍ବରୁ ୮ ତାରିଖରେ ମୁଦିପଡ଼ା ସ୍ଥିତ ନିଜ ଘରେ ପତରପେଣ୍ଡି(ନିର୍ବନ୍ଧ) କାର୍ଯ୍ୟକ୍ରମ ହେବ। ଉକ୍ତ ଦିନ ଜିଲା ଓ ରାଜ୍ୟ ବାହାରେ ରହୁଥିବା ପରିବାରର ବନ୍ଧୁ ପରିଜନ ଏହି ଲୌକିକ ବିବାହ ଉତ୍ସବରେ ଯୋଗଦେବା ପାଇଁ ସମ୍ବଲପୁରରେ ପହଞ୍ଚିବା କାର୍ଯ୍ୟକ୍ରମ ରହିଛି ବୋଲି କହିଛନ୍ତି ଡା. ପଣ୍ଡା। ତେବେ ବିବାହ ଉତ୍ସବରେ ପରମ୍ପରା ଅନୁସାରେ ତାଙ୍କ ମାମୁଁ ଯୋଗେଶ ଦିକ୍ଷିତଙ୍କ ଘରୁ ମଉଳା ଭାର ଆସୁଥିବା ବେଳେ ତାଙ୍କ ଧର୍ମପତ୍ନୀଙ୍କୁ ଧର୍ମଭଉଣୀ ଭାବେ ଗ୍ରହଣ କରିଥିବା ତାଙ୍କ ସହପାଠୀମାନଙ୍କ ଏକ ଗୋଷ୍ଠୀ ମଧ୍ୟ ମଉଳା ଭାର ନେଇ ଆସିବେ ବୋଲି ସେ କହିଛନ୍ତି।

# ସାମଗ୍ରିକ ବିକାଶକୁ ଗୁରୁତ୍ୱ ଦେବି: ରବି

କୁଚିଣ୍ଡା,୬।୬(ବିରଞ୍ଚି ଦର୍ଶା)


ରବିନାରାୟଣ ନାଏକ।

କୁଚିଣ୍ଡାର ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱ ଦେବି। ସମ୍ବଲପୁର ଜିଲା କୁଚିଣ୍ଡା ବିଧାନ ସଭା କ୍ଷେତ୍ରରୁ ବିପୁଳ ଜନମତ ପାଇ ବିଧାୟକଭାବେ ନିର୍ବାଚିତ ହେବା ପରେ ଏହା କହିଛନ୍ତି ରବିନାରାୟଣ ନାଏକ। ୨୪ବର୍ଷର ବିଜେଡି ସରକାରରେ ଆଦିବାସୀ ଅଧ୍ୟୁଷିତ କୁଚିଣ୍ଡା ନିର୍ବାଚନ ମଣ୍ଡଳୀରେ ଲୋକେ ମୌଳିକ ଅଧିକାରକୁ ବଞ୍ଚିତ ରହିଛନ୍ତି ବୋଲି ସେ କହିଛନ୍ତି। ସ୍କୁଲରେ ଶିକ୍ଷକ ଅଭାବ, ଡାକ୍ତରଖାନାରେ ଡାକ୍ତର ଅଭାବ, ଚାଷ ଜମିକୁ ଜଳସେଚନ ନାହିଁ, ଧାନର ଅଭାବି ବିକ୍ରୀ, ପାନୀୟଜଳ ସମସ୍ୟା, ରାସ୍ତାଘାଟ ସମସ୍ୟା, ଗରୀବ ଲୋକଙ୍କୁ ବାସଗୃହରୁ ବଞ୍ଚିତ କରିବା, ଜଙ୍ଗଲଜାତ ଦ୍ରବ୍ୟର ଉଚିତ ମୂଲ୍ୟ ନମିଳିବା ଆଦି ସମସ୍ୟା ରହିଛି। ଜନସାଧାରଣଙ୍କ ବିଶ୍ୱାସ ଓ ଭରସା ସେ ବଜାୟ ରଖିବାକୁ ଉଦ୍ୟମ କରିବେ ବୋଲି ନାଏକ କହିଛନ୍ତି।

# ବିଶ୍ୱ ପରିବେଶ ଦିବସ ପାଳିତ



ଡୁଡୁକାବାହାଲ ବନ ସୁରକ୍ଷା ସମିତି ହତିଆନାଲା ଡ୍ୟାମଠାରେ ବିଶ୍ୱ ପରିବେଶ ଦିବସ ପାଳିତ।

ଝାରସୁଗୁଡ଼ା,୬।୬(ସଞ୍ଜୟ ମାଲି)

ଝାରସୁଗୁଡା ବନଖଣ୍ଡ ଅନ୍ତର୍ଗତ ବାଗଡ଼ିହି ବନାଞ୍ଚଳ ଅଧୀନ ଡୁଡୁକାବାହାଲ ବନ ସୁରକ୍ଷା ସମିତି ହତିଆନାଲା ଡ୍ୟାମଠାରେ ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ହତିଆ ନାଳ ଡ୍ୟାମଠାରେ ବୃକ୍ଷ ରୋପଣ କରାଯାଇଥିଲା। ସେଠାରେ ପଡିଥିବା ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ସଫା କରାଯାଇଥିଲା। ଏହି ଅବସରରେ ବାଗଡ଼ିହି ବନାଞ୍ଚଳର ଅଧିକାରିଣୀ ସୁଶ୍ରୀ ବନ୍ଦନା ପସାୟତ ମୁଖ୍ୟଅତିଥି ଭାବେ ଯୋଗଦେଇ ଭୂମି ପୁନରୁଦ୍ଧାର, ମରୁଭୂମି ଏବଂ ମରୁଡ଼ି ମୁକାବିଲା ବିଷୟରେ ଆଲୋକପାତ କରିବା ସହ ହତିଆନାଲା ଡ୍ୟାମକୁ ବିଭିନ୍ନ ଜିଲାରୁ ବଣଭୋଜି କରିବା ପାଇଁ ଆସୁଥିବା ବେଳେ ହାତିଆନାଲା ଡ୍ୟାମ କିପରି ପ୍ଲାଷ୍ଟିକମୁକ୍ତ ହୋଇପାରିବ ସେ ବିଷୟରେ ଆଲୋଚନା କରିଥିଲେ। ଆଦର୍ଶ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିର୍ଦ୍ଦେଶକ ପ୍ରଦୀପ କୁମାର ବେହେରା ଅତିଥି ଭାବେ ଯୋଗଦେଇ ପ୍ଲାଷ୍ଟିକ ତିଆରି ଜିନିଷପତ୍ରକୁ ପରିହାର କରି ପରିବେଶଧର୍ମୀ ଜିନିଷପତ୍ରକୁ ଅଧିକ ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ। ପ୍ଲାଷ୍ଟିକ ପରିବର୍ତ୍ତେ ଝୋଟ ବ୍ୟାଗ ଓ କାଗଜ ତିଆରି ବ୍ୟଗ ବ୍ୟବହାର ଉପରେ ବୁଝାଇଥିଲେ। ପ୍ଲାଷ୍ଟିକର ଅପକାରିତା ଗୁଣଗୁଡିକ ଉପରେ ବିଶ୍ଳେଷଣ କରାଯାଇ ତାହାର ବ୍ୟବହାରକୁ ବର୍ଜନ କରିବା ବିଷୟରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଝାରସୁଗୁଡ଼ା କ୍ଷୁଦ୍ର ଜଳସେଚନ ବିଭାଜନ କର୍ମଚାରୀ ଶୀର୍ଷ ଦର୍ଶା ଉପସ୍ଥିତ ଥିଲେ। ଡୁଡୁକାବାହଲ ନସୁରକ୍ଷା ସମିତି ସଭାପତି, କୋଷାଦକ୍ଷ, ସଭ୍ୟସଭ୍ୟା, ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତି ଉପସ୍ଥିତ ଥିବା ବେଳେ ହତିଆ ନାଳ ଡ୍ୟାମ ଚତୁରପାର୍ଶ୍ୱରେ ଥିବା ବିଭିନ୍ନ ଚୋବିଷ ଗୋଟି ନସୁରକ୍ଷା ସମିତି ସଭ୍ୟ ସଭ୍ୟା ଉପସ୍ଥିତ ଥିଲେ। ବାଗଡ଼ିହି ବନାଞ୍ଚଳର ବନପାଳ ମୁରାରୀ ପ୍ରସାଦ ସାହୁ, ଅମୀର ପଟେଲ, ପ୍ରଦୀପ ବେଶନ, ବନରକ୍ଷୀ ବିପିନ ସା, ସୁନାଦେଇ ମେହେର, ସଙ୍ଗୀତା ନାଏକ, ଅଞ୍ଜଳି ପ୍ରଧାନ, ଟିମ ଲିଡର ଚୁଡାମଣି ବେହେରା, ଡିଓଏନଆରଏମ ଭକ୍ତି ଜେନା, ଡିଓସିଡିଏଲ ସତ୍ୟସ୍ମିତା ବେହେରା, କୋ ଶକ୍ତି ପ୍ରକାଶ ନାଏକ, ଦିବ୍ୟ ରଞ୍ଜନ ସାହୁ, ଡିଇଓ ସୁଶୀଲ ମହାପାତ୍ର, ଗତିଶ ଚନ୍ଦ୍ର ନାଏକ, ଆକାଉଣ୍ଟେଣ୍ଟ ବିକାଶ ରଞ୍ଜନ ବେହେରା ଉପସ୍ଥିତ ରହିଥିଲେ।

# ସାବିତ୍ରୀ ବ୍ରତ ମହାସମାରୋହରେ ପାଳିତ

ଝାରସୁଗୁଡ଼ା,୬।୬(ସଞ୍ଜୟ ମାଲି)

ଝାରସୁଗୁଡା ସହର ତଥା ଏହାର ଆଖପାଖ ଅଞ୍ଚଳରେ ସାବିତ୍ରୀ ବ୍ରତ ପାଳିତ ହୋଇଯାଇଛି। ସାରା ଜୀବନ ସାଧା ହୋଇ ରହିବା ପାଇଁ ଶେଷ ଜୀବନ ପର୍ଯ୍ୟନ୍ତ ଶଙ୍ଖା ଓ ମଥାର ସିନ୍ଦୁର ଅତୁଟ ରଖିବା ଓ ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ସହର ସମେତ ଆଖପାଖ ଅଞ୍ଚଳର ବିବାହିତା ମହିଳାମାନେ ଏକତ୍ରିତ ହୋଇ ସାବିତ୍ରୀ ବ୍ରତ ପାଳନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସହରର ସରବାହାଲ ଅଞ୍ଚଳର ଜଗନ୍ନାଥ ମନ୍ଦିର, ତ୍ରିନାଥ ମନ୍ଦିର, ଡାପଡା, ରୋମାଳ, ପୁରୁଣାବସ୍ତି, ବଢେଇ ମୁଣ୍ଡା, ବେହେରାମାଳ, ବିଟିଏମ, ଏକାତାଲି, ବଡ଼ମାଳ ସମେତ ଆଖପାଖ ଅଞ୍ଚଳରେ ସାବିତ୍ରୀ ବ୍ରତ ମହାସମାରୋହରେ ପାଳିତ ହୋଇଯାଇଛି। ବିବାହିତା ମହିଳାମାନେ ସକାଳୁ ସ୍ନାନ କରି ଉପବାସ କରି ଗୋଡ଼ରେ ଅଳତା ମାଖି ଓ ନୁତନ ଶାଢ଼ୀ ପରିଧାନ କରି ସାବିତ୍ରୀ ବ୍ରତ ପୂଜା ଅର୍ଚ୍ଚନା କରିଥିଲେ। ପୂଜା ସରିବା ପରେ ସମସ୍ତେ ଏକତ୍ରିତ ହୋଇ ବ୍ରତ ବହି ପାଠ କରି ଏକୋଇଶି ପ୍ରକାରର ଫଳ ଏକତ୍ରିତ କରି ପିପଳ ଗଛକୁ ପୂଜା କରିବାକୁ ଦେଖିବାକୁ ମିଳିଥିଲା। ପୂଜା ସରିବା ପରେ ଘରେ ଯାଇ ସ୍ୱାମୀଙ୍କ ଗୋଡ ଧୋଇ ବିବାହିତା ମହିଳାମାନେ ପାଣି ବୁନ୍ଦାଏ ପିଇଥିଲେ। ଗତ ଦୁଇ ଦିନ ଧରି ସହରରେ ଫଳମୂଳ ଦର ଆକାଶଛୁଆଁ ହୋଇଥିଲା। ସ୍ୱାମୀ ସ୍ତ୍ରୀ ଉଭୟ ଫଳମୂଳ କିଣିବା ଭିଡ ଦେଖିବାକୁ ମିଳିଥିଲା। ଏହି ପରିପ୍ରେକ୍ଷୀରେ ସହରର ସରାହାଲ ଜଗନ୍ନାଥ ମନ୍ଦିରରେ ଅଜୟ ମିଶ୍ର ପୂଜାର୍ଚ୍ଚନା କରିଥିବା ବେଳେ ତ୍ରିନାଥ ମନ୍ଦିରରେ ଭଜମନ ପାଣିଗ୍ରାହୀ ପୂଜାର୍ଚ୍ଚନା କରିଥିଲେ।


ଝାରସୁଗୁଡା ସହରରେ ସାବିତ୍ରୀ ବ୍ରତ ପାଳନ କରାଯାଇଛି।

# ପ୍ରତ୍ୟେକ ବ୍ୟକ୍ତି କରନ୍ତୁ ବୃକ୍ଷରୋପଣ

କୁଚିଣ୍ଡା, ୬।୬(ବିରଞ୍ଚି ଦର୍ଶା)

ସମ୍ବଲପୁର ଜିଲା କୁଚିଣ୍ଡା ଖୁଲେନ ପୋଲ ନିକଟ ଆଦିବାସୀ ଭବନ ପରିସରରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ବନପାଳ ଟିକମଚାନ୍ଦ ଚୌଧୁରୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବୃକ୍ଷରୋପଣର ଉପାଦେୟତା ବିଷୟରେ ଆଲୋଚନା କରି ଏହା ଗ୍ରୀଷ୍ମ ପ୍ରବାହକୁ ରୋକିବାରେ ବିକଳ୍ପଭାବେ କାର୍ଯ୍ୟ କରିବ। ତେଣୁ ପ୍ରତ୍ୟେକ ବ୍ୟକ୍ତିଙ୍କୁ ବୃକ୍ଷରୋପଣ କରିବାକୁ ବନପାଳ ଚୌଧୁରୀ ନିବେଦନ କରିଥିଲେ। ଏଥିରେ ରତନ ଲାଲ ସିଂ, ସରୋଜ ମେହେର, ରଜନୀ ପଟେଲ, ସାମାଜିକ କର୍ମୀ କରୁଣାକର କିଷାନ ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିମାନଙ୍କ ସହ ଲିସା ମାଝି, ସୁପ୍ରଭା ବାଘ, ସୌକିନୀ ମହାନନ୍ଦିଆ, ସୁପ୍ରଭା ଧୂରୁଆ, ଲିପୁନ ଭଇଁଷା, ଭାରତୀକାନ୍ତ ନାୟକ, ମଣିନ୍ଦ୍ର ନାୟକ, ସୁମିତ୍ରା କିଷାନ, ରମେଶ ପ୍ରଧାନ ବୃକ୍ଷରୋପଣ କରିଥିଲେ। ଶେଷରେ ରମେଶ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।


ଅତିଥିମାନେ ବୃକ୍ଷରୋପଣ କରୁଛନ୍ତି।

# ଆତ୍ମସନ୍ତୁଷ୍ଟି ପ୍ରଗତିର ପରିପନ୍ଥୀ

**ଜିଲା ଶିକ୍ଷା ବିଭାଗ ପକ୍ଷରୁ ଜିଲାର ୧୪ ମାଟ୍ରିକ ଟପ୍ପର ସମ୍ବର୍ଦ୍ଧିତ**

ସମ୍ବଲପୁର,୬।୬(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ଚଳିତବର୍ଷ ମାଟ୍ରିକ୍ ପରୀକ୍ଷାରେ ଜିଲାର ୧୪ ଟପ୍ପରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଉପଲକ୍ଷେ ଚନ୍ଦ୍ର ଶେଖର ବେହେରା ଜିଲା ସ୍କୁଲ ପ୍ରେକ୍ଷାଳୟରେ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ସମ୍ବଲପୁର ଜିଲା ଶିକ୍ଷାଧିକାରୀ ମୀନାରାଣୀ ମଙ୍ଗଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ସୁମା ଖାତୁନ୍, ଏମ୍. ସୁମିତା, ଲକ୍ଷ୍ମୀପ୍ରିୟା ରାଉତ, ଶୁଭଶ୍ରୀ ଶତପଥୀ, ଆୟୁଷ ପଟ୍ଟନାୟକ, ଜସ୍ମିନ୍ ସାହୁ, ପଙ୍କଜ ପୃଷ୍ଟେଠ୍, ଧୀରଜ କୁମାର ଭୋଇ, ଦିନେଶ ପଟେଲ, କାହ୍ନା ପଶାୟତ, ଆୟୁଶ କୁମାର ନାଏକ, ଦୀପ୍ତିମୟୀ ସାହୁ, ବିନାୟକ ବାରିକ ବାରିକ, ସ୍ୱସ୍ତିକ କୁମାର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହ କାର୍ଯ୍ୟକ୍ରମରେ ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ମୁଖ୍ୟଅତିଥିଭାବେ ଯୋଗଦେଇ କହିଥିଲେ ଆତ୍ମସନ୍ତୁଷ୍ଟି ପ୍ରଗତିର ପରିପନ୍ଥୀ। ବିନା ପରିଶ୍ରମ ବା ଅଳ୍ପ ପରିଶ୍ରମରେ ମିଳିଥିବା ଫଳରେ ଆତ୍ମ ସନ୍ତୋଷ ମିଳିଗଲେ ଅଧିକ ଉନ୍ନତି ସମ୍ଭାବନା କ୍ଷୀଣ ହୋଇଯାଏ। କଠିନ ଅଧ୍ୟାବସାୟ ଓ ଏକାଗ୍ରତାରେ ସାଜୁଥିବା ପ୍ରତିବନ୍ଧକର ଦୃଢ଼ତାର ସହିତ ସମ୍ମୁଖିନ ହୋଇ ଆଗକୁ ଅଗ୍ରସର ହେଲେ ସଫଳତା ପ୍ରାପ୍ତି ନିଶ୍ଚିତ ହୋଇଥାଏ। ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ସଫଳତାରେ ମାତାପିତାଙ୍କ ଆତ୍ମସମ୍ମାନ ଲୁଚି ରହିଥାଏ ବୋଲି ସେ କହିଥିଲେ।

ସଭାପତିତ୍ୱ ଅଭିଭାଷଣରେ ଜିଲା ଶିକ୍ଷାଧିକାରୀ ମଙ୍ଗଳ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ସମୟର ସଦୁପଯୋଗ କରି ସଫଳତାର ଶୀର୍ଷ ଛୁଇଁ ନିଜର ଭବିଷ୍ୟତ ଗଠନ ଦିଗରେ ବ୍ରତୀ ହେବାକୁ ପରାମର୍ଶ ଦେଇଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଜୟଶ୍ରୀ ଦୋରା ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ରଖିଥିବା ନିଜ ବକ୍ତବ୍ୟରେ କହିଥିଲେ ଯେ, କଠିନ ପରିଶ୍ରମ ହିଁ ଲକ୍ଷ୍ୟ ହାସଲର ଚାବିକାଠି। ଏଥିରେ ଧନକଉଡ଼ା ବ୍ଲକ୍ ଗୋଷ୍ଠୀ ଶିକ୍ଷାଧିକାରୀ ସେବାଶ୍ରୀ ଭୋଇ ମଞ୍ଚାସୀନ ଥିଲେ। ଚନ୍ଦ୍ର ଶେଖର ବେହେରା ଜିଲା ସ୍କୁଲର ପ୍ରଧାନଶିକ୍ଷକ ଲୋକିତା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ବାଲିବନ୍ଧା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ସିନ୍ନି ବାଡ଼ା, ଲେଡିଲୁଇସ୍ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁଜିତ କୁମାର ଲୁହା, ଜିଲା ବିଜ୍ଞାନ ନିରୀକ୍ଷକ ପାର୍ଥସାରଥୀ ପ୍ରଧାନ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସଞ୍ଜୁକ୍ତା କୁଲୁଙ୍କ ସମେତ ସମ୍ବର୍ଦ୍ଧିତ ସମସ୍ତ ୧୪ଜଣ ଛାତ୍ରୀଛାତ୍ର ଅଧ୍ୟୟନରତ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ, ପ୍ରଧାନଶିକ୍ଷୟିତ୍ରୀ, ସହକାରୀ ଶିକ୍ଷୟିତ୍ରୀଶିକ୍ଷକ ଓ ଅଭିଭାବକମାନେ ଉପସ୍ଥିତ ଥିଲେ। ଜେଣ୍ଡର୍ କୋଅର୍ଡିନେଟର୍ ଅବିନାଶ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ଦୀପାଳୀ ଚୌଧୁରୀ, ରାକ୍ଷୀ ମହାପାତ୍ର, ଶିକ୍ଷୟିତ୍ରୀ ମାଧୁରୀମା ପାଣିଗ୍ରାହୀ, ଦମୟନ୍ତୀ ପାଣ୍ଡିଆ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବରିଷ୍ଠ ଶିକ୍ଷକ ହରି ନାରାୟଣ ପଣ୍ଡା, ସମୀର କୁମାର ବାବୁ, ଚିତ୍ତରଞ୍ଜନ ଗଡ଼ତିଆ, ଅରୁଣ କୁମାର ଦାଶ, ପୁରୁଷୋତ୍ତମ ପ୍ରହରାଜ, ପୁଷ୍ପଲତା ରାଉତରାୟ, ରବିନାରାୟଣ ସାହୁ, ସନ୍ତୋଷ କୁମାର ମହାପାତ୍ର, ଅନୀତା ପଣ୍ଡା, ବିଜୟ କୁମାର ନାଏକ, ଆଲୋକ କୁମାର ଜ୍ୟୋତିଷୀ, ମନୋଜ ଓଝା, ଅନୁପମା ମହାପାତ୍ର, ନନ୍ଦ କିଶୋର ଧଳ, ଶଙ୍କର ପାଢ଼ୀ, ପ୍ରଶାନ୍ତ କୁମାର ବାରିକ, ବିଶ୍ୱେଶ୍ୱର ପାଣିଗ୍ରାହୀ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।


ଅତିଥି, ଅଧିକାରୀଙ୍କ ସହ ସମ୍ବର୍ଦ୍ଧିତ ଜିଲାର ମାଟ୍ରିକ ଟପ୍ପରମାନେ।

